୭ ଦେଶ ପ୍ରଥମ, ସର୍ବଦା ପ୍ରଥମ
ମନୋଭାବ ନେଇ ଆଗକୁ ବଢ଼ନ୍ତୁ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

E-mail : sambadkalikanews@gmail.com

The Sambad Kalika

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper
NS-EN ISO 9001:2008




୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୫୦ ● ୧୯ ମାର୍ଚ୍ଚ ୨୦୨୫, ବୁଧବାର ● ଭୁବନେଶ୍ୱର ● Vol -32 ● Issue-50 ● 19th March 2025, Wednesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

### ମହିଳା ଓ ନାବାଳିକା ଦୁଷ୍କର୍ମ ବୃଦ୍ଧି ଘଟଣା ନେଇ ସରକାରଙ୍କୁ ଘେରିଲେ ବିରୋଧୀ

## ଏ ସରକାର ସମୟରେ ଅପରାଧ ଓ ଅପରାଧୀଙ୍କୁ ଧୂଳିସାତ୍ କରିଦିଆଯିବ

**ଭୁବନେଶ୍ୱର, ୧୮।୩**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ବିଭିନ୍ନ ଅଞ୍ଚଳରେ ମହିଳା ଓ ଶିଶୁ ନିର୍ଯ୍ୟାତନା, ଦୁଷ୍କର୍ମ ଘଟଣା ବୃଦ୍ଧି ପାଉଥିବା ଏବଂ ଅନୁଗୁଳ ଜିଲ୍ଲାରେ ୫ ବର୍ଷର କୋମଳମତି ଝିଅର ଧର୍ଷଣ ଓ ହତ୍ୟା ଘଟଣାରେ ସରକାର ନୀରବଦ୍ରଷ୍ଟା ସାଜିଥିବା ନେଇ ବିରୋଧୀ ଦଳ ପକ୍ଷରୁ ମଙ୍ଗଳବାର ବିଧାନସଭାରେ ମୁଲତବୀ ପ୍ରସ୍ତାବ ଆଗତ କରାଯାଇଥିଲା । ବିରୋଧୀ ଦଳ ଉଭୟ ବିଜେଡ଼ି ଏବଂ କଂଗ୍ରେସର ବିଧାୟକମାନେ ଏହି ଘଟଣା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ । ମୁଲତବୀ ପ୍ରସ୍ତାବ ଉପରେ ଗୃହରେ ଦୀର୍ଘ ସମୟ ଧରି ସରଗରମ ଆଲୋଚନା ହୋଇଥିଲା ।

ବିରୋଧୀ ଦଳରୁ ପ୍ରଥମେ କଂଗ୍ରେସ ବିଧାୟକ ଅଶୋକ କୁମାର ଦାସ, ସୋଫିଆ ଫିର୍ଦ୍ଦୋଷ, ବିଜେଡ଼ି ବିଧାୟିକା ପ୍ରମିଳା ମଲ୍ଲିକ, ଗୌତମବୁଦ୍ଧ ଦାସ ଏହି ଆଲୋଚନାରେ ଭାଗ ନେଇ ରାଜ୍ୟ



ସରକାର ନାବାଳିକା ଓ ମହିଳା ଧର୍ଷଣ, ଅତ୍ୟାଚାର ଘଟଣାରେ ସମ୍ପୃକ୍ତ ଅପରାଧୀମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହୋଇଥିବା ଅଭିଯୋଗ ଉଠାଇବା ସହ ସରକାରଙ୍କୁ କଟୁ ଭାଷାରେ ସମାଲୋଚନା କରିଥିଲେ । କଂଗ୍ରେସ ଦଳର ବିଧାୟକମାନେ ନାରୀ ସୁରକ୍ଷା ପ୍ରସଙ୍ଗରେ ସରକାର ତୁରନ୍ତ ସର୍ବଦଳୀୟ ବୈଠକ ଡକାଇ ଗୃହ କମିଟି ଗଠନ କରିବାକୁ ଦାବି ଜଣାଇଥିଲେ । ଅନ୍ୟ ପକ୍ଷରେ ବିଜେଡ଼ି ବିଧାୟିକା ପ୍ରମିଳା ମଲ୍ଲିକ ରାଜ୍ୟରେ ବଢି ଚାଲିଥିବା ମହିଳା ଓ ଶିଶୁ ଦୁଷ୍କର୍ମ ଘଟଣା ନେଇ ଉଦ୍‌ବେଗ ପ୍ରକାଶ କରିବା ସହିତ ଏଥିପାଇଁ ସରକାରଙ୍କୁ ଦାୟୀ କରିଥିଲେ ଏବଂ ଏହି ପ୍ରସଙ୍ଗରେ ସରକାର ଗୃହରେ 'ଶ୍ୱେତପତ୍ର' ଉପସ୍ଥାପନ କରନ୍ତୁ ବୋଲି ଦାବି ଉଠାଇଥିଲେ ।

ତେବେ ଶାସକ ଦଳ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ଓ ସନାତନ ବିଜୁଳି ନାରୀ ସୁରକ୍ଷା ପ୍ରସଙ୍ଗରେ କଂଗ୍ରେସ ଦଳ ବିରୁଦ୍ଧରେ ପାଲଟା ଅଭିଯୋଗ ଆଣିବା ସହ ବିଗତ ସରକାରଙ୍କ ସମୟରେ ରାଜ୍ୟରେ ଆଇନ ଶୃଙ୍ଖଳା ଓ ନାରୀ ସୁରକ୍ଷା କଥା ହେଉନଥିଲା କି ବୋଲି ପ୍ରଶ୍ନ ଉଠାଇଥିଲେ ।

ମୁଲତବୀ ପ୍ରସ୍ତାବ ଆଲୋଚନାର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ, ବିଗତ ୯ ମାସର ଅବଧି ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ହୋଇଥିବା ମହିଳା ଓ ଶିଶୁ ଜନିତ ଅପରାଧ ଘଟଣାରେ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କରିଛନ୍ତି । ବିଗତ ୨୪ବର୍ଷରେ ଯେଉଁଳି କାର୍ଯ୍ୟାନୁଷ୍ଠାନ ହେଉନଥିଲା ତାହା ଏବେ ୯ ମାସରେ ଅଧିକ ହୋଇଛି । ବର୍ତ୍ତମାନ ସରକାରଙ୍କ ଆଭିମୁଖ୍ୟ ସମ୍ପୂର୍ଣ୍ଣ ସ୍ପଷ୍ଟ ରହିଛି । ଅପରାଧ ଓ ଅପରାଧୀଙ୍କୁ ସମ୍ପୂର୍ଣ୍ଣ ଧୂଳିସାତ *(ପୃଷ୍ଠା ୭ରେ)*

## ନିଯୁକ୍ତି ମେଳା: ୫ ବିଭାଗରେ ୮୧୨ ଜଣଙ୍କୁ ନିଯୁକ୍ତି ପତ୍ର

**ଭୁବନେଶ୍ୱର, ୧୮।୩**
**ନ୍ୟୁଜ୍ ବ୍ୟୁରୋ**

ସରକାରୀ ଚାକିରୀ ସର୍ବଦା ଜନସେବା ପାଇଁ ଉତ୍ସର୍ଗୀକୃତ । ତେଣୁ ନିଜକୁ ଜନସାଧାରଣଙ୍କର ସେବକ ଭାବେ ସାଧାରଣ ଲୋକଙ୍କ ଆଶା, ଆକାଂକ୍ଷାକୁ ପୂରଣ କରିବା ଏବଂ ସେମାନଙ୍କ ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇ ରହିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର କୃଷି ଶିକ୍ଷା ସଦନ ଠାରେ ଆୟୋଜିତ ନିଯୁକ୍ତି ମେଳାରେ ଯୋଗଦେଇ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଆପଣମାନେ ଲୋକଙ୍କ ସେହି ଭରସାକୁ କୌଣସି ସମୟରେ କିମ୍ବା କୌଣସି ପରିସ୍ଥିତିରେ ଭାଙ୍ଗିବେ ନାହିଁ ବୋଲି ମୋର ଆଶା । ଆପଣଙ୍କ ଦ୍ୱାରା ନିଆଯାଇଥିବା ପ୍ରତ୍ୟେକ ନିଷ୍ପତ୍ତି ଏବଂ କାର୍ଯ୍ୟ ଜନମଙ୍ଗଳ ଉପରେ ଆଧାରିତ ହେବା ଉଚିତ୍ ।

ଏହି ନିଯୁକ୍ତି ମେଳାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମୁଦାୟ ୫ଟି ବିଭାଗର ୮୧୨ ଜଣ ନବନିଯୁକ୍ତମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିବା ସହ ପରାମର୍ଶ ଦେଇ ସେମାନଙ୍କ



କାର୍ଯ୍ୟଦକ୍ଷତା ଓ ସାମର୍ଥ୍ୟ ଉପରେ ଆସ୍ଥା ପ୍ରକାଶ କରିଛନ୍ତି ।

ସୂଚନା ଯୋଗ୍ୟଯେ, ମଙ୍ଗଳବାର ସ୍ୱାସ୍ଥ୍ୟ ବିଭାଗର ଆୟୁଷ ନିର୍ଦ୍ଦେଶାଳୟରେ ୪୪୨ ଜଣ ଆୟୁଷ ଆସିଷ୍ଟାଣ୍ଟ, କୃଷି ବିଭାଗରେ ୬୫ ଜଣ ମୃତ୍ତିକା ସଂପ୍ରସାରଣ ଅଧିକାରୀ ଏବଂ ୩୩ ଜଣ ସହକାରୀ ଉଦ୍ୟାନ କୃଷି ଅଧିକାରୀ, ଶକ୍ତି ବିଭାଗରେ ୪୮ ଜଣ ମ୍ୟାନେଜମେଣ୍ଟ ଟ୍ରେନି, ଜଳ ସମ୍ପଦ ବିଭାଗରେ ୧୨ଜଣ କନିଷ୍ଠ ସହାୟକ ଓ ୧୪ ଜଣ ଅମିନ ଏବଂ ଇସ୍ପାତ ଓ ଖଣି ବିଭାଗରେ ୧୮୯ ଜଣ କନିଷ୍ଠ ଖଣି ଅଧିକାରୀ ଓ ୯ ଜଣ କନିଷ୍ଠ ସହାୟକଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ମାନଙ୍କୁ ଉଦବୋଧନ ଦେଇ କହିଥିଲେ ଯେ, ବିକାଶ ଧାରାକୁ କ୍ରିୟାଶୀଳ ଏବଂ ଫଳପ୍ରସୂ କରିବା ଦିଗରେ ଦକ୍ଷ ଓ ଉତ୍ତମ ମାନବ ସମ୍ବଳ ଅପରିହାର୍ଯ୍ୟ । ଦକ୍ଷ ମାନବ ସମ୍ବଳ ମାଧ୍ୟମରେ ସରକାରୀ ବ୍ୟବସ୍ଥା ସକ୍ରିୟ *(ପୃଷ୍ଠା ୭ରେ)*

## ଆଇଏଏସ୍ ସ୍ତରରେ ଅଦଳବଦଳ



**ଭୁବନେଶ୍ୱର, ୧୮।୩**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାର ଆଇଏଏସ୍ ସ୍ତରରେ ଏକ ଛୋଟ ଧରଣର ଅଦଳବଦଳ କରିଛନ୍ତି । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ଲଘୁ ଖଣିଜାତ (ମାଇନର ମିନେରାଲ୍ସ)ର ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ରାଜ୍ୟ ଯୋଗାଣ ନିଗମର ଏମ୍‌ଡି ଦାୟିତ୍ୱ ଦିଆଯାଇଛି । ସେହିପରି ଯୋଗାଣ ନିଗମର ଏମ୍‌ଡି ଥିବା ଶୁଭମ୍ ସାକ୍ସେନାଙ୍କୁ କୃଷି ଓ ଖାଦ୍ୟ ଉତ୍ପାଦନ ବିଭାଗର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି । ଏହା ବ୍ୟତୀତ ଡିଟିଇଟି ନିର୍ଦ୍ଦେଶକ ଥିବା ସମର୍ଥ *(ପୃଷ୍ଠା ୭ରେ)*

### ମେଟ୍ରୋ ରୁଟ୍‌କୁ ନେଇ ତର୍ଜମା ଚାଲିଛି

## ତ୍ରିଶୂଳିଆ ନୁହେଁ କଟକ ପର୍ଯ୍ୟନ୍ତ ଗଡିବ ମେଟ୍ରୋ

**ଭୁବନେଶ୍ୱର, ୧୮।୩**
**ନ୍ୟୁଜ୍ ବ୍ୟୁରୋ**

ମେଟ୍ରୋ ରୁଟ୍‌କୁ ନେଇ ହାଇପାୱାର କମିଟି ତର୍ଜମା କରୁଛି ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରକାଶ କରିଛନ୍ତି । ସେ କହିଛନ୍ତି ପୂର୍ବ ସରକାର ଯେଉଁ ମେଟ୍ରୋ ପ୍ରକଳ୍ପର ପରିକଳ୍ପନା କରିଥିଲେ ତାହା ତ୍ରିଶୁଳିଆ ପର୍ଯ୍ୟନ୍ତ ରହିଥିଲା । ଏହା କେତେଦୂର କାର୍ଯ୍ୟକ୍ଷମ ହେବ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି । ଟେକ୍ନିକାଲ ଲୋକଙ୍କୁ ରଖି ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି ଏବଂ ଏହି କମିଟି ସର୍ଭେ ମଧ୍ୟ କରିଛି । ଖୁବଶୀଘ୍ର ଏହାକୁ କାର୍ଯ୍ୟକାରୀ କରାଯିବ । କେଉଁଠୁ କେଉଁ ପର୍ଯ୍ୟନ୍ତ ଗଲେ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ ସେ ନେଇ କମିଟି ତର୍ଜମା



କରୁଛି ।

ରାଜ୍ୟରେ ମେଟ୍ରୋ ପ୍ରକଳ୍ପର ଆବଶ୍ୟକତା ରହିଛି । ଏୟାରପୋର୍ଟରୁ ତ୍ରିଶୁଳିଆ ପର୍ଯ୍ୟନ୍ତ କରାଯାଇଥିଲା, ଏହା କେତେଦୂର ଯୁକ୍ତିଯୁକ୍ତ । ଲୋକେ ତ୍ରିଶୁଳିଆ ପର୍ଯ୍ୟନ୍ତ ଯାଇ କଣ କରିବେ, କଟକ ପର୍ଯ୍ୟନ୍ତ ଯିବାର ଆବଶ୍ୟକତା ରହିଛି । ସେହିଭଳି ଅନ୍ୟାନ୍ୟ ସ୍ଥାନକୁ ମଧ୍ୟ ଯିବାର ଆବଶ୍ୟକତା ରହିଛି । କମିଟି ଅନୁଧ୍ୟାନ କରୁଛି ଏବଂ ଏହାର ପରିଧିକୁ ବିସ୍ତୃତ କରାଯିବ ଏବଂ ଏହି ପ୍ରକଳ୍ପକୁ ବାତିଲ କରାଯିବ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି । ଲୋକଙ୍କ ସରକାର ଲୋକଙ୍କର ଯାହା ଆବଶ୍ୟକତା ତାହା କରିବେ । । ନନ୍ଦନକାନନ ରୋଡ଼ରେ ତିନିଥାକିଆ ରୋଡ଼ ହେବ ଏବଂ ତା ସହିତ ମେଟ୍ରୋ ମଧ୍ୟ ଚାଲିବ ବୋଲି ମନ୍ତ୍ରୀ କହିଛନ୍ତି ।

ମେଟ୍ରୋ ପ୍ରକଳ୍ପ ପାଇଁ ଏପର୍ଯ୍ୟନ୍ତ ୩୯୩ କୋଟି ଖର୍ଚ୍ଚ କରି ସାରିଲେଣି ସରକାର । ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନ ଲିମିଟେଡ଼କୁ ଫି ଏବଂ ବିବିଧ ଖର୍ଚ୍ଚ ବାବଦକୁ ଏହି ଟଙ୍କା ଦେଇଛନ୍ତି ରାଜ୍ୟ ସରକାର ବୋଲି ମନ୍ତ୍ରୀ କହିଛନ୍ତି ।

## ପ୍ରଥମ ଶ୍ରେଣୀ ନାମଲେଖା ପାଇଁ ବୟସ ୬ ବର୍ଷ ବା ତଦୁର୍ଦ୍ଧ୍ୱ ହେବା ଜରୁରୀ

**ଭୁବନେଶ୍ୱର, ୧୮।୩**
**ନ୍ୟୁଜ୍ ବ୍ୟୁରୋ**

ପ୍ରଥମ ଶ୍ରେଣୀରେ ନାମଲେଖା ନେଇ ବୟସ ଦ୍ୱନ୍ଦ୍ୱ ଦୂର କରିଛି ଶିକ୍ଷା ବିଭାଗ । ପ୍ରଥମ ଶ୍ରେଣୀରେ ନାମଲେଖା ପାଇଁ ପିଲାର ବୟସ ୬ ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ହେବା ଜରୁରୀ । ୨୦୨୫-୨୬ ଶିକ୍ଷା ବର୍ଷରୁ ଏହି ନୂଆ ନିୟମ ଲାଗୁ ହେବ । ମାର୍ଚ୍ଚ ୩୧ ପରିବର୍ତ୍ତେ ଆସନ୍ତା ସେପ୍ଟେମ୍ବର ୧ ତାରିଖକୁ ବୟସ ସୀମା ଧରାଯିବ । ସେପ୍ଟେମ୍ବର ୧ ତାରିଖ ସୁଦ୍ଧା ଶିଶୁର ବୟସ ୬ ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ହେଲେ ପ୍ରଥମ ଶ୍ରେଣୀରେ ନାମ ଲେଖାଇପାରିବେ ।

ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମଙ୍ଗଳବାର ଏକ୍ସ ମାଧ୍ୟମରେ ଏହି ସୂଚନା ଦିଆଯାଇଛି । ଏଥିରେ କୁହାଯାଇଛି ଯେ ବିଭିନ୍ନ ଶିକ୍ଷାବିତ ଓ ବିଶେଷଜ୍ଞମାନଙ୍କ ସହିତ ଆଲୋଚନା ପରେ ଛାତ୍ରଛାତ୍ରୀମାନଙ୍କର ଉତ୍କୃଷ୍ଟ



ଶୈକ୍ଷିକ ବିକାଶ ପାଇଁ ଜାତୀୟ ଶିକ୍ଷା ନୀତି-୨୦୨୦ରେ ପ୍ରଥମ ଶ୍ରେଣୀରେ ନାମ ଲେଖାଇବା ବୟସକୁ ୬ (ଛଅ) ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ଧାର୍ଯ୍ୟ କରାଯାଇଛି ।

ଆମ ରାଜ୍ୟରେ ଜାତୀୟ ଶିକ୍ଷା ନୀତି-୨୦୨୦ କୁ ୨୦୨୫-୨୬ ଶିକ୍ଷାବର୍ଷ ଠାରୁ ପ୍ରଚଳନ ପାଇଁ ନିଷ୍ପତ୍ତି ନିଆଯାଇଛି ଏବଂ ପ୍ରଥମ ଶ୍ରେଣୀରେ ନାମ ଲେଖାଇବା ବୟସସୀମାକୁ ୬ ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ଧାର୍ଯ୍ୟ କରାଯାଇଛି ।

ଏତଦବ୍ୟତୀତ, ଛାତ୍ରଛାତ୍ରୀମାନଙ୍କ ସୁବିଧା ନିମନ୍ତେ ଏହି ୬ ବର୍ଷ ବୟସ ପୂର୍ତ୍ତି ସମୟସୀମାକୁ ମାର୍ଚ୍ଚ ମାସ ୩୧ ତାରିଖ ପରିବର୍ତ୍ତେ ସେପ୍ଟେମ୍ବର ମାସ ୧ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି ।

### ପ୍ରଶ୍ନ କାଳରେ ନିଜ ଆସନରେ ଠିଆ ହୋଇ ନୀରବ ପ୍ରତିବାଦ ଜଣାଇଲେ କଂଗ୍ରେସ ବିଧାୟକ

**ଭୁବନେଶ୍ୱର, ୧୮।୩**
**ନ୍ୟୁଜ୍ ବ୍ୟୁରୋ**

ମଙ୍ଗଳବାର ବିଧାନସଭାର ପ୍ରଶ୍ନକାଳ ସମୟରେ କଂଗ୍ରେସ ବିଧାୟକମାନେ ରାଜ୍ୟରେ ମହିଳା ନିର୍ଯାତନା ନେଇ ପ୍ରତିବାଦ ସ୍ୱରୂପ ନିଜ ନିଜ ଆସନରେ ଠିଆ ହୋଇ ରହିଥିଲେ । ଲଗାତାର ତିନି ଦିନ ଧରି କଂଗ୍ରେସ ବିଧାୟକମାନେ ସେମାନଙ୍କ ପ୍ରତିବାଦ ଜାରି ରଖିଛନ୍ତି । ସୋମବାର ବୈଠକ ଆରମ୍ଭରୁ ପୁରା ପ୍ରଶ୍ନକାଳ ସରିବା ପର୍ଯ୍ୟନ୍ତ ଦୀର୍ଘ ଏକ ଘଣ୍ଟା ଧରି ସେମାନେ ମୁହଁ ଓ ବେକରେ କଳାପଟି ବାନ୍ଧି ହାତରେ ପୋଷ୍ଟର ଧରି ନିଜ ଆସନରେ ଠିଆ ହୋଇ ପ୍ରତିବାଦ ଜଣାଇଥିଲେ ।

## ଆଧାର ସହ ଲିଙ୍କ ହେବ ଭୋଟର ପରିଚୟ ପତ୍ର

**ନୂଆଦିଲ୍ଲୀ, ୧୮।୩**

ଦେଶର ଭୋଟର ତାଲିକା ବ୍ୟବସ୍ଥାରେ ଏକ ବଡ଼ ସଂସ୍କାର ଆସିବାକୁ ଯାଉଛି । ଦେଶର ଭୋଟରମାନଙ୍କୁ ଦିଆଯାଇଥିବା ଭୋଟର ପରିଚୟ ପତ୍ର ସହ ଆଧାର ନମ୍ବର ଲିଙ୍କ ହେବ । ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଆଧାର ଓ ଭୋଟର ପରିଚୟପତ୍ର ସଂଯୋଗ ନେଇ ନିର୍ବାଚନ କମିଶନର ଏବଂ ୟୁଆଇଡିଏଆଇର ବରିଷ୍ଠ ଅଧିକାରୀଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ଖୁବ ଶୀଘ୍ର ଆଧାର କାର୍ଡ ପ୍ରଦାନ କରୁଥିବା ସଂସ୍ଥା ୟୁଆଇଡିଏଆଇ ଓ ନିର୍ବାଚନ କମିଶନଙ୍କ ଅଧିକାରୀଙ୍କ ମଧ୍ୟରେ ଏ ନେଇ ଆଲୋଚନା ହେବ । ୟୁଆଇଡିଏଆଇର ବରିଷ୍ଠ ଅଧିକାରୀଙ୍କ ସହ ହୋଇଥିବା ବୈଠକରେ ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା । ଭୋଟର ପରିଚୟ ପତ୍ର ସହ ଆଧାରକୁ କିପରି ଲିଙ୍କ କରାଯାଇପାରିବ ସେ ନେଇ ବ୍ୟାପକ ଆଲୋଚନା ହୋଇଥିଲା । ଆଗାମୀ ଦିନରେ ନିର୍ବାଚନ ଆୟୋଗ ଏବଂ ଆଧାର କାର୍ଡ ପ୍ରଦାନ କରୁଥିବା ଏଜେନ୍ସି ୟୁଆଇଡିଏଆଇର ଅଧିକାରୀମାନେ ଏକାଠି ବସି ଭୋଟର ପରିଚୟ ପତ୍ର ଓ ଆଧାର ସଂଯୋଗ ଯୋଜନାକୁ କିପରି ଆଗକୁ ବଢ଼ାଇପାରିବେ ସେ ନେଇ ସମସ୍ତ ବୈଷୟିକ ଦିଗ ଉପରେ ଆଲୋଚନା କରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି ।

## ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଖର୍ଚ୍ଚ ଦାବି ଗୃହୀତ

**ଭୁବନେଶ୍ୱର, ୧୮।୩**
**ନ୍ୟୁଜ୍ ବ୍ୟୁରୋ**

ମଙ୍ଗଳବାର ବିଧାନସଭାରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ତାଙ୍କ ବିଭାଗର ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ଯଥାକ୍ରମେ ୩୬୫୫ କୋଟି ୮୨ ଲକ୍ଷ ୮୧ ହଜାର ଟଙ୍କା, ୧୩୧୯ କୋଟି ୭୮ ଲକ୍ଷ ୯୮ ହଜାର ଏବଂ ୪୮୧ କୋଟି ୮୨ ଲକ୍ଷ ୮୪ ହଜାର ଟଙ୍କାର ଖର୍ଚ୍ଚ ଦାବି ଆଗତ କରିଥିଲେ । ଏହି ତିନି ବିଭାଗ ଖର୍ଚ୍ଚ ଦାବି ଉପରେ ଗୃହରେ ମିଳିତ ଭାବେ ଆଲୋଚନା ହୋଇଥିଲା । ତେବେ ଏହା ପୂର୍ବରୁ କଂଗ୍ରେସ ଦଳର ବିଧାୟକମାନେ ନାରୀ ସୁରକ୍ଷା ପ୍ରସଙ୍ଗରେ ଗୃହ କମିଟି ଗଠନ ଦାବି ନେଇ ସରକାର କୌଣସି ଘୋଷଣା ନ କରିବା ପ୍ରତିବାଦରେ କକ୍ଷତ୍ୟାଗ କରିଥିଲେ । ଏହାପରେ ଖର୍ଚ୍ଚ ଦାବି ଉପରେ ଆଲୋଚନା ଆରମ୍ଭ କରି ପ୍ରଥମେ ବିରୋଧୀ ଦଳରୁ ବିଜେଡ଼ି ବିଧାୟକ ବ୍ୟୋମକେଶ ରାୟ ଅଭିଯୋଗ କରିଥିଲେ ଯେ, ପୂର୍ବ ସରକାରଙ୍କ ସମୟରେ ରାଜ୍ୟରେ ୨୫ଟି ପର୍ଯ୍ୟନ୍ତ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ସହ ଉଚ୍ଚଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଘଟିଥିଲା ବେଳେ ବର୍ତ୍ତମାନର ସରକାର ଏପର୍ଯ୍ୟନ୍ତ ସେଭଳି କୌଣସି ଆଖିଦୃଶିଆ କାର୍ଯ୍ୟକ୍ରମ ଗ୍ରହଣ କରିନାହାଁନ୍ତି । ବରଂ ଉଚ୍ଚଶିକ୍ଷା ବିଭାଗର ବଜେଟକୁ କାଟ କରିଛନ୍ତି । ଓଡ଼ିଆ ଅସ୍ମିତା ପ୍ରସଙ୍ଗ ପ୍ରଚାର କରି କ୍ଷମତାକୁ ଆସିଥିବା ବିଜେପି ସରକାରର ବରିଷ୍ଠ ବିଧାୟକ ଓଡ଼ିଶାର ଏକତା ଓ ଅଖଣ୍ଡତା ନେଇ ଯେଉଁ ପ୍ରଶ୍ନ ଉଠାଇଛନ୍ତି, ମୁଖ୍ୟମନ୍ତ୍ରୀ ଏପର୍ଯ୍ୟନ୍ତ ତାର ଉତ୍ତର ରଖିନାହାଁନ୍ତି । ଏହା କେତେଦୂର ଓଡ଼ିଶାର ସ୍ୱାର୍ଥ ରକ୍ଷା କରୁଛି ବୋଲି ସେ ପ୍ରଶ୍ନ କରିବା ସହ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ଦିଗରେ ସରକାର କ'ଣ ପଦକ୍ଷେପ ନେଇଛନ୍ତି ବୋଲି ପ୍ରଶ୍ନ କରିଥିଲେ । ଏହି ଖର୍ଚ୍ଚଦାବି ଆଲୋଚନାରେ ବିଧାୟକ ସର୍ବଶ୍ରୀ ସନାତନ ବିଜୁଳି, ଧ୍ରୁବଚରଣ ସାହୁ, ସାରଦା ପ୍ରଧାନ, ଦେବୀ ରଞ୍ଜନ ତ୍ରିପାଠୀ, *(ପୃଷ୍ଠା ୭ରେ)*

### ୨ ବର୍ଷରେ ୭୩ ହଜାରରୁ ଊର୍ଦ୍ଧ୍ୱ ପ୍ରବାସୀ ଶ୍ରମିକ ରାଜ୍ୟ ବାହାରକୁ ଯାଇଛନ୍ତି

**ଭୁବନେଶ୍ୱର, ୧୮।୩**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ସରକାର ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ (ନିଯୁକ୍ତି ନିୟନ୍ତ୍ରଣ ଏବଂ ସେବା ସର୍ତ୍ତାବଳୀ) ଆଇନ, ୧୯୭୯ର ବ୍ୟବସ୍ଥା ଅନୁଯାୟୀ, ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟର ୧,୧୧୨ ଜଣ ଠିକାଦାରଙ୍କୁ ୭୩,୯୭୩ ଜଣଙ୍କୁ ରାଜ୍ୟ ବାହାରେ ପ୍ରବାସୀ ଶ୍ରମିକ ଭାବରେ କାମ କରିବାକୁ ପଠାଇବା ପାଇଁ ଲାଇସେନ୍ସ ପ୍ରଦାନ କରିଛନ୍ତି ।

ମଙ୍ଗଳବାର ବିଧାନସଭାରେ ବିଜେଡ଼ି ବିଧାୟକ ସାରଦା ପ୍ରସାଦ ନାୟକଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଶ୍ରମ ଏବଂ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଏହି ସୂଚନା ଦେଇଛନ୍ତି ।

### ଏକାଳ ପଖାଳ



ଯୁଆଡେ ଦେଖିବ ଅପମିଶିରଣ
କେଉଁ ଗୋଟା ଖାଣ୍ଟି ନୁହଁ
ନକଲି ଖାଇ କି ଛାଟିପିଟି ହୋଇ
ପ୍ରାଣ ଛାଡିଯିବ ଦେହ
କଣ କରିବା କୁହ ?
ଅଫିସର ଅଭାବ କହିଣ ନେତା
ଶୁଖେଇ ଦିଅନ୍ତି ମୁହଁ ।

## ତାତିରୁ ମିଳିବ ଆଶ୍ୱସ୍ତି, ଆଜିଠାରୁ ବିଭିନ୍ନ ସ୍ଥାନରେ କୁଆପଥର ବର୍ଷା ସମ୍ଭାବନା



**ଭୁବନେଶ୍ୱର, ୧୮।୩**
**ନ୍ୟୁଜ୍ ବ୍ୟୁରୋ**

ତାତିରୁ ମିଳିବ ଆଶ୍ୱସ୍ତି । କୁଆପଥର ବର୍ଷା ସହ ପାଗରେ ହେବ ପରିବର୍ତ୍ତନ । କାଳବୈଶାଖୀର ପ୍ରଭାବରେ ରାଜ୍ୟରେ ହେବ ବର୍ଷା । ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ଏବଂ ପବନ ପାଇଁ ସତର୍କତା ଜାରି କରିଛି ପାଣିପାଗ କେନ୍ଦ୍ର । ଗତ ୨୪ ଘଣ୍ଟାରେ ବୌଦ୍ଧ ଜିଲ୍ଲାରେ ୪୦ ଡିଗ୍ରୀ ଉପରେ ତାପମାତ୍ରା ରହିଥିଲା । ଆଗାମୀ ୨୪ ଘଣ୍ଟାରେ କିଛି ସ୍ଥାନରେ ହିଟ ୱେଭର ସମ୍ଭାବନା ରହିଛି । ବରଗଡ଼, ସମ୍ବଲପୁର, ସୁବର୍ଣ୍ଣପୁର, ବୌଦ୍ଧ ଜିଲ୍ଲାର କିଛି ସ୍ଥାନରେ ହିଟ ୱେଭ ସତର୍କତା ଜାରି କରାଯାଇଛି । ବୁଧବାର ଭଦ୍ରକ, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକା ବର୍ଷା ସହ ଘଡଘଡି ବିଜୁଳି ସହ ବର୍ଷା ସମ୍ଭାବନା ରହିଛି । ଆଗାମୀ ଦୁଇ ଦିନ ମଧ୍ୟରେ କାଳବୈଶାଖ ପାଇଁ ସତର୍କତା ନାହିଁ । ୨୦ ଓ ୨୧ ତାରିଖରେ ହାଲୁକା ବର୍ଷା, ଘଡଘଡି ବିଜୁଳି ସହ ଝଡ଼ ପବନ ହେବାର ସମ୍ଭାବନା ରହିଛି । ଏହି ସମୟରେ ୪୦ ରୁ ୫୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି ସେଥିପାଇଁ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, *(ପୃଷ୍ଠା ୭ରେ)*

## ମହାକୁମ୍ଭ ରୂପରେ ପୂରା ଦୁନିଆ ଦର୍ଶନ କଲା ଭାରତ : ମୋଦି

**ନୂଆଦିଲ୍ଲୀ, ୧୮।୩**

ମଙ୍ଗଳବାର ଲୋକସଭାରେ ପ୍ରଧାନମନ୍ତ୍ରୀ ମୋଦି ସମ୍ବୋଧନ କରିଛନ୍ତି । ପ୍ରଥମେ ମହାକୁମ୍ଭର ସଫଳ ଆୟୋଜନ ପାଇଁ ଉତ୍ତର ପ୍ରଦେଶ ପ୍ରଶାସନ ଏବଂ ଜନତାଙ୍କୁ ଧନ୍ୟବାଦ ଜଣାଇଛନ୍ତି । ମୋଦି କହିଛନ୍ତି ମହାକୁମ୍ଭ ଜରିଆରେ ରାଷ୍ଟ୍ରୀୟ ଚେତନାର ଦର୍ଶନ ହେଲା । ମହାକୁମ୍ଭ ରୂପରେ ପୂରା ଦୁନିଆ ଭାରତ ଦର୍ଶନ କଲା । ସବ କା ପ୍ରୟାସ ର ଏହା ସାର୍ଥକ ରୂପ ଦେଶର କୋଣ ଅନୁକୋଣରେ ଧାର୍ମିକ ଚେତନା ଜାଗ୍ରତ ହୋଇଛି । ମହାକୁମ୍ଭରୁ ଅନେକ ଅମୃତ ବାହାରିଛି, ସେଥିମଧ୍ୟରୁ ଏକତା ଅନ୍ୟତମ ।



ମହାକୁମ୍ଭରେ ଏକତାର ବିରାଟ ରୂପ ଦେଖିବାକୁ ମିଳିଲା । ଅହଂ ତ୍ୟାଗ କରି ମୁଁ ନୁହେଁ, ଆମେ ଭାବନାରେ ଏକାଠି ହେଲେ ସଙ୍ଗମ ତୁଠରେ ବୁଡ ପକାଇବା । ଏକ ଭାରତ, ଶ୍ରେଷ୍ଠ ଭାରତର ଝଲକ୍ ଅନେକତାରେ ଏକତା ଭାରତର ବିଶେଷତ୍ୱ, ଯାହାକୁ ମୁଁ ମହାକୁମ୍ଭରେ *(ପୃଷ୍ଠା ୭ରେ)*

## ମାରୱାଡି ମହିଳା ସମିତି ପକ୍ଷରୁ ନିଆରା ଢଙ୍ଗରେ ହୋଲି ଉତ୍ସବ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଶରାସ ସ୍ଥିତ ତ୍ରୀଶକ୍ତି ମନ୍ଦିର ପ୍ରାଙ୍ଗଣରେ ମାରୱାଡି ମହିଳା ସମିତିର କେନ୍ଦୁଝର ଶାଖା ଦ୍ୱାରା ଆୟୋଜିତ ଶ୍ରୀକୃଷ୍ଣ ଏବଂ ରାଧାଙ୍କର ଫୁଲର ହୋଲି ଖେଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କେମିକାଲ୍ ମୁକ୍ତ ହୋଲି ପାଳି ଏକ ଉଦାହରଣ ପାଲଟିଛନ୍ତି ଏହି ମାରୱାଡି ମହିଳା ସମିତିର ସଦସ୍ୟ ମାନେ। ଏଥି ସହ ଅସାଧାରଣ କାର୍ଯ୍ୟ ପାଇଁ ସାବିତ୍ରୀ ଦେବୀଙ୍କୁ ମହିଳା ସଶକ୍ତିକରଣ ପ୍ରମୁଖ ସୀମା ଅଗ୍ରୱାଲ ଏବଂ ତାଙ୍କର ୪୫ ଜଣ ସଦସ୍ୟଙ୍କ ଉପସ୍ଥିତିରେ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମାରୱାଡି ମହିଳା ସମିତିର ଅଧ୍ୟକ୍ଷ ସୁନୀତା ଅଗ୍ରୱାଲ, ସଚିବ ମମତା ଅଗ୍ରୱାଲ ଏବଂ କୋଷାଧ୍ୟକ୍ଷ ସରିତା କେଡିଆ ତଥା ଅନ୍ୟମାନେ ଉପସ୍ଥିତ ଥିଲେ।

# ୮ ଦିନ ହେଲା ଛୁଟିରେ ସ୍ୱାସ୍ଥ୍ୟ ମିଶନ କର୍ମଚାରୀ:ଜିଲ୍ଲାରେ ସ୍ୱାସ୍ଥ୍ୟସେବା ପ୍ରଭାବିତ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଜନସ୍ୱାସ୍ଥ୍ୟ ପରିଚାଳନା ପଦବୀ ସୃଷ୍ଟି ଓ ଚାକିରୀ ସ୍ଥାୟୀକରଣ ଦାବିରେ ଜାତୀୟ ସ୍ୱାସ୍ଥ୍ୟ ମିଶନରେ କାର୍ଯ୍ୟରତ ଠିକା କର୍ମଚାରୀଙ୍କ ଆନ୍ଦୋଳନ ଅଷ୍ଟମ ଦିନରେ ପହଞ୍ଚିଥିଲା ବେଳେ ସୁବର୍ଣ୍ଣପୁର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରେ ନାନା ସମସ୍ୟା ପରିଲକ୍ଷିତ ହୋଇଛି। ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟ ଏବେ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରୁ ଏନ୍‌ଏଚ୍‌ଏମ୍ ଠିକା କର୍ମଚାରୀ ମାନେ ଛଅ ଦିନ ଧରି ଭୁବନେଶ୍ୱରରେ ଧାରଣା ଦେଉଛନ୍ତି। ସୁବର୍ଣ୍ଣପୁର ଜିଲ୍ଲାରୁ ୮୦ ରୁ ଅଧିକ ଠିକା କର୍ମଚାରୀ ଏହି ଆନ୍ଦୋଳନରେ ସାମିଲ୍ ହୋଇଛନ୍ତି। ଫଳରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଏନ୍‌ଏଚ୍‌ଏମ୍ କାର୍ଯ୍ୟାଳୟରେ ତାଲା ପଡ଼ିଥିବା ଦେଖିବାକୁ ମିଳିଛି। ଜିଲ୍ଲାରେ କାର୍ଯ୍ୟକାରୀ ହୋଇଥିବା ୨୭ରୁ ଅଧିକ ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନା ପରିଚାଳନା କ୍ଷେତ୍ରରେ ଏବେ ନାନା ସମସ୍ୟା ଦେଖାଦେଇଛି। ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅନ୍ତର୍ଗତ ଜନ୍ମରୁ ୧୮ ବର୍ଷ ଶିଶୁ ମାନେ ଉନ୍ନତମାନର ଚିକିତ୍ସା ପାଇଁ ଜିଲ୍ଲା ବାହାରକୁ ଯାଇପାରୁ ନାହାନ୍ତି। ରେଫେରାଲ୍ ମ୍ୟାନେଜ୍‌ମେଣ୍ଟ, ଟିକାକରଣ





ବାଧାପ୍ରାପ୍ତ ହୋଇଛି। ଅମ୍ଳାନ କାର୍ଯ୍ୟକ୍ରମ ଅନ୍ତର୍ଗତ ରକ୍ତହୀନତାର ଚିହ୍ନଟିକରଣ ହୋଇପାରୁନାହିଁ। ୫୦ ରୁ ଉର୍ଦ୍ଧ୍ୱ ହିମୋଗ୍ଲୋବିନ୍ ମିଟର ଅଚଳ ହୋଇ ଜିଲ୍ଲାରେ ପଡ଼ି ରହିଛି। ମ୍ୟାନେଜ୍‌ମେଣ୍ଟ କର୍ମଚାରୀମାନେ ଧାରଣାରେ ଥିବାରୁ ଅଚଳ ମେସିନ୍ ଗୁଡିକର ମରାମତି କାର୍ଯ୍ୟ ହୋଇପାରୁନାହିଁ। ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ନିୟୋଜିତ କର୍ମଚାରୀମାନେ (STS) ଧାରଣାରେ ଥିବାରୁ ଜିଲ୍ଲାରେ ଥିବା ୨୬୨ ଜଣ ଯକ୍ଷ୍ମା ରୋଗୀଙ୍କୁ ପ୍ରତ୍ୟେକ ମାସ ଦିଆଯାଉଥିବା ଏକ ହଜାର ଲେଖାଏଁ ପୋଷଣ ରାଶି ପ୍ରଦାନ କରାଯାଇପାରୁନାହିଁ। ଜିଲ୍ଲାରେ ଏହି ସମୟ ମଧ୍ୟରେ ୧୧୨ ରୁ ଅଧିକ ପ୍ରସବ ହୋଇଥିବା ବେଳେ ପ୍ରସୂତି ମହିଳା ମାନଙ୍କୁ ଜନନୀ ଶିଶୁ ସୁରକ୍ଷା ଅଧୀନ ୧୪୦୦ ଟଙ୍କା ଓ ଗସ୍ତ ଖର୍ଚ୍ଚ ୫୦୦ ଟଙ୍କା ପ୍ରଦାନ କରାଯାଇ ପାରୁନାହିଁ। ଜିଲ୍ଲାରେ ୧୬ଟି ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିରର ନିର୍ମାଣ କାର୍ଯ୍ୟ ଧିମେଇ ଯାଇଛି। ଆଉଟ୍ ସୋର୍ସିଙ୍ଗରେ ନିୟୋଜିତ ଥିବା ସଫେଇ କର୍ମଚାରୀ, ସୁରକ୍ଷାକର୍ମୀ, ଆଟେଣ୍ଡାଣ୍ଟ ମାନଙ୍କର ମାସିକ ପାରିଶ୍ରମିକ ବନ୍ଦ ରହିଛି ଯାହାଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସ୍ୱାସ୍ଥ୍ୟ ବିଭାଗର ୨୭ରୁ ଅଧିକ ପୋର୍ଟାଲ୍‌ରେ ଡାଟା ଏଣ୍ଟ୍ରି ହୋଇପାରୁନାହିଁ। ଜିଲ୍ଲାରେ ଥିବା ହେପାଟାଇଟିସ୍ ରୋଗୀଙ୍କୁ ଔଷଧ ସହ ଚିକିତ୍ସାରେ ବାଧା ପ୍ରାପ୍ତ ଦେଖା ଦେଲାଣି । କର୍ମଚାରୀ ମାନଙ୍କ ଆପତ୍ତି ଅନୁସାରେ ୨୦୦୫ ମସିହାରୁ ଏହି ଠିକା କର୍ମଚାରୀମାନେ ଅଳ୍ପ ବେତନରେ କାର୍ଯ୍ୟ କରିଆସୁଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ସେମାନଙ୍କୁ ନିୟମିତ କରାଯାଇନାହିଁ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ଚୋରା ମଦ ବିକ୍ରି କରି ୨ କୋର୍ଟ ଚାଲାଣ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଥାନା ଇଲାକା ଛୋଟା ବସା ଅଞ୍ଚଳରେ ରବିବାର ଦିନ ସନ୍ଧ୍ୟା ୭ଟା ସମୟରେ ରମ୍ଭା ପୋଲିସର ଅତର୍କିତ ଚଢ଼ଉ କରି ବେଆଇନ୍ ମଦ ବିକ୍ରି କରୁଥିବା ଅଭିଯୋଗରେ ୨ଜଣ ବ୍ୟକ୍ତିଙ୍କୁ କୋର୍ଟ ଫରୱାର୍ଡ ହୋଇଥିବା ରମ୍ଭା ଥାନା ଆଇଆଇସି କୁମାର ମୁଦୁଲି ସୂଚନା ଦେଇଛନ୍ତି। ବେଆଇନ୍ ଭାବେ ଛୋଟା ବସା ଅଞ୍ଚଳରେ ୩୦ ଲିଟରରୁ ଉର୍ଦ୍ଧ୍ୱ ଦେଶୀ ମଦ ବିକ୍ରି କରୁଥିବା ବେଳେ



ଜବତ କରାଯାଇଛି। ହୋଲିକୁ ଦୃଷ୍ଟିରେ ରଖି ମଦ ଦୋକାନ ବନ୍ଦ ରହିବାକୁ କଟକଣା ଜାରି କରାଯାଇଥିଲା। ଉଭୟଙ୍କୁ ଗିରଫ କରାଯାଇ ୨୦୦/୨୫ ଓ ୨୦୧/୨୫ ରେ ମାମଲା ରୁଜୁ ହୋଇଥିବା ରମ୍ଭା ଥାନା ସୂତ୍ରରୁ ପ୍ରକାଶ।





## ୨୯ରେ ଛତ୍ରପୁର ଓକିଲ ସଂଘ ନିର୍ବାଚନ

**ଛତ୍ରପୁର, ନ୍ୟୁଜ୍ ବ୍ୟୁରୋ**

ଛତ୍ରପୁର ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଲାଗି ବୃତ୍ତାନ୍ତ ପ୍ରାର୍ଥୀ ତାଲିକା ଗୁରୁବାର ପ୍ରକାଶ ପାଇଛି । ଉଭୟ ସଭାପତି ଓ ସମ୍ପାଦକ ପଦବୀ ଲାଗି ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଥିବା ବେଳେ ଉପସଭାପତି ପଦବୀ ପାଇଁ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ । ଏଥିଲାଗି ୨୯ ତାରିଖରେ ଭୋଟ ଗ୍ରହଣ ଏବଂ ପରେ ଗଣତି ହେବ ବୋଲି ସୂଚନା ଦିଆଯାଇଛି । ଅନ୍ୟ ୫ ପଦବୀ ପାଇଁ ଗୋଟିଏ ଲେଖାଏଁ ପ୍ରାର୍ଥୀ ଥିବାରୁ ଉକ୍ତ ସମସ୍ତ ପଦବୀ ଅପ୍ରତିଦ୍ୱନ୍ଦ୍ୱୀ ରହିଛି ଏବଂ ଏଥିଲାଗି ଭୋଟ ଗ୍ରହଣ ହେବନି । ମିଳିଥିବା ସୂଚନା ଅନୁସାରେ ସଭାପତି ପାଇଁ ପ୍ରଦୀପ କୁମାର ପାତ୍ର ଓ ସଞ୍ଜୟ କୁମାର ବେହେରା, ଉପସଭାପତି ପାଇଁ ଗୌରହରି କୁମାର ପଟ୍ଟନାୟକ, ଚେତନ ପ୍ରଧାନ ଓ ସମୀର କୁମାର ପାଣିଗ୍ରାହୀ ଏବଂ ସମ୍ପାଦକ ପାଇଁ ଏସ୍.ଶ୍ୟାମ କୁମାର ରାଓ ଓ ସୁରେଶ କୁମାର ପଟ୍ଟନାୟକଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି । ସଂଘର ଯୁଗ୍ମ ସମ୍ପାଦକ ଭାବେ ଅନାମ ଚନ୍ଦ୍ର ପ୍ରଧାନ, ସହକାରୀ ସମ୍ପାଦକ ଭାବେ କି.ଜେବାକ ଶେଖର ରେଡ୍ଡୀ, କୋଷାଧ୍ୟକ୍ଷ ଭାବେ ପ୍ରଦୀପ କୁମାର ପଲାଇ, ଲାଇବ୍ରେରୀ ସମ୍ପାଦକ ଭାବେ ବିଶ୍ୱଭୂଷଣ ପାଢ଼ୀ, କାର୍ଯ୍ୟକାରୀ ସଭ୍ୟ ଭାବେ ଶିବ ପ୍ରସାଦ ସାହୁ ଅପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି ।



## ସାଇ ହାୟାର ସେକେଣ୍ଡାରୀ ସ୍କୁଲ୍‌ର +୨ ବିଜ୍ଞାନ ଓ କଳା ବିଭାଗର ପ୍ରବେଶିକା ମେଧାବୃତ୍ତି ପରୀକ୍ଷା

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବାରିପଦା ସ୍ଥାନୀୟ ତକତପୁର ସ୍ଥିତ ସାଇ ହାୟାର ସେକେଣ୍ଡାରୀ ସ୍କୁଲ୍ (ସାଇ କଲେଜ) ପକ୍ଷରୁ ରବିବାର ୧୬ତାରିଖ ସାଇ ଜିନିୟସ୍ ଟେଷ୍ଟ ମେଧାବୃତ୍ତି ପରିକ୍ଷା ଅନୁଷ୍ଠିତ ହୋଇଯାଇଛି । ମାଟ୍ରିକ୍ ପରୀକ୍ଷା ଦେଇଥିବା ୩୨୪ ଜଣ ଛାତ୍ର ଛାତ୍ରୀ ଏବଂ ସେମାନଙ୍କ ଅଭିଭାବକ ଏହି ମେଧାବୃତ୍ତି ପରୀକ୍ଷାରେ ଯୋଗଦାନ କରିଥିଲେ । କୃତକାର୍ଯ୍ୟ ହୋଇଥିବା ଛାତ୍ର ଛାତ୍ରୀଙ୍କୁ ୫,୦୦୦/- ରୁ ୧୦,୦୦୦/- ଟଙ୍କା ପର୍ଯ୍ୟନ୍ତ ମେଧାବୃତ୍ତି ରାଶି ମିଳିବା ସହ ସାଇ ହାୟାର୍ ସେକେଣ୍ଡାରୀ ସ୍କୁଲରେ +୨ ବିଜ୍ଞାନ ଏବଂ କଳା ବିଭାଗରେ ନାମ ଲେଖାଇବାର ସୁଯୋଗ ପାଇପାରିବେ । ଆସନ୍ତା ଏପ୍ରିଲ୍ ୩ ତାରିଖରୁ (ଗୁରୁବାର) ପ୍ରଥମ ବର୍ଷ ପାଠପଢା ଆରମ୍ଭ ହେବାର ସ୍ଥିରୀକୃତ ହୋଇଛି । ଏଥିନିମନ୍ତେ ନାମଲେଖା ପ୍ରକ୍ରିୟା ଜାରି ରହିଛି । ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିବା ଛାତ୍ରଛାତ୍ରୀ ଆଗାମୀ ମାର୍ଚ୍ଚ ୨୩ ତାରିଖ (ରବିବାର) ପୁଣିଥରେ ମେଧାବୃତ୍ତି ପରୀକ୍ଷା ଦେବାର ସୁଯୋଗ ପାଇପାରିବେ । ଏହି ଅବସରରେ ଆୟୋଜିତ ସଭାରେ ବିଦ୍ୟାଳୟର ଉପାଧ୍ୟକ୍ଷ ଜ୍ୟୋତିଶଙ୍କର ମିଶ୍ର ପୌରୋହିତ୍ୟ କରିଥିବା ବେଳେ ବିଦ୍ୟାଳୟର ନିର୍ଦ୍ଦେଶକ ଅମୀୟ ଶଙ୍କର ସାହୁ, ସାଇ ଡିଗ୍ରୀ କଲେଜର ଅଧକ୍ଷ ଡ. ରଣଜିତ କୁମାର ସାହୁ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବରିଷ୍ଠ ଆଚାର୍ଯ୍ୟ ବିଷ୍ଣୁ ଚରଣ ମହାନ୍ତ, ପ୍ରାଣୀ ବିଜ୍ଞାନର ବରିଷ୍ଠ ପ୍ରାଧ୍ୟାପକ ବିଶ୍ୱରଞ୍ଜନ ଘୋଷ ଏବଂ ବିଦ୍ୟାଳୟର ସମସ୍ତ କର୍ମଚାରୀ ବିଦ୍ୟାର୍ଥି ମାନଙ୍କୁ ଉତ୍ସାହିତ କରିଥିଲେ ।

# କେନ୍ଦୁଝର ଜିଲ୍ଲାରେ ଅଦ୍ୟାବଧି ୨୭, ୩୧୮ ଜଣ ମହିଳା ଲକ୍ଷପତି ଦିଦି

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ସ୍ଥିତ ଅଡିଟୋରିୟମ୍ ଠାରେ ଓଡ଼ିଶା ଜୀବିକା ମିଶନ ଓ ମିଶନ୍ ଶକ୍ତି ବିଭାଗର ମିଳିତ ଆନୁକୂଲ୍ୟରେ ଲକ୍ଷପତି ଦିଦି ମାନଙ୍କୁ ନେଇ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଶାଳ ସିଂହ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ଅଭିଭାଷଣରେ ଜିଲ୍ଲା ପ୍ରଶାସନ ସଦା ସର୍ବଦା ମହିଳା ମାନଙ୍କୁ ଅର୍ଥନୈତିକ ସ୍ୱାଧୀନତା ଓ ଉଦ୍ୟୋଗ ମାଧ୍ୟମରେ ସଶକ୍ତ କରିବା ପାଇଁ କାର୍ଯ୍ୟ କରୁଥିବା କହିଥିଲେ। ଆହୁରିମଧ୍ୟ ମହିଳା ମାନଙ୍କୁ ବିଭିନ୍ନ ଜୀବିକା ଉପରେ କୌଶଳ ବୃଦ୍ଧି ଉପରେ ଧ୍ୟାନ ଦିଆଯାଇ ସେମାନଙ୍କ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସହ ସାମାଜିକ ସଚେତନତା ସୁଦୃଢ଼ କରାଯିବା ପାଇଁ ନିରନ୍ତର ପ୍ରୟାସ କରାଯାଉଛି ଏବଂ ଜିଲ୍ଲା ପ୍ରଶାସନ ସବୁବେଳେ ମା' ମାନଙ୍କ ସହ ଛିଡା ହୋଇଥିବା ଜିଲ୍ଲାପାଳ ଶ୍ରୀ ସିଂହ କହିଥିଲେ । ଏଥିସହିତ ଲକ୍ଷପତି ଦିଦି ଭାବରେ ନିଜକୁ ପ୍ରତିଷ୍ଠା କରିପାରିଥିବା ସମସ୍ତ ମହିଳା ମାନଙ୍କୁ ଶୁଭେଚ୍ଛା ଜଣାଇବା





ସହ ସେମାନଙ୍କ ଉଦ୍ୟୋଗ ସଫଳ ହେବା ନେଇ କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପର୍ଶୁରାମ ବେହେରା, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ଡାକ୍ତର ଚନ୍ଦ୍ରଶେଖର ରଥ ଓ ନାବାର୍ଡର ଅଧିକାରୀ ଦୀପ୍ତିକାନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ବ୍ଲକରୁ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ମାନେ ଉପସ୍ଥିତ ରହିବା ସହିତ ନିଜ ନିଜ ପଞ୍ଚାୟତ ପାଇଁ ଯେଉଁମାନେ ସବୁ ନିଜ ଜୀବିକା ଜରିଆରେ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜି ନିଜକୁ ଜଣେ ଜଣେ ଲକ୍ଷପତି ଦିଦି ଭାବେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ସେମାନେ ନିଜର ଅଭିଜ୍ଞତା ସର୍ବ ସମ୍ମୁଖରେ ବାଣ୍ଟି ଥିଲେ । ଏହି ଅବସରରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଲକ୍ଷପତି ଦିଦି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସୂଚନାଯୋଗ୍ୟ କେନ୍ଦୁଝରେ ଜିଲ୍ଲାରେ ଏଯାବତ୍ ୨୭,୩୧୮ ଜଣ ମହିଳା ଲକ୍ଷପତି ହୋଇପାରିଛନ୍ତି ଏବଂ ଆଗକୁ ଏହି ସଂଖ୍ୟା ପ୍ରାୟ ୬୦ ହଜାର ଛୁଇଁବାର ଆଶା ରଖାଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ଓଡ଼ିଶା ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ ପରିଚାଳକ ପବିତ୍ର ମୋହନ ବାରା ସଂଯୋଜନା କରିଥିଲା ବେଳେ ଜିଲ୍ଲା ପ୍ରକଳ୍ପ ସଂଯୋଜିକା ସମ୍ବିଧା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ବରୀରେ ଜନ ଅଭିଯୋଗ ଶୁଣାଣି:୧୩୩ ମାମଲା ପଞ୍ଜିକୃତ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ବରୀ ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୧୩୩ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୬୮ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୦ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୫୫ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୬୫ଟି ଅଭିଯୋଗର ତତ୍କାଳ ପ୍ରଶାସନ କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଭାରପ୍ରାପ୍ତ ଉପ ଜିଲ୍ଲାପାଳ ଲମ୍ବୋଦର ଖୁଣ୍ଟିଆ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବରୀ, ଅସିତ୍ କୁମାର ମହାନ୍ତି, ଭାରପ୍ରାପ୍ତ ତହସିଲଦାର, ବରୀ କଲ୍ୟାଣ ମିଶ୍ର ଜିଲ୍ଲା ସ୍ତରୀୟ ଅଧିକାରୀ, ଗୋଷ୍ଠୀ ସ୍ତରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଶେଷରେ ଭିନ୍ନକ୍ଷମ ମାନଙ୍କୁ ୭ଟି ଟ୍ରାଇ ସାଇକେଲ ବଣ୍ଟନ କରାଯାଇଥିଲା। ଯେଉଁଥିରେ କି ହରବିବସନ୍ତ, ସାହୁପଦା, ବରୀର ଦିଲ୍ଲିପ କୁମାର ସାମଲ, ବାଲିକିଳି ବରୀର ମାନଗୋବିନ୍ଦ ପତିଙ୍କୁ ଟ୍ରାଇ ସାଇକଲ ପ୍ରଦାନ କରାଯାଇଥିଲା।

# ଏଫ୍‌ଏମ୍‌ୟୁରେ ଆଟ୍‌ମୋସ୍‌ଫିଅରିକ୍ ସାଇନ୍ସ ପି.ଜି ପାଠ୍ୟକ୍ରମ ପାଇଁ ନାମଲେଖା ଜାରି

**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ସ୍ଥିତ ଓଡ଼ିଶାର ପ୍ରତିଷ୍ଠିତ ଫକୀରମୋହନ ବିଶ୍ୱବିଦ୍ୟାଳୟ, ଓଡ଼ିଶା ତଥା ଓଡ଼ିଶା ବାହାର ରାଜ୍ୟ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆଟ୍‌ମୋସ୍‌ଫିଅରିକ୍ ସାଇନ୍ସରେ ପି.ଜି ପାଠ୍ୟକ୍ରମରେ ଗତ ଦୁଇବର୍ଷ ଠାରୁ ଶିକ୍ଷାଦାନ ଜାରି ରଖିଛି। ଚଳିତ ୨୦୨୫-୨୬ ଶିକ୍ଷାବର୍ଷରେ ଏହି ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଚଳିତ ମାର୍ଚ୍ଚ ମାସ ୧୦ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ଦରଖାସ୍ତ ଆବେଦନର ପ୍ରଣାଳୀ ସାମ୍ସ୍ ୱେବ୍ ପୋର୍ଟାଲ୍‌ରେ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଆବେଦନ ପାଇଁ ଛାତ୍ରଛାତ୍ରୀମାନେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଗଣିତ, କମ୍ପ୍ୟୁଟର ବିଜ୍ଞାନ, ଭୂତତ୍ତ୍ୱ କିମ୍ବା ଭୂଗୋଳ, ଅଥବା ପରିବେଶ ବିଜ୍ଞାନରେ ସ୍ନାତକରେ





ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ। ଏଥି ମଧ୍ୟରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଆଟ୍‌ମୋସ୍‌ଫିଅରିକ୍ ସାଇନ୍ସ ବିଭାଗ 'ସମୁଦ୍ର ଓ ବାୟୁମଣ୍ଡଳ ବିଜ୍ଞାନରେ ସାମ୍ପ୍ରତିକ ଧାରା' ପ୍ରସଙ୍ଗରେ ଏକ ଜାତୀୟ ସମ୍ମିଳନୀ ସଫଳତାର ସହ ଆୟୋଜନ କରିଛି। ଏଥିରେ ଦେଶର ବିଭିନ୍ନ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଯଥା ଆଇଆଇଟି, ଏନ୍‌ଆଇଟି, ସିଏସ୍‌ଆର୍ ନ୍ୟାସ୍‌ନାଲ୍ ଲ୍ୟାବ୍ ତଥା ଆଇଏମ୍‌ଡିର ବିଶେଷଜ୍ଞ, ବୈଜ୍ଞାନିକ ଓ ଗବେଷକ ମାନେ ଯୋଗଦେଇ ବିଜ୍ଞାନର ଏହି ବିଭାଗରେ ହୋଇଥିବା ଗବେଷଣା ଭିତ୍ତିକ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଭାରତ ସରକାରଙ୍କ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର ଏହି ସମ୍ମିଳନୀରେ ଉପସ୍ଥିତ ହୋଇ ଛାତ୍ରଛାତ୍ରୀମାନଙ୍କୁ ଯୁବ ପାଣିପାଗ ବିଜ୍ଞାନୀ, ସମୁଦ୍ର ବିଜ୍ଞାନୀ, ବାୟୁମଣ୍ଡଳ ବିଜ୍ଞାନୀ ମାନଙ୍କ ଭୂମିକା ତଥା ବୃତ୍ତିଗତ ଚାହିଦା ଉପରେ ଆଲୋକପାତ କରି ଆଟ୍‌ମୋସ୍‌ଫିଅରିକ୍ ସାଇନ୍ସରେ ନିଜର କ୍ୟାରିୟର ଚୟନ କରିବାକୁ ଉତ୍ସାହିତ କରିଥିଲେ। ଉଲ୍ଲେଖଯୋଗ୍ୟ, ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦୃଷ୍ଟିକୋଣ, ପ୍ରେରଣା ଓ ଉଦ୍ୟମରେ ଆରମ୍ଭ ହୋଇପାରିଥିବା ଏହି ନୂତନ ପାଠ୍ୟକ୍ରମଟି ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ଓଡ଼ିଶାରେ ଏହି ପାଠ୍ୟକ୍ରମ ପ୍ରଦାନ କରୁଥିବା ପ୍ରଥମ ବିଶ୍ୱବିଦ୍ୟାଳୟ ଭାବେ ସ୍ଥାନିତ ହେବା ସହ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଛାତ୍ରଛାତ୍ରୀଙ୍କ ନୂତନ ଭବିଷ୍ୟତ ଓ ଆଗାମୀ ବର୍ଷରେ ଏହି ପାଠ୍ୟକ୍ରମ ଦ୍ୱାରା ଅନେକ ନିଯୁକ୍ତିର ସମ୍ଭାବନାକୁ ଲକ୍ଷ୍ୟ ନେଇ ବିଶ୍ୱବିଦ୍ୟାଳୟର ଆଟ୍‌ମୋସ୍‌ଫିଅରିକ୍ ବିଜ୍ଞାନ ବିଭାଗ ପକ୍ଷରୁ ଆଗ୍ରହୀ ଛାତ୍ରଛାତ୍ରୀମାନଙ୍କୁ ଏଥିରେ ଆବେଦନ ନିମନ୍ତେ ସୂଚୀତ କରାଯାଇଛି।

## ଗୋପାଳ ମାନଙ୍କ ଦୋଳ ମେଳଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଗୋପାଳ ମାନଙ୍କ ଦୋଳ ମେଳଣ ପସ୍ତା ମଠ ପରିସରରେ ସଭାପତି ନିମାଇଁ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ଦୋଳଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲା ଯାଦବ ମହାସଂଘର ସଭାପତି ପ୍ରଭାକର ପଲାଇ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ କାର୍ଯ୍ୟକାରୀ ସଭାପତି ଧିରେନ୍ଦ୍ର ପ୍ରସାଦ ପୃଷ୍ଟି ମାହାଲର ପୂର୍ବତନ ସଭାପତି ଜଗନ୍ନାଥ ଦାସ, ଉପ ସଭାପତି ଛବି ପ୍ରସାଦ ମହାକୁଳ, କେନ୍ଦ୍ରାପଡା ନଗର ସଭାପତି ଅଜୟ କୁମାର ଦାସ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଉକ୍ତ ସଭାରେ ଯାଦବ ମାନଙ୍କର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିବା ସହ ଦୋଳ ମେଳଣର ଉଦ୍‌ଯାପନୀ ଉତ୍ସବରେ ଅଂଶ ଗ୍ରହଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମୀର ଦାସ, ପିତାମ୍ବର ଦାସ, ନିତ୍ୟାନନ୍ଦ ଦାସ ଇତ୍ୟାଦି ସହଯୋଗ କରିଥିବା ବେଳେ ଅନ୍ତର୍ଯ୍ୟାମୀ ପଲାଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ସହରୀକରଣରେ ଓଡ଼ିଶା ଦେଶରେ ପଛୁଆ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସହରୀକରଣରେ ଓଡ଼ିଶା ଦେଶର ପଛୁଆ ରାଜ୍ୟଗୁଡିକ ମଧ୍ୟରେ ଅନ୍ୟତମ। ସହରୀକରଣରେ ଜାତୀୟ ହାର ୩୬ ପ୍ରତିଶତ ଥିବାବେଳେ ଓଡ଼ିଶାରେ ୧୮ ପ୍ରତିଶତ ବା ଜାତୀୟ ହାର ଠାରୁ ଅଧା ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି । ବିଭାଗୀୟ ଖର୍ଚ୍ଚ ଦାବି ଆଲୋଚନାରେ ଉତ୍ତର ରଖି ମନ୍ତ୍ରୀ କହିଥିଲେ, ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡରେ ୨୫ ପ୍ରତିଶତ ଲୋକ ସହରାଞ୍ଚଳରେ ବାସ କରୁଥିବା ବେଳେ ଛତିଶଗଡ଼ ୨୩ ପ୍ରତିଶତ, ଗୁଜରାଟ ୪୦ ପ୍ରତିଶତ, କେରଳ ୪୫ ପ୍ରତିଶତ, ତେଲଙ୍ଗାନା ଏବଂ ମହାରାଷ୍ଟ୍ରରେ ୪୮ ପ୍ରତିଶତ, ଆନ୍ଧ୍ରପ୍ରଦେଶ ୩୮ ପ୍ରତିଶତ ଏବଂ ଓଡ଼ିଶାରେ ୧୮ ପ୍ରତିଶତ ସହରରେ ରହନ୍ତି । ପୂର୍ବ ସରକାର ନିର୍ବାଚନ ପୂର୍ବରୁ କେତୋଟି ସହରକୁ ଏନ୍‌ଏସି ଘୋଷଣା କରିଥିଲେ, କିନ୍ତୁ ବର୍ତ୍ତମାନ ସରକାର ଏନ୍‌ଏସି ଘୋଷଣା କରିବା ପାଇଁ ସ୍ଥାନୀୟ ଜନସାଧାରଣଙ୍କ ପାଖରୁ ମତାମତ ସଂଗ୍ରହ କରିଥିବା ବେଳେ ସମସ୍ତ ଜିଲ୍ଲାପାଳଙ୍କ ପାଖରୁ ପ୍ରସ୍ତାବ ହସ୍ତଗତ ହୋଇଛି। ଆଗାମୀ ଦିନରେ ବିଭାଗ ପକ୍ଷରୁ ବିଚାର କରି ଏନ୍‌ଏସି ଘୋଷଣା କରାଯିବା ସହିତ କିଛି ସହରକୁ ପୌର ପରିଷଦ ଏବଂ କିଛି ସହରକୁ ମହାନଗର ନିଗମ ମାନ୍ୟତା ଦେବାକୁ ଲକ୍ଷ୍ୟ ରଖାଯାଇଛି । ବିଭାଗ ପାଇଁ ମଞ୍ଜୁରପ୍ରାପ୍ତ ପଦ ସାଢ଼େ ୩ ହଜାର ଥିବାବେଳେ ୧୨୮୫ ଜଣ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଅବଶିଷ୍ଟ ପଦ ଖାଲି ପଡ଼ିଛି। ନୂଆ ସରକାର ଆସିବା ପରେ ଖାଲି ପଦ ପୂରଣ କରିବାକୁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଛନ୍ତି । ଟାଉନ୍ ପ୍ଲାନିଂ କାର୍ଯ୍ୟାଳୟରେ କର୍ମଚାରୀ ମରୁଡ଼ି ପଡ଼ିଛି। କାର୍ଯ୍ୟାଳୟରୁ କର୍ମଚାରୀ ଅବସର ନେଲେ ତାଙ୍କ ସ୍ଥାନରେ ଆଉ ପଦ ପୂରଣ ହେଉନଥିଲା । ନୂଆ ସରକାର ଆସିବା ପରେ ୩୬ଜଣ ଟାଉନ୍ ପ୍ଲାନର ନିଯୁକ୍ତି ଦିଆଯାଇଥିବାବେଳେ ୨୮ଜଣ ସହକାରୀ ଟାଉନ୍ ପ୍ଲାନର ନିଯୁକ୍ତି କରାଯାଇଛି। ବିଡିଏ, ସିଡିଏ, ଏସ୍‌ଡିଏ ଏବଂ ପିକେଡିଏରେ ଟିପି ସ୍କିମ୍ କାର୍ଯ୍ୟକାରୀ କରାଯିବ । ଏଥିପାଇଁ ବିଭାଗ ପକ୍ଷରୁ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଧାନମନ୍ତ୍ରୀ ଆବାସ (ସହରୀ) ଯୋଜନାରେ ହିତାଧିକାରୀଙ୍କୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପକ୍କାଘର ନିର୍ମାଣ ପାଇଁ ୧.୫ ଲକ୍ଷ ଟଙ୍କା ମିଳୁଥିବା ବେଳେ ରାଜ୍ୟ ସରକାର ୧ ଲକ୍ଷ ଟଙ୍କା ଦେଉଛନ୍ତି । ଚଳିତ ଆର୍ଥିକ ବର୍ଷରେ ସହରାଞ୍ଚଳ ପାଇଁ ୧ ଲକ୍ଷ ପକ୍କାଘର ଯୋଗାଇ ଦେବାକୁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଭୁବନେଶ୍ୱରରେ ଅତିରିକ୍ତ ୧୫୦ଟି ମୋ ବସ୍ ଚଳାଚଳ କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି । କେନ୍ଦ୍ର ସରକାର ଓଡ଼ିଶାକୁ ୪୦୦ଟି ଇ-ବସ୍ ପ୍ରଦାନ କରିବେ । ଏହି ବସ୍ ଚଳାଚଳ ପାଇଁ ରାଜ୍ୟ ସରକାର ଆର୍ଥିକ ବର୍ଷ ୨୦୨୫-୨୬ରେ ୪୭ କୋଟି ଟଙ୍କା ବଜେଟ୍‌ରେ ବ୍ୟୟବରାଦ କରିଛନ୍ତି। ଆହାର ଯୋଜନା ପାଇଁ ରାଜ୍ୟ ସରକାର ୫୦ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି । ମନ୍ତ୍ରୀଙ୍କ ଉତ୍ତର ପରେ ବିଭାଗ ପାଇଁ ଆର୍ଥିକ ବର୍ଷ ୨୦୨୫-୨୬ ନିମନ୍ତେ ୯୯୮୦ କୋଟି ୭୧ ଲକ୍ଷ ୩୧ ହଜାର ଟଙ୍କା ଖର୍ଚ୍ଚ ଦାବିକୁ ବାଚସ୍ପତି ସୁରମା ପାଢ଼ୀ ଗୃହରେ ପାରିତ କରାଇଥିଲେ ।

## ପଞ୍ଚୁଦଣ୍ଡ ପରିଚାଳନା ସମିତିର ଅସ୍ଥାୟୀ କାର୍ଯ୍ୟାଳୟ ଉଦ୍‌ଘାଟିତ

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡା ସ୍ଥିତ ପଞ୍ଚୁଦଣ୍ଡ ପରିଚାଳନା ସମିତି ଆନୁକୂଲ୍ୟରେ ୩୬ ତମ ବାର୍ଷିକ ତେର ଶମ୍ଭୁ ମିଳନ ଉତ୍ସବ ଏପ୍ରିଲ ମାସ ୬ ତାରିଖ ରବିବାର ଦିନ ଆୟୋଜିତ କରିବା ପାଇଁ ପୂର୍ବରୁ ଘୋଷଣା କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ବଜାର ଛକ ନିକଟରେ ସମିତିର ଏକ ଅସ୍ଥାୟୀ କାର୍ଯ୍ୟାଳୟକୁ ସମିତିର ମୁଖ୍ୟ ପରିଚାଳକ ରାଜ କିଶୋର ଦାଶଙ୍କ କର କମଳରେ ଦୀପ ଧୂପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ଏହି ଉତ୍ସବରେ ସମିତିର ସଭାପତି କିଶୋର କୁମାର ପାଳ, ସମ୍ପାଦକ ମାନସ ରଞ୍ଜନ ଆଚାର୍ଯ୍ୟ, କୋଷାଧ୍ୟକ୍ଷ ବଂଶୀଧର ପଣ୍ଡାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟଙ୍କ ଉପସ୍ଥିତରେ ଚଳିତ ବର୍ଷର ତେର ଶମ୍ଭୁ ସମାରୋହ ପାଇଁ କାର୍ଯ୍ୟକ୍ରମ ଜୋର୍‌ସୋର୍‌ରେ ଆରମ୍ଭ କରାଯାଇଛି । ଏତଦ୍ ବ୍ୟତୀତ ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ସମସ୍ତ ସଦସ୍ୟ ନିଜ ନିଜର ବିଭିନ୍ନ କାର୍ଯ୍ୟ ସମ୍ପାଦନା କରିବା ପାଇଁ ନାମ ଘୋଷଣା କରାଯାଇଥିଲା । ସମସ୍ତ ସଦସ୍ୟ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ନିଜ ନିଜର ଦାୟିତ୍ୱ ବହନ କରିବା ପାଇଁ ମା'ଦକ୍ଷିଣକାଳୀଙ୍କ ନାମରେ ଶପଥ ନେଇଥିଲେ । ଏହି ଅବସରରେ ଡ଼ଃ. ବିଚିତ୍ରା ନନ୍ଦ ଆଚାର୍ଯ୍ୟ ଏବଂ ହିମାଂଶୁ ଶେଖର ଦାଶଙ୍କୁ ସମିତିର ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମର ସୁପରିଚାଳନା ନିମନ୍ତେ ଦାୟିତ୍ୱ ଅର୍ପଣ କରାଯାଇଛି । ଶେଷରେ ଶ୍ରୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# କେନ୍ଦ୍ରୀୟ ରାମଲୀଳା ପ୍ରଚାର ସମିତିର ସଂକ୍ରାନ୍ତି ଓ ଦୋଳଉତ୍ସବ

**କଟକ, ନ୍ୟୁଜ୍ ବ୍ୟୁରୋ**

ଆଧ୍ୟାତ୍ମିକ ଅନୁଷ୍ଠାନ, କେନ୍ଦ୍ରୀୟ ରାମଲୀଳା ପ୍ରଚାର ସମିତିର ସଂକ୍ରାନ୍ତି ଓ ଦୋଳ ଉତ୍ସବ ମାରୁତି ମଣ୍ଡପ ସ୍ଥିତ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ସମିତିର ସଭାପତି ଚୌଧୁରୀ କାଶୀନାଥ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବର ପ୍ରାରମ୍ଭରେ ଲୋକସଂପର୍କ ପ୍ରମୁଖ କୈଳାସ ଚନ୍ଦ୍ର ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ଦିଲ୍ଲିପ କୁମାର ସ୍ୱାଇଁ ଆଗାମି ଦିନର କାର୍ଯ୍ୟପନ୍ଥା ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକାରୀ ସଭାପତି ତଥା ଓଡ଼ିଶାର ସୁନାମଧନ୍ୟ ପ୍ରବଚକ ପ୍ରଦିପ୍ତ କୁମାର ମହାପାତ୍ର ସଂକ୍ରାନ୍ତି ଓ ଦୋଳଉତ୍ସବ ସମ୍ପର୍କରେ ସୁନ୍ଦର କଥା ରଖିଥିଲେ। ଏହି ଅବସରରେ ଠାକୁରଙ୍କୁ ଅବିର ଲାଗି ହେବା ସହ ଅବିରଖେଳ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ସି.ଏଚ୍. ରାମମୋହନ ରାଓ, ସନ୍ତୋଷ କୁମାର ମଲ୍ଲିକ, କେଶବ ଚନ୍ଦ୍ର ଜେନା, ବିବେକାନନ୍ଦ ଦାସ, ସଂଜୟ କୁମାର ଦଳାଇ, ପ୍ରାଣକୃଷ୍ଣ ସ୍ୱାଇଁ, ନିବାସ ଚନ୍ଦ୍ର ମିଶ୍ର, କିଶୋର କୁମାର ମହାନ୍ତି, ନମିତା ମହାନ୍ତି, ଅରୁଣ କୁମାର ଅଗରବାଲ, ଡଃ ଲଡୁକିଶୋର ପଢିଆରୀ, ଶୈଳବାଳା ବିଶୋଇ, ଜଗନ୍ନାଥ ବେହେରା, ଜ୍ୟୋସ୍ନାମୟୀ ପାଣି, ଲକ୍ଷ୍ମୀନାରାୟଣ ମଲ୍ଲିକ, ବାସୁଦେବ ମଲ୍ଲିକ, କୁଲୁ ମଲ୍ଲିକ, ପ୍ରକାଶ ଚନ୍ଦ୍ର ସାହୁ, କାଳନ୍ଦି ନାରାୟଣ ମଲ୍ଲିକ, ଘନଶ୍ୟାମ ବେହୁରା, ପ୍ରଦୀପ ସେନାପତି, କାଳନ୍ଦି ମହାପାତ୍ର, ଦେବୀପ୍ରସନ୍ନ ମହାପାତ୍ର, ରଂଜିତ କୁମାର ସେନ୍, ପତିତ ପାବନ ଲାହା, ସୁପ୍ରଭା ଲାହା, ରଂଜିତ ଲାହା, ଗୌତମ ମଲ୍ଲିକ, ଗୋବିନ୍ଦ ଚନ୍ଦ୍ର ସାହୁ, ରାମଶଙ୍କର ମଲ୍ଲିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଉପସଭାପତି ନଳିନ କୁମାର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ । ବିଜୟାନନ୍ଦ ପାଇଟାଲ ରାମ୍‌ଧୁନ୍ ଗାନ କରିଥିଲେ ।



## ନିଆରା ଢଙ୍ଗରେ ପାଳନ ହେଲା ହୋଲି ଉତ୍ସବ:ଦିବଂଗତ ଆତ୍ମା ପ୍ରତି ସାମୁହିକ ଶ୍ରଦ୍ଧାସୁମନ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୋନପୁର ବିବେକା ନନ୍ଦ ନଗର ଠାରେ ହୋଲି ଉତ୍ସବ, ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଦିବଙ୍ଗତ ଆତ୍ମା ମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇ ଏକ ନିଆରା ଢଙ୍ଗରେ ପାଳନ ହୋଇଯାଇଛି । ଦୀର୍ଘ ୧୯ ବର୍ଷ ଧରି ଖୁବ୍ ଧୁମ୍ ଧାମ୍‌ରେ ପାଳିତ ହୋଇ ଆସୁଥିବା ଏହି କାର୍ଯ୍ୟକ୍ରମରେ ଏହି କଲୋନୀର ସମସ୍ତ ପରିବାର ସଦସ୍ୟ ମିଶି ରଙ୍ଗ ଖେଳ ସହିତ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ୍ ହୁଅନ୍ତି । ରଙ୍ଗ ଖେଳ ସହିତ କଲୋନୀର ଛୋଟ ଛୋଟ ପିଲାମାନଙ୍କୁ ଓ ଅଭିଭାବକଙ୍କୁ ନେଇ ସନ୍ଧ୍ୟାରେ ନାଚ ଗୀତ ଓ ମ୍ୟୁଜିକ୍ ଚେୟାର୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ପ୍ରଥମେ ବରିଷ୍ଠ ସଭ୍ୟ ସୁଧାଂଶୁ ମିଶ୍ର, ଡ଼ଃ ସୁଶୀଳ ପଧାନ, ପ୍ରାକ୍ତନ ପ୍ରଧାପକ ରଞ୍ଜନ କୁମାର ପାଣିଗ୍ରାହି ଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଶୁଭାରମ୍ଭ କରଯାଇଥିଲା । କଲୋନୀର ଦିବଂଗତ ଆତ୍ମାଙ୍କ ପ୍ରତି ସାମୁହିକ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରଯାଇଥିଲା । କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଉଦ୍‌ଘୋଷିକା ସୁଶ୍ରୀ ଅଭିଜ୍ଞା ପଣ୍ଡା ଖୁବ୍ ସୁନ୍ଦର ଭାବେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । କମିଟିର ବରିଷ୍ଠ ସଦସ୍ୟ ମାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମକୁ ସଫଳ କରଯାଇଥିଲା । ପବିତ୍ର ନେଗୀ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ସୂଚନା ଅଧିକାର ଆଇନ୍‌କୁ ଅଧିକ ଲୋକାଭିମୁଖୀ କରିବା ପାଇଁ ସରକାରଙ୍କ ପ୍ରୟାସ ଜାରି

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ପ୍ରଶାସନ ତରଫରୁ ସୂଚନା ଅଧିକାର ଆଇନ୍-୨୦୦୫ ଅନ୍ତର୍ଗତ ଏକ ସଚେତନତା କର୍ମଶାଳା ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସଦ୍‌ଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ଏହି କର୍ମଶାଳାରେ ଅଧକ୍ଷତା କରି ସୂଚନା ଅଧିକାର ଆଇନ୍-୨୦୦୫କୁ ଅଧିକ ଲୋକାଭିମୁଖୀ କରିବା ନିମନ୍ତେ ରାଜ୍ୟ ସରକାରଙ୍କର ନିରନ୍ତର ପ୍ରୟାସ ଜାରି ରହିଛି ବୋଲି କହିଥିଲେ। ସାଧାରଣ ଜନତା ଏହି ଆଇନ୍‌କୁ ସରଳ ଓ ସୁବିଧାଜନକ ଭାବେ ବ୍ୟବହାର କରି ବିଭିନ୍ନ ବିଭାଗର ତଥ୍ୟ ଉପଲବ୍ଧ କରିବା ପାଇଁ ବିଭାଗୀୟ ଦପ୍ତରଗୁଡିକୁ ନିଜର ସାଧାରଣ ତଥ୍ୟଗୁଡିକୁ ସୂଚନା ଅଧିକାର ପୋର୍ଟାଲ୍‌ରେ ନିଜ ଆଡୁ ସାର୍ବଜନୀନ କରି ପ୍ରକାଶ କରିବାର ବିଧି ରହିଛି । ସରକାର ଉକ୍ତ ତଥ୍ୟକୁ ଇଂରାଜୀ ସହ ଓଡ଼ିଆରେ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାୟ ସୂଚନା ଦେଇଥିଲେ। ଏଥିନିମନ୍ତେ ଜନ ସୂଚନା ଅଧିକାରୀମାନେ ନିର୍ଭୁଲ୍ ଭାବେ ଅବିଳମ୍ବେ ଏହି କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ସେମାନଙ୍କୁ ବିଶେଷ ପ୍ରଶିକ୍ଷଣର ଆବଶ୍ୟକତାକୁ ଉପଲବ୍ଧି କରି ଏହି କର୍ମଶାଳା ଆୟୋଜିତ ହୋଇଛି ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି କର୍ମଶାଳାରେ ଯୋଗଦେଇ ଜନ ସୂଚନା ଅଧିକାରୀମାନେ ସୂଚନା ଅଧିକାର ଆଇନ୍-୨୦୦୫ର ଧାରା ୪(୧)(ଖ) ଅନୁଯାୟୀ ନିଜ ବିଭାଗର ସମସ୍ତ ତଥ୍ୟ ସୂଚନା ଅଧିକାର ୱେବ୍‌ସାଇଟ୍‌ରେ ଉଭୟ ଓଡ଼ିଆ ଓ ଇଂରାଜୀରେ ଅପ୍‌ଲୋଡ୍ କରିବା ପାଇଁ ପରାମର୍ଶ ଦେଇଥିଲେ । ଏଥିସହ ବିଭିନ୍ନ ବିଭାଗ ଅଧିକ କ୍ରିୟାଶୀଳ ଏବଂ ସଚେତନ ହୋଇ ସୂଚନା ଅଧିକାର ସମ୍ପର୍କିତ ଆସୁଥିବା ସମସ୍ତ ଆବେଦନଗୁଡିକର ଉତ୍ତର ନିର୍ଦ୍ଧାରିତ ସମୟ ମଧ୍ୟରେ ଦେବାକୁ ଆହ୍ୱାନ୍ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ବିଷୟ ବିଶାରଦ ଭାବେ ଗୋପାଳ କୃଷ୍ଣ ମିଶ୍ର, ସମ୍ପାଦକ, ଅର୍ନ୍ତଦୃଷ୍ଟି ୧୭ ସ୍ତରୀୟ ତଥ୍ୟର ସବିଶେଷ ନିୟମାବଳୀ ଗୁଡ଼ିକ ଆଲୋଚନା କରିଥିଲେ ଏବଂ ଲୁମିନସ୍ ଇନ୍‌ଫୋସିସ୍‌ର ମାଷ୍ଟର ଟ୍ରେନର ସଂଗ୍ରାମ କୁମାର ପୃଷ୍ଟି ଯୋଗଦେଇ ସୂଚନା ଅଧିକାର ଆଇନ୍‌ର ଧାରା ୪(୧)(ଖ) ମୁତାବକ ୧୭ ସ୍ତରୀୟ ତଥ୍ୟ ଉଭୟ ଇଂରାଜୀ ଓ ଓଡ଼ିଆରେ ନିଜ ସୂଚନା ଅଧିକାର ପୋର୍ଟାଲ୍‌ରେ ଅଦ୍ୟତନ କରିବା ଉପରେ ତାଲିମ୍ ପ୍ରଦାନ କରିଥିଲେ । ମଗାଯାଉଥିବା ତଥ୍ୟଗୁଡିକୁ ଠିକ୍ ସମୟରେ ପ୍ରଦାନ ସହ ନିଜ ବିଭାଗର ତଥ୍ୟଗୁଡିକୁ ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ସାର୍ବଜନୀନ କରିବା ନିମନ୍ତେ ସେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବରିଷ୍ଠ ଆଇନଜୀବୀ ଧୀରେନ୍ଦ୍ରନାଥ ଆଚାର୍ଯ୍ୟ ମଧ୍ୟ ସୂଚନା ଅଧିକାର ଆଇନ୍‌ର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କ ମନରେ ଏ ସମ୍ପର୍କିତ ଦ୍ୱନ୍ଦ୍ୱକୁ ସେ ଦୂର କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିବା ସହ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସମସ୍ତେ ନିଜ ନିଜ ବିଭାଗ ବା କାର୍ଯ୍ୟାଳୟର ସୂଚନା ଅଧିକାର ପୋର୍ଟାଲ୍‌ରେ ଉଭୟ ଓଡ଼ିଆ ଓ ଇଂରାଜୀରେ ତଥ୍ୟ ଅପ୍‌ଲୋଡ୍ କରିବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲାର ସମସ୍ତ ବ୍ଲକ, ତହସିଲ ତଥା ଅନ୍ୟାନ୍ୟ ବିଭାଗର ପ୍ରଥମ ଆପିଲେଟ ଅଥରିଟି ଓ ଜନ ସୂଚନା ଅଧିକାରୀ ଏହି କର୍ମଶାଳାରେ ଯୋଗ ଦେଇଥିଲେ ।

## ନିଆରା ପରମ୍ପରା:ଝିଅ ମାନଙ୍କ ଦୋଳ ମେଳଣ

**ସାଲେପୁର, ନ୍ୟୁଜ୍**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ବାଲିପଡ଼ିଆ ଗ୍ରାମରେ ଦୋଳ ଯାତ୍ରା ବେଶ୍ ଆନନ୍ଦ ଉତ୍ସାହର ସହିତ ପାଳିତ ହୋଇଯାଇଛି । ଏହି ଅବସରରେ ଘଞ୍ଚ ନିମ-ଚନ୍ଦନ ଘେରା ଏହି ବାଲିପଡିଆ ଗ୍ରାମର ବହୁ ପୁରାତନ ବାଲୁଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନେକ ବର୍ଷ ତଳୁ ପ୍ରଚଳିତ ବିବାହିତ ଝିଅ ମାନଙ୍କର ମିଳନ ପର୍ବ ଆୟୋଜିତ ହୋଇଯାଇଛି । ଏହି ଉତ୍ସବ ସ୍ଥାନୀୟ ଅଞ୍ଚଳରେ ନିଆରା ଢଙ୍ଗରେ କେବଳ ମହିଳା ମାନଙ୍କୁ ନେଇ ଅନୁଷ୍ଠିତ ହୁଏ । ଏହି ଉତ୍ସବରେ ଜନ୍ମମାଟିର ଗାରିମାକୁ ଅକ୍ଷୁର୍ଣ୍ଣ ରଖିବାକୁ ଶପଥ ନିଆଯିବା ଦେଖିବାକୁ ମିଳିଥିଲା। ଓଡ଼ିଆ ସଂସ୍କୃତି ଏବଂ ପରମ୍ପରା ଭିତରେ ଆମ ଜନ-ଜୀବନର ଅସୁମାରୀ ଗାଥାକୁ ନେଇ ମହିଳାମାନେ ହଜିଲା ଦିନର ସ୍ମୃତିକୁ ରୋମନ୍ଥନ କରିବା ଦେଖିବାକୁ ମିଳିଥିଲା । ସମାଜରେ ନାରୀର ସ୍ଥିତି, ଅଧିକାର, କର୍ତ୍ତବ୍ୟ ଏବଂ ଦାୟୀତ୍ୱବୋଧ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ, ସେମାନଙ୍କୁ ଶ୍ରଦ୍ଧା ଓ ସମ୍ମାନ ଦିଆଯିବା ଉପରେ ଆଲୋଚକ ମାନେ ଗୁରୁତ୍ୱାରୋପ କରିଥିଲେ । ଧିରେ ଧିରେ ଆମ ସମାଜରୁ ପାରମ୍ପରିକ ମୂଲ୍ୟବୋଧ ହ୍ରାସ ପାଉଥିବା ବେଳେ ବାଲିପଡ଼ିଆ ଗାଁ'ର ବିବାହିତା ଝିଅମାନେ ଦୋଳ ମିଳନ ସମୟରେ ନିଜ ଜନ୍ମମାଟିକୁ ଫେରି ଗ୍ରାମ୍ୟ ଜୀବନର ସରଳ ତରଳ ସ୍ନେହ ପ୍ରେମ ଏବଂ ସେମାନଙ୍କ ବାଲ୍ୟ-କିଶୋରୀ ଜୀବନର ସ୍ମୃତିକୁ ରୋମନ୍ଥନ କରିବା ଦେଖିବାକୁ ମିଳିଥିଲା । ଗ୍ରାମର ଶିକ୍ଷା, ସ୍ୱାସ୍ଥ୍ୟ, ସାଂସ୍କୃତିକ ବୈଭବ, ଆଧ୍ୟାତ୍ମିକ ଚିନ୍ତନ ଏବଂ ପରସ୍ପର ଭିତରେ ଆତ୍ମୀୟତା କିପରି ଅଧିକରୁ ଅଧିକ ସୁଦୃଢ଼ ହୋଇପାରିବ, ସେ ଦିଗରେ ସମସ୍ତେ ଏକାଠି ହୋଇ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ନିଷ୍ପତ୍ତି ଉପରେ ଝିଅମାନେ ନିଜ ନିଜର ସୁଚିନ୍ତିତ ମତବ୍ୟକ୍ତ କଲାପରେ ସମସ୍ତେ ଏକତ୍ରିତ ହୋଇ ପ୍ରୀତି ଭୋଜନ କରିଥିଲେ। ଏହି କାର୍ଯ୍ୟକର୍ମକୁ ଚିତ୍ରରେଖା ମହାନ୍ତି, ଜ୍ୟୋସ୍ନା ମହାନ୍ତି ରଶ୍ମିତା ସାହୁ, ସସ୍ମିତା ସାମନ୍ତରାୟ, ଜିତେନ୍ଦ୍ର ମହାନ୍ତି, ଶଶିଭୂଷଣ ମହାନ୍ତି ଏବଂ ଯୁବ ସରପଞ୍ଚ ସାରଦା ପ୍ରସାଦ ମହାନ୍ତି ପ୍ରମୁଖ ସଞ୍ଚାଳନ କରିଥିଲେ ।



31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୯ ମାର୍ଚ୍ଚ ୨୦୨୫ ବୁଧବାର





# ଶ୍ରୀମନ୍ଦିର ନେତରେ ଶୂନ୍ୟ ଗଣ୍ଠି



**ପୁରୀ, ନ୍ୟୁଜ୍ ବ୍ୟୁରୋ**

ଶ୍ରୀମନ୍ଦିର ନୀଳଚକ୍ରରେ ଲାଗିଥିବା ପତିତପାବନ ବାନାରେ ସୋମବାର ପୂର୍ବାହ୍ନରେ ଶୂନ୍ୟଗଣ୍ଠି ପଡ଼ିଥିବା ଦେଖିବାକୁ ମିଳିଛି । ନୀଳଚକ୍ରରେ ଲାଗିଥିବା ବାନାଗୁଡ଼ିକ ଉଡ଼ିବା ସମୟରେ ଆପେ ଆପେ ପରସ୍ପର ମଧ୍ୟରେ ଗଣ୍ଠି ପଡ଼ିଲେ ତାହାକୁ ଶୂନ୍ୟଗଣ୍ଠି କୁହାଯାଇଥାଏ। ଯାହା ପ୍ରାୟ ଦେଖିବାକୁ ମିଳିନଥାଏ। ପ୍ରତ୍ୟେକ ଦିନ ପରି ରବିବାର ଅପରାହ୍ନରେ ଚୂନରା ସେବାୟତ ଶ୍ରୀମନ୍ଦିର ଉପରକୁ ଉପରକୁ ଚଢ଼ି ପତିତପାବନ ବାନା ବାନ୍ଧିଥିଲେ। ସୋମବାର ସକାଳେ ନୀଳଚକ୍ରରେ ଲାଗିଥିବା ପତିତପାବନ ବାନାରେ ଶୂନ୍ୟଗଣ୍ଠି ପଡ଼ିଥିବା ନଜରକୁ ଆସିଥିଲା । ରାତିରେ ପବନ କାରଣରୁ ନୀଳଚକ୍ରରେ ଲାଗିଥିବା ବାନାରେ ଶୂନ୍ୟଗଣ୍ଠି ପଡ଼ିଥିବା ଅନୁମାନ କରାଯାଉଛି । ପୂର୍ବରୁ ଶ୍ରୀମନ୍ଦିର ନୀଳଚକ୍ରରେ ୧୫୧ ହାତ ବାନା ସହ ଏକାଧିକ ବାନା ଲାଗୁଥିଲା। ଫଳରେ ବାନାଗୁଡ଼ିକ ମଧ୍ୟରେ ଶୂନ୍ୟଗଣ୍ଠି ଦେଖିବାକୁ ମିଳୁଥିଲା। ଏବେ ନୀଳଚକ୍ରରେ ୧୪ ହାତିଆ ବାନା ଲାଗିଥିବାରୁ ପୂର୍ବଭଳି ଶୂନ୍ୟଗଣ୍ଠି ଦେଖିବାକୁ ମିଳୁନି। ତେବେ ଶୂନ୍ୟଗଣ୍ଠି ପଡ଼ିଲେ ଏହା ରାଜ୍ୟ ତଥା ରାଷ୍ଟ୍ର ପାଇଁ ମଙ୍ଗଳକର ହୋଇଥାଏ ବୋଲି ବିଶ୍ୱାସ ରହିଛି। କାରଣ ଶୂନ୍ୟଗଣ୍ଠି ପକାଇ ବାତ୍ୟା, ବନ୍ୟା ଭଳି ପ୍ରାକୃତିକ ଦୈବୀ ଦୁର୍ବିପାକକୁ ଟଳାଇଦେଇ ମହାପ୍ରଭୁ ପ୍ରଜାଜନଙ୍କୁ ସୁରକ୍ଷା ଦେଇଥାନ୍ତି ବୋଲି ସାଧାରଣରେ ବିଶ୍ୱାସ ରହିଛି ।



## ଡକାୟତି ଉଦ୍ୟମ ପଣ୍ଡ:୪ ଡକାୟତ ଗିରଫ, ଜଣେ ଫେରାର୍

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ଚୋରି କରିବାକୁ ଯୋଜନା ଚାଲିଥିବା ବେଳେ ସଦର ପୋଲିସ ପଦ୍ମପୁର ନିକଟରୁ ୪ ଜଣଙ୍କୁ ଗିରଫ କରିଥିବା ବେଳେ ଜଣେ ଫେରାର୍ ହୋଇଯାଇଥିବା ଜଣାପଡିଛି। ଅଭିଯୁକ୍ତମାନେ ହେଲେ ସ୍ଥାନୀୟ କେମ୍ପସଡା ଗ୍ରାମର ମଙ୍ଗୁଲୁ ମହାନ୍ତ, ସୁନାରାମ ମୁଣ୍ଡା, ଉପରକାଠ କରଞ୍ଜିଆ ଗ୍ରାମର ରବିନ୍ଦ୍ର ମୁଣ୍ଡା, ସୁରେଶ ମୁଣ୍ଡା। ଏନେଇ ୫୮୧/୨୫ ଏକ ମାମଲା ରଜୁ ପରେ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ତେବେ ଏହି ଚୋର ଗ୍ୟାଙ୍ଗ କେନ୍ଦୁଝର ସଦର ଥାନା ଅନ୍ତର୍ଗତ ବୋଦାପଲସା ଗ୍ରାମର ଆରାଧ୍ୟ ଦେବତା ପ୍ରଭୁ ଚନ୍ଦ୍ର ଶେଖର ମହେଶ ମନ୍ଦିରର ମୁଖ୍ୟ ଫାଟକର ତାଲା ଭାଙ୍ଗି ମନ୍ଦିର ଭିତରେ ପଶି ମନ୍ଦିର ହୁଣ୍ଡିର ତାଲା ଭାଙ୍ଗି ପ୍ରାୟ ୨୫ ହଜାର ଟଙ୍କା ଚୋରି କରିଥିଲେ। ତେବେ ପୋଲିସର ତଦନ୍ତରୁ ଜଣାପଡିଛି ଯେ' ଉପରୋକ୍ତ ଅଭିଯୁକ୍ତମାନେ ସଦର ଓ ଟାଉନ୍ ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ବିଭିନ୍ନ ସମୟରେ ବିଭିନ୍ନ ମନ୍ଦିର, ମାଲିକ ନଥିବା ସମୟରେ ଦୋକାନ ଓ ବାସଗୃହ ଭାଙ୍ଗି ଲକ୍ଷାଧିକ ଟଙ୍କା ଚୋରି କରିଥିବା ଜଣାପଡିଛି। ଏହାଛଡା ସେମାନେ ସଦର ଥନାର ବିଭିନ୍ନ କେସ୍‌ରେ ସମ୍ପୃକ୍ତ ଥିବାର ପୋଲିସ ପାଖରେ ପ୍ରମାଣ ମିଳିଛି। ଏହି ଚୋରମାନେ ଦିନ ବେଳେ ବିଭିନ୍ନ ଜାଗାରେ ବୁଲି ବୁଲି ଖବର ସଂଗ୍ରହ କରନ୍ତି ଓ ରାତ୍ରୀ ସମୟ କିମ୍ବା ନିଛାଟିଆର ସୁଯୋଗ ନେଇ ଘର, ମନ୍ଦିର ଓ ଦୋକାନରୁ ଚୋରି କରୁଥିଲେ। ତେବେ ଏହି ଗ୍ୟାଙ୍ଗରୁ ଜଣେ ଫେରାର୍ ଥିବା ଅଭିଯୁକ୍ତକୁ ଧରିବାକୁ ଛାନ୍‌ଭିନ୍ ଜାରି ରଖିଥିବା ପୋଲିସ କହିଛି।

# ବାଇଡେନଙ୍କ ରାଜକ୍ଷମାକୁ ଅବୈଧ ଘୋଷଣା କଲେ ଟ୍ରମ୍ପ

**ୱାଶିଂଟନ୍, ନ୍ୟୁଜ୍ ବ୍ୟୁରୋ**



ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନ ତାଙ୍କ ଶାସନର ଅନ୍ତିମ ମୁହୂର୍ତ୍ତରେ ଯେଉଁ ସବୁ ରାଜକ୍ଷମା ନିଷ୍ପତ୍ତି ନେଇଥିଲେ ତାକୁ ବର୍ତ୍ତମାନର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅବୈଧ ଘୋଷଣା କରିଛନ୍ତି । ରବିବାର ରାତିରେ ଟ୍ରମ୍ପ ତାଙ୍କର ଏହି ନିଷ୍ପତ୍ତି ସମ୍ପର୍କରେ ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମରେ ଘୋଷଣା କରିଛନ୍ତି । ଟ୍ରମ୍ପଙ୍କ ଏହି ଘୋଷଣା ବାଇଡେନ୍‌ଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି । କାରଣ ବାଇଡେନ୍ ଅନ୍ତିମ ମୁହୂର୍ତ୍ତରେ ଯେଉଁ ଅଭିଯୁକ୍ତମାନଙ୍କୁ ରାଜକ୍ଷମା ପ୍ରଦାନ କରିଥିଲେ ସେଥିରେ ତାଙ୍କ ପୁଅ ହଣ୍ଟର ବାଇଡେନ ଅଛନ୍ତି । ଟ୍ରମ୍ପ କହିଛନ୍ତି ଯେ ବାଇଡେନ ଯେଉଁ ରାଜକ୍ଷମା ପ୍ରଦାନ କରିଛନ୍ତି ତାର ସମସ୍ତ କାଗଜପତ୍ର ଅଟୋପେନ୍‌ରେ ସ୍ୱାକ୍ଷର କରାଯାଇଛି। ବାଇଡେନଙ୍କ ପକ୍ଷରୁ ଅନ୍ୟ କେହି ଏହି ସ୍ୱାକ୍ଷର କରିଥିବା ଆଶଙ୍କା କରାଯାଇଛି। ଅଟୋପେନ୍ ହେଉଛି ଏକ ରୋବଟିକ୍ ଯନ୍ତ୍ରାଂଶ ଯାହାକୁ ସରକାରୀ ଅଧିକାରୀ ଓ ଆମେରିକା ରାଷ୍ଟ୍ରପତି ବିଭିନ୍ନ କାଗଜପତ୍ରରେ ସ୍ୱାକ୍ଷର କରିବା ଲାଗି ବ୍ୟବହାର କରିଥାନ୍ତି। ଏହି ସ୍ୱାକ୍ଷର ଜଣଙ୍କ ପାଇଁ ଅନ୍ୟ ଜଣେ କରିଥାଏ। ଯାହାଙ୍କ ନାମରେ ଏହି ସ୍ୱାକ୍ଷର କରାଯାଇଥାଏ ତାଙ୍କୁ ସମ୍ପୃକ୍ତ ଅଧିକାରୀ ପରବର୍ତ୍ତୀ ସମୟରେ ଅବଗତ କରାଇଥାନ୍ତି । ବାଇଡେନ ଯେଉଁସବୁ ରାଜକ୍ଷମା ଅନୁମୋଦନ କରିଛନ୍ତି ତାହା ସବୁ ଅଟୋପେନ୍‌ରେ ସ୍ୱାକ୍ଷରିତ ହୋଇଛି। ତେଣୁ ବାଇଡେନଙ୍କ ଅଜ୍ଞାତରେ ଅନ୍ୟ କୌଣସି ଅଧିକାରୀ ଅଟୋପେନ୍‌ରେ ରାଜକ୍ଷମାକୁ ଅନୁମୋଦନ କରିଥିବା ଆଶଙ୍କା କରି ଟ୍ରମ୍ପ ଏହାକୁ ଅବୈଧ ଘୋଷଣା କରିଛନ୍ତି । କାରଣ ବାଇଡେନ ତାଙ୍କ ଶାସନର ଅନ୍ତିମ ସମୟରେ ଅନେକ ସମୟରେ ଅନ୍ୟମନସ୍କ ରହୁଥିବା ଦେଖାଯାଇଥିଲା । ତେଣୁ ଏହାର ସୁଯୋଗ ନେଇ କେହି ତାଙ୍କ ନାମରେ ରାଜକ୍ଷମା ଆବେଦନଗୁଡ଼ିକୁ ସ୍ୱାକ୍ଷର କରିଥିବା ଟ୍ରମ୍ପ ଆଶଙ୍କା ବ୍ୟକ୍ତ କରିଛନ୍ତି। ଟ୍ରମ୍ପ କହିଛନ୍ତି ଯେ ବାଇଡେନ ଯେଉଁସବୁ ରାଜକ୍ଷମା ଆବେଦନକୁ ଅନୁମୋଦନ କରିଛନ୍ତି ସେଗୁଡିକ ସମ୍ପର୍କରେ ସେ ସମ୍ଭବତଃ ଅବଗତ ନଥିବେ । ତେବେ ଟ୍ରମ୍ପ ଯେଉଁ ଘୋଷଣା କରିଛନ୍ତି ତାକୁ ସେ ତାଙ୍କ ରାଷ୍ଟ୍ରପତି ନିର୍ଦ୍ଦେଶରେ କାର୍ଯ୍ୟକାରୀ କରିବେ କି ନାହିଁ ତାହା ପରବର୍ତ୍ତୀ ସମୟରେ ଜଣାପଡିବ । କାରଣ ଟ୍ରମ୍ପ ରାଜକ୍ଷମାକୁ ଅବୈଧ ଘୋଷଣା କରିବା ସମ୍ପର୍କରେ କେବଳ ମୌଖିକ ଭାବେ କହିଛନ୍ତି । ଆମେରିକା ରାଷ୍ଟ୍ରପତିଙ୍କ ରାଜକ୍ଷମା ନିଷ୍ପତ୍ତି ତାଙ୍କର ଏକ ସାମ୍ବିଧାନିକ ଅଧିକାର । ଏହି ନିଷ୍ପତ୍ତି ଉପରେ ସୁପ୍ରିମ୍‌କୋର୍ଟ ମଧ୍ୟ କୌଣସି ପ୍ରକାର ହସ୍ତକ୍ଷେପ କରିପାରିବେନାହିଁ । ଏପରିକି ରାଷ୍ଟ୍ରପତିଙ୍କ ଏହି କ୍ଷମତା ଉପରେ କୌଣସି ପ୍ରକାର ଅଙ୍କୁଶ ଲଗାଇବାକୁ ଅତୀତରେ ସୁପ୍ରିମ୍‌କୋର୍ଟ ବିରୋଧ କରିଛନ୍ତି। ଏପରି କ୍ଷେତ୍ରରେ ବାଇଡେନଙ୍କ ରାଜକ୍ଷମା ନିଷ୍ପତ୍ତି ଉପରେ ଟ୍ରମ୍ପ ରୋକ୍ ଲଗାଇବା କେତେଦୂର ସମ୍ଭବ ହେବ ତାହା ଆଗାମୀ ସମୟରେ ହିଁ ଜଣାପଡିବ ।



## ଲଘୁ ଖଣିଜ ଚୋରାଚାଲାଣ ବିରୋଧରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ଡ୍ରାଇଭ୍
## ୫ ଦିନରେ ୪୨ ଟ୍ରାକ୍ଟର, ୩ ଡମ୍ଫର ଓ ୨ ଟିପ୍ପର ଜବତ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାରେ ବେଧଡ଼କ୍ ଭାବରେ ଲଘୁ ଖଣିଜ ଚୋରା ଚାଲାଣ ହେଉଥିବା ବେଳେ, ଏଥିରେ ରୋକ୍ ଲଗାଇବା ପାଇଁ ଜିଲ୍ଲା ପୋଲିସ ଅଣ୍ଟା ଭିଡ଼ିଛି । ବିଶେଷ କରି ଜିଲ୍ଲାରୁ ବାଲି ବାହାର ରାଜ୍ୟକୁ ଚାଲାଣ ହେଉଥିବାରୁ ସରକାର ବ୍ୟାପକ ରାଜସ୍ୱ ହରାଉଛନ୍ତି । ତେବେ ବିଗତ ୫ ଦିନରେ ଜିଲ୍ଲା ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଡ୍ରାଇଭ୍ କରାଯାଇ ବିଭିନ୍ନ ସ୍ଥାନରୁ ଲଘୁ ଖଣିଜ ପରିବହନ କରୁଥିବା ୪୨ଟି ଟ୍ରାକ୍ଟର, ୩ଟି ଡମ୍ଫର ଓ ୨ ଟି ଟିପ୍ପର ଜବତ କରାଯାଇଥିବା ନେଇ ସୂଚନା ମିଳିଛି । ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲିଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ବେଆଇନ୍ ଲଘୁ ଖଣିଜ ଚୋରା ଚାଲାଣ ଉପରେ କଡା ନଜର ରଖାଯାଇଥିବା ବେଳେ, ବେଆଇନ୍ ଖଣି ଖନନ ଏବଂ ଲଘୁ ଖଣିଜ ପଦାର୍ଥ ପରିବହନ ବିରୁଦ୍ଧରେ ଏକ ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ ଟିମ୍ ଦ୍ୱାରା ଡ୍ରାଇଭ୍ କରାଯାଇଥିଲା । ଏହି ଡ୍ରାଇଭ୍ ଦ୍ୱାରା ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରୁ ୪୨ ଗୋଟି ଟ୍ରାକ୍ଟର, ୩ଟି ହାଇୱା (ଡମ୍ଫର) ଏବଂ ୨ ଟି ଟିପ୍ପର (ମିନି ଟ୍ରକ୍) ଜବତ କରାଯିବା ସହ ଏନେଇ ବିଭିନ୍ନ ଥାନାରେ ସମୁଦାୟ ୪୫ ଗୋଟି ମାମଲା ରୁଜୁ ମଧ ହୋଇଛି । ଏ ବାବଦରେ ଜିଲ୍ଲା ପୋଲିସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ନୂତନ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ଙ୍କ କାର୍ଯ୍ୟରେ ଯୋଗଦାନ



**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଶିବାନନ୍ଦ ସ୍ୱାଇଁ ଯାଜପୁରର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଶ୍ରୀ ସ୍ୱାଇଁ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କୁ ସାକ୍ଷାତ କରି କାର୍ଯ୍ୟରେ ଯୋଗଦାନ କରିଛନ୍ତି। ପୂର୍ବରୁ ସେ ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପ ଜିଲ୍ଲାପାଳ ଭାବେ ଦକ୍ଷତାର ସହିତ କାର୍ଯ୍ୟ ସମ୍ପାଦନ କରିଛନ୍ତି। ଏଠାରେ ସୂଚନା ଥାଉ କି ପୂର୍ବତନ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶୁଭେନ୍ଦ୍ର କୁମାର ସାମଲ ଭଦ୍ରକ ଜିଲ୍ଲାର ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଭାବେ ବଦଳି ହୋଇଛନ୍ତି। ଶ୍ରୀ ସାମଲ ଗତ ମାର୍ଚ୍ଚ ୧୦ ତାରିଖରେ ଏଠାରୁ ରିଲିଭ୍ ହୋଇଥିଲେ।

## ||||||||||||||||||||| ନୀଳରକ୍ତ କଙ୍କଡ଼ାର ସୁରକ୍ଷା ପାଇଁ ନଦୀ ମୁହାଣ ସଫେଇ |||||||||||||||||||||
# ସଚେତନତା ଅଭାବରୁ ମରୁଛନ୍ତି ଶହ ଶହ ନୀଳରକ୍ତ କଙ୍କଡ଼ା

**ବାଲେଶ୍ୱର, ନ୍ୟୁଜ୍**

ବିଶ୍ୱର ବିରଳ ଓ ବିସ୍ମୟ ନୀଳରକ୍ତ କଙ୍କଡ଼ା ଶହ ଶହ ସଂଖ୍ୟାରେ ମରୁଛନ୍ତି ଜନ ସଚେତନତା ଅଭାବରୁ। ଏଥିପାଇଁ ପ୍ରଶାସନ କିମ୍ବା ରାଜନେତାଙ୍କ ତରଫରୁ କୌଣସି ପଦେକ୍ଷପ ନିଆ ଯାଉନାହିଁ ବୋଲି ଅଭିଯୋଗ ହେଉଛି। ମତ୍ସ୍ୟଜୀବୀମାନେ ଅବାଧରେ ସମୁଦ୍ର ଭିତରେ କିମ୍ବା ନଦୀ ମୁହାଣ ମାନଙ୍କରେ ପରିତ୍ୟକ୍ତ ଛିଣ୍ଡା ଜାଲ ପକାଇ ଦେବାରୁ କୂଳକୁ ଅଣ୍ଡା ଦେବାକୁ ଆସୁଥିବା ନୀଳରକ୍ତ କଙ୍କଡ଼ା ଛନ୍ଦି ହୋଇ ମରି ଯାଉଛନ୍ତି। ମୁହାଣ ମୁହଁରେ କୁଢ଼ କୁଢ଼ ହୋଇ ମରି ପଡିଥିବାର ଦେଖିବାକୁ ମିଳୁଛି । ଗୁରୁ ଜୁଆରକୁ ଲକ୍ଷ୍ୟ କରି ବାଲେଶ୍ୱରର ନୀଳରକ୍ତ କଙ୍କଡ଼ା ଓ ସାମୁଦ୍ରିକ ଜୈବ୍ୟ




ସୁରକ୍ଷା ମଞ୍ଚ, ଆସୋସିଏସନ୍ ଫର୍ ବାଇଓ ଡାଇଭର୍‌ସିଟି କଞ୍ଜର୍ଭେସନ୍ (ଏବିସି), ଆରଣ୍ୟକ, ମୁନ୍ କମ୍ୟୁନିକେସନ୍ ସହ କିଛି ଗ୍ରାମବାସୀଙ୍କ ସହଯୋଗରେ ରେମୁଣା ବ୍ଲକର ଗୁଡୁପାହି ପଞ୍ଚାୟତର ମହିଶାଳୀ ନଦୀ ମୁହାଣରେ ଠାଏଁ ଠାଏଁ ବାଲିରେ ପୋତି ରହିଥିବା ପରିତ୍ୟକ୍ତ ଓ ଛିଣ୍ଡା ଜାଲକୁ କୋଦାଳରେ ଖୋଳି ବାହାର କରିଥିଲେ। ଭାସୁଥିବା ଛିଣ୍ଡା ଜାଲକୁ ସଂଗ୍ରହ କରି ଉଚ୍ଚ ହୁଡାରେ ଠୁଳ କରି ରଖିଥିଲେ । ସ୍ଥାନୀୟ ଦୋକାନୀ ଓ ଗ୍ରାମବାସୀ ମାନଙ୍କୁ ନୀଳରକ୍ତ କଙ୍କଡ଼ାର ଉପକାରିତା ଓ ସୁରକ୍ଷା ବିଷୟରେ ସଚେତନ କରାଯାଇଥିଲା। ଏଥିରେ ମୁନ କମ୍ୟୁନିକେସନ୍‌ର ଅବନୀ କୁମାର ଜେନା, ନୀଳରକ୍ତ କଙ୍କଡ଼ା ସୁରକ୍ଷା ମଞ୍ଚର ସଭାପତି ଶିଞ୍ଜୀ କେଶୁଦାସ, ଆସୋସିଏସନ୍ ଫର୍ ବାଇଓ ଡାଇଭରସିଟି କଞ୍ଜର୍ଭେସନ୍‌ର ସଭାପତି ଡ଼ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ଫକୀରମୋହନ ବିଶ୍ୱବିଦ୍ୟାଳୟର ନୀଳରକ୍ତ କଙ୍କଡ଼ାର ଗବେଷିକା ଉପାସନା ପଟ୍ଟନାୟକ, ପ୍ରୋଜେକ୍ଟ ଫେଲୋ ଶୁଭମ୍ କାନୁନ୍‌ଗୋ, ଆରଣ୍ୟକର ସୁଧାକର ସେଠୀ, ସ୍ଥାନୀୟ ମୁନ କମ୍ୟୁନିକେସନ୍ ସଭ୍ୟ ଜଳଧର ବେହେରା, ଲକ୍ଷ୍ମୀଧର ଜେନା, କରୁଣା କର ଜେନା, ମାଗୁଣି ଚରଣ ଦାସ ତଥା ଗୁଡୁପାହି ମତ୍ସ୍ୟଜୀବୀ କମ୍ୟୁନିଟିର ବସନ୍ତ ବର୍ମନ, ଯୁଧିଷ୍ଠିର ମଣ୍ଡଳ, ମକରା ସୋରେନ, ହାରୁ ମାଇତି, ଅର୍ଜୁନ ରାଉଳ ପ୍ରମୁଖ ଯୋଗ ଦେଇଥିଲେ। ଗଣତି ଅନୁଯାୟୀ ୯ଟି ଛିଣ୍ଡା ଜାଲ ଗଦାରୁ ପୁରୁଷ କଙ୍କଡ଼ା ଖୋଳ ୧୦୫ ଓ ସ୍ତ୍ରୀ କଙ୍କଡ଼ା ଖୋଳ ୯୦ ଟି ମିଳିଲା। ଓଡ଼ିଶାର ଅନ୍ୟ ନଦୀ ମୁହାଣ ମାନଙ୍କରେ ବହୁ ମୃତ ନୀଳରକ୍ତ କଙ୍କଡ଼ା ପଡ଼ିଥିବାର ଅନୁମାନ କରାଯାଏ। ଶିଞ୍ଜୀ କେଶୁଦାସ ଅଭିଯୋଗ କରିଛନ୍ତି ଯେ, ନୀଳରକ୍ତ କଙ୍କଡ଼ା ସୁରକ୍ଷାର ସଚେତନତା ପାଇଁ ପ୍ରଶାସନ ତରଫରୁ କୌଣସି ପଦେକ୍ଷପ ଗ୍ରହଣ କରାଯାଉନାହିଁ। ଆମେ ଅନେକ ଥର ପ୍ରଶାସନ ଓ ରାଜନେତାଙ୍କୁ ଆବେଦନ କଲେ ମଧ ସମସ୍ତେ କୁମ୍ଭକର୍ଣ୍ଣ ସାଜି ବସିଛନ୍ତି। ସମସ୍ତେ ଆନ୍ତରିକ ସହଯୋଗ ନକଲେ ଆମ ନଦୀ ମୁହାଣରୁ ବିରଳ ନୀଳରକ୍ତ କଙ୍କଡ଼ା ବିଲୁପ୍ତ ହୋଇଯିବ ।

# ସାଇବର ଠକେଇ:୩ ମାସରେ ଲୁଟିଲେଣି ୨୧ କୋଟି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ସାଇବର ଅପରାଧ ଚିନ୍ତାଜନକ ଭାବେ ବଢ଼ି ଚାଲିଛି। ପୋଲିସ ବାହିନୀକୁ ଅତ୍ୟାଧୁନିକ ବୈଜ୍ଞାନିକ ଜ୍ଞାନକୌଶଳ ଯୋଗାଇ ଦିଆଯାଇଥିଲେ ମଧ ସାଇବର ଲୁଟେରାଙ୍କ ନିକଟରେ ପହଞ୍ଚିବାରେ ସଫଳ ହୋଇପାରୁନାହିଁ । ୨୦୨୫ ମାର୍ଚ୍ଚ ମଧ୍ୟରେ ସାଇବର ଲୁଟେରାମାନେ ପ୍ରାୟ ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଲେଣି। ୩୬ ଜଣ ସାଇବର ଲୁଟେରାଙ୍କୁ ପୋଲିସ ଗିରଫ କରିଥିଲେ ମଧ ଲୁଟ୍ ଅର୍ଥ ଉଦ୍ଧାର କରିବାରେ ପୋଲିସକୁ ବିଶେଷ ସଫଳତା ମିଳିପାରିନି। ଏହି ୩ ମାସ ମଧ୍ୟରେ ଲୁଟ୍ ଅର୍ଥରୁ ମାତ୍ର ୩୦,୬୦୦ ଟଙ୍କା ଉଦ୍ଧାର କରିବାରେ ପୋଲିସ ସକ୍ଷମ ହୋଇପାରିଛି । ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟରେ କ୍ରମାଗତ ଭାବେ ସାଇବର ଅପରାଧ ଓ ସାଇବର ଠକେଇ ବଢ଼ି ଚାଲିଛି। ସାଇବର ଅପରାଧ ଅପେକ୍ଷା ସାଇବର ଠକେଇ ସଂଖ୍ୟା ଚିନ୍ତାଜନକ ଭାବେ ବୃଦ୍ଧି ପାଇ ଚାଲିଛି। ଯାହା ରାଜ୍ୟ ପୋଲିସର ମୁଣ୍ଡବ୍ୟଥା ବଢ଼ାଇ ଦେଇଛି । ପୂର୍ବ ବର୍ଷ ଅପେକ୍ଷା ୨୦୨୫ ମାର୍ଚ୍ଚ ମଧ୍ୟରେ ରାଜ୍ୟରେ ଏ ସଂକ୍ରାନ୍ତରେ ୧୯୨ଟି ସାଇବର ମାମଲା ରୁଜୁ ହୋଇସାରିଲାଣି। ଭଦ୍ରକ ଓ ସମ୍ବଲପୁର ଜିଲ୍ଲାରେ ଏହି ସମୟ ମଧ୍ୟରେ ସର୍ବାଧିକ ୧୫ଟି ଲେଖାଏଁ ମାମଲା ରୁଜୁ ହୋଇଥିବାବେଳେ ବଲାଙ୍ଗିର ଜିଲ୍ଲାରେ ୧୪, ରାଉରକେଲାରେ ୧୧ଟି ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି । ନୟାଗଡ଼, ଝାରସୁଗୁଡ଼ା ଜିଲ୍ଲାରେ



ଗୋଟିଏ ହେଲେ ସାଇବର ମାମଲା ରୁଜୁ ହୋଇନାହିଁ। ସିଆଇଡି ସିବିରେ ମୋଟ୍ ୯, ୭୪, ୧୩, ୪୧୭ ଟଙ୍କା ଲୁଟ୍ ହୋଇଥିବା ନେଇ ୪ଟି ମାମଲା ରୁଜୁ ହୋଇଛି । ନବରଙ୍ଗପୁର ଜିଲ୍ଲାରେ ଏହି ୩ ମାସରେ ସାଇବର ଲୁଟିଆମାନେ ୧, ୩୧, ୩୨, ୦୦୩ ଟଙ୍କା ଲୁଟି ନେଇଛନ୍ତି। ଏ ସଂକ୍ରାନ୍ତରେ ୩ଟି ମାମଲା ରୁଜୁ ହୋଇଥିଲେ ମଧ ପୋଲିସ ଟଙ୍କାଟିଏ ଜବତ କରିନି କି ଜଣେ ହେଲେ ସାଇବର ଲୁଟିଆକୁ ଗିରଫ କରିପାରିନାହିଁ । ସେହିପରି ଭୁବନେଶ୍ୱର ସହରାଞ୍ଚଳ ପୋଲିସରେ ଏହି ୩ ମାସରେ ୮ଟି ମାମଲା ରୁଜୁ ହୋଇଛି । ମୋଟ୍ ୩୩, ୧୮, ୦୨୯ ଟଙ୍କା ସାଇବର ଠକମାନେ ଲୁଟି ନେଇଛନ୍ତି । କଟକ ସହରାଞ୍ଚଳ ପୋଲିସରେ ୩ଟି ମାମଲାରେ ୧୧, ୨୭, ୫୫୦ ଟଙ୍କା ଲୁଟ୍ ହୋଇଥିବାବେଳେ ଜଣେ ସାଇବର ଠକକୁ ପୋଲିସ ଗିରଫ କରିବାରେ ସଫଳ ହୋଇଛି। ଜଗତସିଂହପୁର ଜିଲ୍ଲାରେ ୩ ମାସରେ ୫ଟି ମାମଲାରେ ୧୧,୦୩,୭୩୧ ଟଙ୍କା, ଯାଜପୁରରେ ୨୮,୩୮,୧୦୩, ପୁରୀରେ ୫ଟି ମାମଲାରେ ୭,୫୬,୦୦୦, ଖୋର୍ଦ୍ଧାରେ ୨, ୧୯,୫୦୧, ବାଲେଶ୍ୱରରେ ୪୭,୦୯,୫୬୦, ଭଦ୍ରକରେ ୨,୫୦,୦୦୫, ମୟୂରଭଞ୍ଜରେ ୩୭,୯୫,୨୯୩, ସମ୍ବଲପୁରରେ ୨,୪୯,୭୩,୫୨୧, ବରଗଡ଼ରେ ୩,୨୦,୫୦୦, ବଲାଙ୍ଗିରରେ ୧,୧୮,୩୨,୧୯୮, ସୋନପୁରରେ ୧୨,୦୯,୮୪୨, ଦେବଗଡ଼ରେ ୫୯,୦୪,୨୩୪, ଢେଙ୍କାନାଳରେ ୨,୦୩,୪୦୦, ଅନୁଗୋଳରେ ୧୪,୬୮, ୪୭୯, ଗଞ୍ଜାମରେ ୧,୦୪,୪୨,୧୩୦, ଗଜପତିରେ ୧୪,୩୦୦୦, ବ୍ରହ୍ମପୁରରେ ୫,୪୬,୨୦୦୦, କନ୍ଧମାଳରେ ୧,୯୯,୮୯୭, ବୌଦ୍ଧରେ ୧,୮୦,୦୦୬, କୋରାପୁଟରେ ୩୪,୮୭,୩୮୯, ନବରଙ୍ଗପୁରରେ ୧,୩୧,୩୨,୦୦୩, ରାୟଗଡ଼ାରେ ୨,୩୪,୧୯୧, ମାଲକାନଗିରିରେ ୩୩,୦୭୨, କଳାହାଣ୍ଡିରେ ୧,୫୪,୦୦୦, ନୂଆପଡ଼ାରେ ୨୧,୮୯,୪୯୯, ସୁନ୍ଦରଗଡ଼ରେ ୨୪,୮୯,୯୯୮, କେନ୍ଦୁଝରରେ ୪୨,୬୦,୭୬୨, ରାଉରକେଲାରେ ୫୭,୦୫,୪୮୪, କଟକ ରେଳପଥ ପୋଲିସରେ ୮୦,୦୦୦ ଓ ରାଉରକେଲା ରେଳପଥ ପୋଲିସରେ ୨ଟି ମାମଲାରେ ୩୬,୦୦୦ଟଙ୍କା ସାଇବର ଠକମାନେ ଲୁଟି ନେଇଥିବା ଜଣାପଡ଼ିଛି । ସାଇବର ଅପରାଧ ବଢ଼ି ଚାଲିଥିବାବେଳେ ଅପରାଧୀଙ୍କୁ ଗିରଫ ଓ ଲୁଟ୍ ଅର୍ଥ ଫେରାଇ ଆଣିବା ବର୍ତ୍ତମାନ ପୋଲିସ ପାଇଁ ମୁଖ୍ୟ ଆହ୍ୱାନ୍ ପାଲଟିଛି ।

## ୪ ବର୍ଷର ଶିଶୁର କିଡ୍‌ନୀ ପ୍ରତ୍ୟାରୋପଣ କରିବ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ

**ଛତ୍ରପୁର, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ୍ ଅନ୍ତର୍ଗତ ଚମାଖଣ୍ଡି ଗ୍ରାମପଞ୍ଚାୟତ ଲକ୍ଷ୍ମଣନଗର ଅଞ୍ଚଳର ଏନ.କ୍ରିଷ୍ଣା ରେଡ୍ଡୀ ଓ ଉର୍ମିଳା ରେଡ୍ଡୀଙ୍କ ୪ ବର୍ଷର କନ୍ୟା ଅନୁଷ୍କାଙ୍କ ଦୁଇଟି କିଡନୀ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି । କଟକ ଶିଶୁ ଭବନରେ ନିୟମିତ ଡାଏଲିସିସ୍ କରାଯାଉଛି, ତେବେ ତୁରନ୍ତ କିଡନୀ ପ୍ରତିରୋପଣ କରିବାକୁ ପଡ଼ିବ ନଚେତ ଝିଅର ଜୀବନ ବିପଦ ରହିଛି । ଅପରପକ୍ଷରେ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଟିମ୍ ସୋମବାର ଅନୁଷ୍କା ଓ ତାଙ୍କ ବାପା ମା'ଙ୍କୁ ନେଇ ଜିଲ୍ଲା ହେଲଦି ଇନ୍‌ଫର୍ମେସନ୍ ସେଣ୍ଟରକୁ ନେଇଥିଲେ, ସେଣ୍ଟର୍‌ର ମୁଖ୍ୟ ଡାକ୍ତର ବିଜୟ ପାଣିଗ୍ରାହୀ ଓ ଡାକ୍ତର ଆର୍. ଜଗଦୀଶ ରେଡ୍ଡୀ ଶିଶୁଟିର ସ୍ୱାସ୍ଥ୍ୟ ଯାଞ୍ଚ ଏବଂ କାଗଜପତ୍ର ଦେଖି ଅନୁଧ୍ୟାନ କରିଥିଲେ, କଟକ ଶିଶୁ ଭବନ ସହ ଡାଏଲିସିସ୍ ସମ୍ପର୍କରେ ଆଲୋଚନା ହୋଇଥିଲା, କିଡ଼ନୀ ପ୍ରତ୍ୟାରୋପଣ ପାଇଁ ଲିଖିତ ଭାବେ ଅନୁଷ୍କାର ଅଭିଭାବକଙ୍କ ପକ୍ଷରୁ ଶିଶୁଭବନକୁ ଦେବାକୁ ପରାମର୍ଶ



ଦିଆଯାଇଥିଲା, ଏହାପରେ ଏହି ବ୍ୟବସ୍ଥା କରାଯିବ ବୋଲି କୁହାଯାଇଥିଲା । ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଟେଣ୍ଡେଣ୍ଟ ଡାକ୍ତର ସ୍ୱାଧୀନ ରଥ ପରେ ସେମାନଙ୍କୁ ନେଇ ବ୍ରହ୍ମପୁର ଠାରେ ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ବିଜୟ ପଣ୍ଡାଙ୍କୁ ସାକ୍ଷାତ କରିଥିଲେ । କିଡ଼ନୀ ପ୍ରତ୍ୟାରୋପଣ ସମ୍ପର୍କରେ ଗଞ୍ଜାମ ଜିଲ୍ଲାପାଳଙ୍କ ସହ ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କଥାବାର୍ତ୍ତା ହୋଇଥିଲେ । କିଡ଼ନୀ ପ୍ରତ୍ୟାରୋପଣ ଲାଗି କଟକ ଶିଶୁଭବନରୁ ପରାମର୍ଶ ଚିଠି ଆସିଲେ ଏହା କରାଯିବ ବୋଲି ସୁପରିଟେଣ୍ଡେଣ୍ଟ ଡାକ୍ତର ସ୍ୱାଧୀନ ରଥ କହିଛନ୍ତି, ଅପରପକ୍ଷରେ ସ୍ଥାନୀୟ ଲୋକେ ଘର ଘର ବୁଲି ଅର୍ଥ ଯୋଗାଡ଼ କରୁଛନ୍ତି, ଏଥିସହ ଗାଁ କୋଠରୁ ଏବଂ ସରପଞ୍ଚ ଓ ଅନ୍ୟମାନେ ମଧ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି, ସୂଚନାଯୋଗ୍ୟ କିଡ଼ନୀ ପ୍ରତ୍ୟାରୋପଣ ପାଇଁ ଅନୁମାନିକ ୩୦ ଲକ୍ଷ ଖର୍ଚ୍ଚ ହେବ, ତାହା ମଧ ଓଡ଼ିଶାରେ ହେବନି, ସୁଦୁର ବାଙ୍ଗାଲୋରରେ ଚିକିତ୍ସା ହେବ । ମା' ତାଙ୍କ ଝିଅକୁ କିଡ଼ନୀ ଦେବେ ବୋଲି ମନସ୍ଥ କରିଥିଲେ, ତେବେ ଆର୍ଥ ବାଧକ ସାଜିଥିଲା । ଏସମ୍ପର୍କରେ ଖବ ପାଇ ଛତ୍ରପୁର ବ୍ଲକ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା । ସୂଚନାଯୋଗ୍ୟ ଅନୁଷ୍କା ଜନ୍ମର ୯ ମାସରୁ ବ୍ରହ୍ମପୁର, ଭୁବନେଶ୍ୱର, କଟକ ଓ ଶ୍ରିକାକୁଲମ୍ ହସ୍ପିଟାଲ୍‌ରେ ଚିକିତ୍ସା କରି ସର୍ବସ୍ୱାନ୍ତ ହୋଇଯାଇଥିଲେ ସୁଦ୍ଧା ରୋଗ ଚିହ୍ନଟ ହୋଇପାରିନଥିଲା । ୨୦୨୫ ଜାନୁଆରୀ ମାସ ଶେଷରେ କଟକ ଶିଶୁ ଭବନରେ ଏହି ରୋଗ ଚିହ୍ନଟ ହୋଇଥିଲା ।

## ହେମାମାଳିନୀଙ୍କ ଶ୍ରୀମନ୍ଦିର ପ୍ରବେଶ ନେଇ ତୀବ୍ର ପ୍ରତିକ୍ରିୟା

**ପୁରୀ, ନ୍ୟୁଜ୍ ବ୍ୟୁରୋ**

ହିନ୍ଦୀ ଚଳଚ୍ଚିତ୍ର ଅଭିନେତ୍ରୀ ତଥା ସାଂସଦ ହେମାମାଳିନୀ ମୁସଲମାନ୍ ରୀତିନୀତିରେ ବିବାହ କରିଥିବାରୁ ଶ୍ରୀଜଗନ୍ନାଥ ମନ୍ଦିରରେ ତାଙ୍କର ପ୍ରବେଶ ଅଧିକାର ନଥିବା ଅଭିଯୋଗ ହୋଇଛି। ଶ୍ରୀଜଗନ୍ନାଥ ସେନା ପକ୍ଷରୁ ସୋମବାର ତାଙ୍କ ବିରୋଧରେ ସିଂହଦ୍ୱାର ଥାନାରେ ଲିଖିତ ଏତଲା ଦିଆଯାଇଛି। ଡ୍ରିମ୍‌ଗାର୍ଲ ହେମାଙ୍କ ବିରୋଧରେ ମାମଲା ରୁଜୁ କରାଯିବା ସହ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଦାବି କରିଛନ୍ତି । ସେ କହିଛନ୍ତି, ୧୯୭୯ ଅଗଷ୍ଟ ୨୧ରେ ହେମା ମୁସଲମାନ୍ ରୀତିରେ ଅଭିନେତା ଧର୍ମେନ୍ଦ୍ରଙ୍କୁ ବିବାହ କରିଥିଲେ। ସେତେବେଳେ ଧର୍ମେନ୍ଦ୍ରଙ୍କ ନାମକରଣ ଦିଲାବର୍ ଖାଁ ଭାବେ କରାଯାଇଥିଲା । ଧର୍ମେନ୍ଦ୍ର ହେମାଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ତେଣୁ କେବଳ ହିନ୍ଦୁଙ୍କ ପାଇଁ ଉଦ୍ଦିଷ୍ଟ ଶ୍ରୀଜଗନ୍ନାଥ ମନ୍ଦିର ଭିତରକୁ ହେମାମାଳିନୀ ପ୍ରବେଶ କରିବା ଦ୍ୱାରା ଧାର୍ମିକ ଭାବନା କ୍ଷୁର୍ଣ୍ଣ ହୋଇଥିବା ଶ୍ରୀ ପଟ୍ଟନାୟକ କହିଛନ୍ତି। ହେମାମାଳିନୀଙ୍କୁ ଶ୍ରୀମନ୍ଦିରରେ ପ୍ରବେଶ କରାଇବାରେ ସହାୟତା କରିଥିବା ବ୍ୟକ୍ତିଙ୍କ ବିରୋଧରେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସେ ଦାବି କରିଛନ୍ତି। ସେହିପରି ହେମାଙ୍କ ଶ୍ରୀଜଗନ୍ନାଥ ମନ୍ଦିର ପ୍ରବେଶକୁ ପ୍ରତିହାରୀ ସେବକ ଈପ୍ସିତ ପ୍ରତିହାରୀ ନାପସନ୍ଦ କରିବା ସହ ଏହା ସଂପୂର୍ଣ୍ଣ ବେଆଇନ୍ ବୋଲି ସେ ଦର୍ଶାଇଛନ୍ତି ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**





**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ


**ତା୧୯।୩।୨୦୨୫, ଚୈତ୍ର ଦି୬ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୫।୫୨।୪୧** **ଚନ୍ଦ୍ରୋଦୟ- ରାଘ ୧୦।୧୪।୧୬**


**ପଞ୍ଚମୀ-** ରାଘ ୧୨।୩୭ ପର୍ଯ୍ୟନ୍ତ । **ବିଶାଖା ନକ୍ଷତ୍ର-** ରାଘ ୮।୫୦ ପର୍ଯ୍ୟନ୍ତ । **ତୁଳା ଚନ୍ଦ୍ର-** ଦିଘ ୨।୦୬ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, ତୁଳା, ବିଛା, ଧନୁ ଓ ମକର ରାଶିର । ଦିଘ ୨।୦୬ ଗତେ ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ତାଳ ରାଘ ୧୨।୩୭ ପରେ ନିମ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୫୫ ଗତେ ଘ ୭।୩୧ ମଧ୍ୟେ, ଦିଘ ୧।୫୪ ଗତେ ଘ ୫।୦୫ ମଧ୍ୟେ ।




**ମେଷ:** ବନ୍ଧୁ ମିଳନ ସହ ସାହାଯ୍ୟ ଓ ସହଯୋଗ ମଧ ପ୍ରାପ୍ତ ହେବ । ଆର୍ଥିକ ସ୍ଥିତିରେ ଉନ୍ନତି ଦେଖାଦେବ । ବ୍ୟବସାୟରେ ଆଶାନୁରୂପକ ଫଳ ଲାଭ ହେବ । ଘରେ ଆନନ୍ଦ ଦେଖାଦେବ ।




**ବୃଷ:** କାର୍ଯ୍ୟକ୍ଷେତ୍ରରେ ସହକର୍ମୀ ସହଯୋଗ ଲାଭ କରିବେ । ଶତ୍ରୁ ନାଶ ହେବେ । ଆୟର ପରିମାଣ ବଢ଼ିବ । ପାରିବାରିକ ଜୀବନ ଆନନ୍ଦ ଉତ୍ସବରେ କଟିବ । ଦେହ ଭଲ ରହିବାର ସୂଚନା ।



**ମିଥୁନ:** ଅନେକ କ୍ଷେତ୍ରରେ ବିଜୟ ହାସଲ କରିବେ । ମନ ସଦା ସର୍ବଦା ପ୍ରସନ୍ନ ରହିବ । ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ । ପିଲାଙ୍କ ପାଇଁ ଚିନ୍ତିତ ରହିବେ । ଆୟ ପୂର୍ବ ପରି ସ୍ଥିର ରହିବ ।



**କର୍କଟ:** କର୍ମକ୍ଷେତ୍ରରେ ମାନହାନୀ ଘଟିପାରେ । ଆର୍ଥିକ ସ୍ଥିତି ମାନ୍ଦା ହେବ । ଯାନ୍ତ୍ରିକ ତ୍ରୁଟି ହେତୁ ଲକ୍ଷ୍ୟ ସ୍ଥଳରେ ବିଳମ୍ବରେ ପହଞ୍ଚିବେ । ପରିବାରରେ ଅଶାନ୍ତି ଦେଖାଦେବାର ସୂଚନା । ମନ ଅସ୍ଥିର ରହିବ ।




**ସିଂହ:** ଚାକିରୀ କ୍ଷେତ୍ରରେ ଉତ୍ସାହିତ ହୋଇ କାର୍ଯ୍ୟ କରିଚାଲିବେ । ଐଶ୍ୱର୍ଯ୍ୟ ପ୍ରାପ୍ତ ହେବ । ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ । ଶତ୍ରୁ ସଂଖ୍ୟା ହ୍ରାସ ପାଇବ । ପରିବାରରେ ଆନନ୍ଦ ଦାୟକ ଦେଖାଦେବ ।




**କନ୍ୟା:** ମନରେ ଘୃଣା ଭାବ ଜାତ ହେବ । ହଠାତ୍ କୌଣସି ଏକ ଖବର ପାଇ ମାନସିକ ଅସ୍ଥିରତା ଦେଖାଦେବ । ଖର୍ଚ୍ଚର ପରିମାଣ ଅଧିକ ହେବ । ଗୃହେ କଳହ ଦେଖାଦେଇପାରେ ।



**ତୁଳା:** ଆଜି ଆପଣଙ୍କର ଦିନଟି ଆନନ୍ଦ ଦାୟକ ହେବ। ଅନ୍ତରଙ୍ଗ ବନ୍ଧୁଙ୍କ ସହ ଭେଟ ହୋଇପାରେ । ଉତ୍ତମ ଭୋଜନ ମିଳିବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ଭ୍ରମଣ ଯୋଗ ରହିଛି ।




**ବିଛା:** କର୍ମକ୍ଷେତ୍ରରେ ପଥରୋଧର ସମ୍ମୁଖୀନ ହେବେ । ନିଜର ଅନିଚ୍ଛା ସତ୍ତ୍ୱେ ଦୂରକୁ ଯାତ୍ରା କରିପାରନ୍ତି । ଘରେ ମତାନ୍ତର ଦେଖାଦେବ। ବ୍ୟୟର ପରିମାଣ ବଢ଼ିବ । ମନ ଅସ୍ଥିର ରହିବାର ସୂଚନା ।



**ଧନୁ:** ନୂତନ ଦ୍ରବ୍ୟ ଲାଭ ହେବାର ସୂଚନା । ପାରିବାରିକ ଜୀବନ ହସିଲା ଓ ପୂରିଲା ପରି ଲାଗିବ । କାର୍ଯ୍ୟକ୍ଷେତ୍ରରେ ସଫଳତା ଦେଖାଦେବ । ବନ୍ଧୁଙ୍କ ଆଗମନ ହେତୁ ମଉଜ ମଜଲିସ୍‌ରେ ସମୟ କଟିବ । ପରୋପକାରୀ ହେବେ।



**ମକର:** ଆଜି ଆପଣଙ୍କର ଆୟ ଯୋଗ ରହିଛି । ବ୍ୟବସାୟରେ ଲାଭବାନ୍ ହେବେ । ଲାଗି ରହିଥିବା ବିବାଦରେ ବିଜୟୀ ହେବେ। ପାରିବାରିକ ଜୀବନ ସୁଖମୟ ହେବ । ଧନବାନ ହେବାର ସୂଚନା ।



**କୁମ୍ଭ:** ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ । ପିଲାମାନେ ଲେଖାପଢ଼ାରେ ମନ ଦେବେ । ଦେବ ଦର୍ଶନର ସୁଯୋଗ । ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ । ଆୟ ସ୍ଥିର ରହିବ ।



**ମୀନ:** ବ୍ୟବସାୟରେ ଲାଭବାନ୍ ହେବେ । ଅସମ୍ପୂର୍ଣ୍ଣ କାର୍ଯ୍ୟଟି ହେବାରୁ ଆଶ୍ୱସ୍ତି ଲାଭ କରିବେ। ଘରେ ସୁଖ ଶାନ୍ତି ରହିବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବାର ସୂଚନା । ନୂତନ ବନ୍ଧୁଙ୍କ ସହ ସାକ୍ଷାତ୍ ।



## ମାଣ୍ଡିଆ ପେଜ ପିଇ ଆକର୍ଷିତ ହେଲେ ଗଣଶିକ୍ଷା ମନ୍ତ୍ରୀ

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**

ବିଦ୍ୟାଳୟ ଗଣଶିକ୍ଷା ତଥା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ଓ ଭିନ୍ନକ୍ଷମ ସାମାଜିକ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ନିଜର ସାଧାରଣ ଜୀବନ ଶୈଳୀ ପାଇଁ ସବୁବେଳେ ଚର୍ଚ୍ଚାରେ । ନବରଙ୍ଗପୁର ଜିଲ୍ଲା ଗସ୍ତରେ ଥିବା ସମୟରେ ମାଣ୍ଡିଆ ପେଜ ପିଇ ପୁଣି ଲୋକଙ୍କ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଛନ୍ତି । ମାଣ୍ଡିଆକୁ ନେଇ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ହେଉଥିବା ବେଳେ ମନ୍ତ୍ରୀ ନିଜେ ମାଣ୍ଡିଆ ଯାଉ ମାଗି ଗ୍ରହଣ କରିଛନ୍ତି । ସମାଜକୁ ମାଣ୍ଡିଆର ଉପକାରିତାର ବାର୍ତ୍ତା ଦେଇଛନ୍ତି। ମନ୍ତ୍ରୀ ଉମରକୋଟ ପୌରପାଳିକାର ୧୨ ନମ୍ବର ୱାର୍ଡକୁ ଯାଇଥିଲେ। ସେଠାରେ ସେ ୱାର୍ଡବାସୀଙ୍କ ସହ ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ଜଣେ ଦଳିତ ମହିଳାଙ୍କ ଘରେ ମାଣ୍ଡିଆ ପେଜ ପିଇଥିଲେ। ମନ୍ତ୍ରୀଙ୍କୁ ନିଜ ୱାର୍ଡରେ ପାଇ ୱାର୍ଡବାସୀ ବେଶ୍ ଖୁସି ହୋଇଥିବା ବେଳେ ୱାର୍ଡବାସୀଙ୍କ ସମସ୍ତ ସମସ୍ୟାର ସମାଧାନ ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ପ୍ରତିଶ୍ରୁତି ଦେଇଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର ମିଲେଟ୍‌କୁ ଶ୍ରୀ ଅର୍ଣ୍ଣ ମାନ୍ୟତା ପ୍ରଦାନ କରି ଏହାର ଅଧିକ ଉତ୍ପାଦନ ବୃଦ୍ଧି ଓ ବ୍ୟବହାର ଉପରେ ଗୁରୁତ୍ୱାରୋପ କରୁଥିବା ନେଇ ମନ୍ତ୍ରୀ ଶ୍ରୀ ଗଣ୍ଡ ଏହାକୁ ସମସ୍ତ ବର୍ଗର ବ୍ୟକ୍ତି ନିଜ ଖାଦ୍ୟ ସୂଚୀରେ ସାମିଲ୍ କରିବା ପାଇଁ ମନ୍ତ୍ରୀ ଶ୍ରୀ ଗଣ୍ଡ ପରାମର୍ଶ ଦେଇଛନ୍ତି।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଛାତ୍ରଛାତ୍ରୀଙ୍କ ପାଇଁ ଏବେ ସବୁଠୁ ଆହ୍ୱାନପୂର୍ଣ୍ଣ ସ୍ଥିତି ସୃଷ୍ଟି ହୋଇଛି

ପାଠପଢ଼ା ଶେଷ କରିବା ପରେ ଚାକିରି ଦୁନିଆରେ ପ୍ରବେଶ କରିବାକୁ ଯାଉଥିବା ଛାତ୍ରଛାତ୍ରୀମାନଙ୍କ ଲାଗି ଏବେ ସବୁଠୁ ଆହ୍ୱାନପୂର୍ଣ୍ଣ ସ୍ଥିତି ସୃଷ୍ଟି ହୋଇଛି। ନିଜ ପସନ୍ଦର କମ୍ପାନିରେ ଚାକିରି ଖଣ୍ଡିଏ ପାଇବା ବେଶ୍ କଷ୍ଟକର ମନେ ହେଉଛି। ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନଗୁଡ଼ିକର ଅବସ୍ଥା ଦୟନୀୟ ହୋଇପଡ଼ିଥିବାରୁ ସାଧାରଣ ଶିକ୍ଷାନୁଷ୍ଠାନଗୁଡ଼ିକର ଅବସ୍ଥା କ'ଣ ଥିବ ତାହା ସହଜରେ ଅନୁମାନ କରାଯାଇପାରିବ। ସୂଚନା ପ୍ରଯୁକ୍ତି ଶିଳ୍ପରେ ଚାକିରି ଜୀବନ ଆରମ୍ଭ କରିବାକୁ ଚାହୁଁଥିବା ଛାତ୍ରଛାତ୍ରୀମାନଙ୍କ ଲାଗି ଖରାପ ଖବର ହେଉଛି ଯେ ଫ୍ରେସର୍ ନିଯୁକ୍ତିରେ ୫୦ ପ୍ରତିଶତ ହ୍ରାସ ହେବାର ଆଶଙ୍କା ଦେଖାଦେଇଛି। ଗତ କିଛି ବର୍ଷ ହେଲାଣି ଆଇଟିରେ ଫ୍ରେସର୍ ନିଯୁକ୍ତି କମୁଥିଲା। ଚଳିତ ବର୍ଷ ତାହା ଆହୁରି ୫୦ ପ୍ରତିଶତ କମ୍ ହେବାର ଆଶଙ୍କା ରହିଛି। ଟିମ୍ଲିଜ୍ ସର୍ଭିସେସ୍ର ସିଏଫ୍ଓ ରମଣ ଦାଥ୍ କହିଛନ୍ତି ଯେ ଗତବର୍ଷ କ୍ୟାମ୍ପସ୍ରୁ ଫ୍ରେସର୍ ନିଯୁକ୍ତି କମ୍ ଥିଲା। ଚଳିତ ବର୍ଷ ତାହା ଆହୁରି କମିବ। ଦାଥ୍ଙ୍କ ମତରେ ଆଇଟି କମ୍ପାନିଗୁଡ଼ିକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଓ ମେସିନ୍ ଲର୍ଣ୍ଣିଂ (ଏମ୍ଏଲ୍) ଉପରେ ସ୍ୱତନ୍ତ୍ର ଦକ୍ଷତା ଥିବା ପିଲା ଖୋଜୁଛନ୍ତି ଯାହା କ୍ୟାମ୍ପସରୁ ମିଳିବା କଷ୍ଟକର ହେଉଛି। ଶିଳ୍ପର ଆବଶ୍ୟକତା ଅନୁଯାୟୀ ପାଠ୍ୟକ୍ରମରେ ପରିବର୍ତ୍ତନର ଆବଶ୍ୟକତା ରହିଛି। କିଛି ଶିକ୍ଷାନୁଷ୍ଠାନ ଇନଫୋସିସ୍, ଓ୍ୱିପ୍ରୋ ଓ ଟିସିଏସ୍ ଭଳି ଆଇଟି କମ୍ପାନିର ଆବଶ୍ୟକତା ଅନୁସାରେ ନିଜ ପାଠ୍ୟକ୍ରମରେ ପରିବର୍ତ୍ତନ ଆଣିଛନ୍ତି। ଏମିତିରେ ଆଇଟି ଶିଳ୍ପର ନିଯୁକ୍ତି ସ୍ଥିତି ନୈରାଶ୍ୟଜନକ ରହିଛି। ଗତ ୧୫ ମାସ ଭିତରେ ନିଯୁକ୍ତି ଲଗାତାର ଭାବେ କମୁଥିବା ବେଳେ କେବଳ ଫେବ୍ରୁୟାରୀ ଓ ମାର୍ଚ୍ଚରେ କିଛି ନିର୍ଦ୍ଦିଷ୍ଟ କମ୍ପାନିରେ ନିଯୁକ୍ତି ବଢ଼ିଥିଲା। ଅନ୍ୟ ପକ୍ଷରେ, ଆଇଆଇଟି ଛାତ୍ରଛାତ୍ରୀମାନେ କ୍ୟାମ୍ପସ ଚୟନ ବେଳେ ନିଯୁକ୍ତି ପ୍ରସ୍ତାବ ପାଇବାକୁ ସଂଘର୍ଷ କରୁଥିବାର ମଧ୍ୟ ଚର୍ଚ୍ଚା ହେଉଛି। ଗୋଟିଏ ପଟେ ବହୁ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ମିଳିନଥିବା ବେଳେ ଅନ୍ୟ ପଟେ ଯେଉଁମାନଙ୍କୁ ନିଯୁକ୍ତି ପ୍ରସ୍ତାବ ମିଳିଛି, ସେମାନଙ୍କୁ ଦିଆଯାଇଥିବା ବେତନ ପ୍ରସ୍ତାବ ଏତେ କମ୍ ରହିଛି ଯେ ତାହାକୁ ଗ୍ରହଣ କରିବେ ନା ନାହିଁ ତାହାକୁ ନେଇ ଛାତ୍ରଛାତ୍ରୀମାନେ ଚିନ୍ତାରେ ରହିଛନ୍ତି। ଚଳିତ ବର୍ଷ କିଛି ଛାତ୍ରଛାତ୍ରୀଙ୍କୁ ବାର୍ଷିକ ୩-୪ ଲକ୍ଷ ଟଙ୍କା ଭଳି କମ୍ ବେତନ ପ୍ରସ୍ତାବ ଦିଆଯାଇଛି।

# ଉତ୍କଳୀୟ ସଂସ୍କୃତିରେ ସଂକୀର୍ତ୍ତନ



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ଉତ୍କଳୀୟ ସଂସ୍କୃତିରେ ସଂକୀର୍ତ୍ତନର ଧାରା କେବେଠାରୁ ଆରମ୍ଭ ହୋଇଛି ତାହାର କୌଣସି ସ୍ପଷ୍ଟ ତଥ୍ୟ ଇତିହାସରେ ମିଳୁନଥିଲେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ଜରାଜୀର୍ଣ୍ଣ ମନ୍ଦିରର ପୁନଃ ନିର୍ମାଣ ସହ ଗୁମୁଟି ମନ୍ଦିର ନିର୍ମାଣ ଓ ତାହାର ପ୍ରତିଷ୍ଠା ସମୟରେ ଏହାର ଅସ୍ତିତ୍ୱ ଥିବାର ସ୍ପଷ୍ଟତା କେବେ ହେଲେ ଅସ୍ୱୀକାର କରିହେବ ନାହିଁ। ବର୍ତ୍ତମାନ ଏହି ମନ୍ଦିର ନିର୍ମାଣ ଓ ପ୍ରତିଷ୍ଠାର ମୁଖ୍ୟ ଥିଲେ ତତ୍କାଳୀନ କଳିଙ୍ଗର ଗଙ୍ଗ ସମ୍ରାଟ ଚୋଡ଼ଗଙ୍ଗଦେବ (ଖ୍ରୀ.ଅ. ୧୦୭୮-୧୧୪୭)। ସେତେବେଳେ ଏହାଙ୍କଦ୍ୱାରା ପ୍ରଚଳିତ ରାହାସ ନୃତ୍ୟରେ ମୃଦଙ୍ଗ, ଗିନି ଓ ଝାଞ୍ଜର ପ୍ରଚଳନ ଥିଲା। ରାହାସ କହିଲେ ରାସନୃତ୍ୟକୁ ବୁଝାଯାଏ। ସମ୍ରାଟ ଚୋଡ଼ଗଙ୍ଗଦେବ ଏହି କୀର୍ତ୍ତନ ନିମନ୍ତେ ଗୋଦାବରୀ ନଦୀ କୂଳରୁ ମୃତ୍ତିକା ଅଣାଇ ସେଥିରେ ମୃଦଙ୍ଗ ନିର୍ମାଣ କରାଉଥିଲେ। ମୃଦଙ୍ଗ, ଝାଞ୍ଜ ଓ ଗିନିର ତାଳେ ତାଳେ କୀର୍ତ୍ତନ ନୃତ୍ୟ ଆରମ୍ଭ ହେଉଥିଲା ଓ ସେହି ସମୟରୁ ମାହାରୀ ନୃତ୍ୟ ମଧ୍ୟ ଶ୍ରୀମନ୍ଦିର ସେବାରେ ପ୍ରବେଶ କରିଥିବା ଷୋଡ଼ଶ ଶତାବ୍ଦୀର କବି ମାଧବ ପଟ୍ଟନାୟକଙ୍କ 'ବୈଷ୍ଣବ ଲୀଳାମୃତ' ଗ୍ରନ୍ଥରୁ ଜଣାଯାଏ। ଗୋଦାବରୀ ନଦୀ କୂଳରୁ ମୃଦଙ୍ଗ ନିର୍ମାଣ ନିମନ୍ତେ ମାଟି ଆଣୁଥିବା ଯୋଗୁ ଓଡ଼ିଶାରେ ନାମ ସଂକୀର୍ତ୍ତନ ମୂଳରେ ଦକ୍ଷିଣର ପ୍ରଭାବ ଥିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ। ସମ୍ରାଟ ଚୋଡ଼ଗଙ୍ଗଦେବ ଶ୍ରୀଜଗନ୍ନାଥଙ୍କ ମୁଖ୍ୟ ମନ୍ଦିର ଜୀର୍ଣ୍ଣ ଥିବାରୁ ଏହାର ସଂସ୍କାର କାର୍ଯ୍ୟ କରିବା ସହ ତତ୍ସଲଗ୍ନ ବିମାନ ଓ ଜଗମୋହନ ମନ୍ଦିର ଆଦି ନିର୍ମାଣ କରାଇଥିଲେ। ଏହି ଗର୍ଭଗୃହ ପ୍ରତିଷ୍ଠା ଦିନ ତାଙ୍କର ଜ୍ୟେଷ୍ଠପୁତ୍ର କାମାର୍ଣ୍ଣବଦେବ (ଖ୍ରୀ.ଅ. ୧୧୪୭-୧୧୫୬) ଯୁବରାଜ ପଦରେ ମଧ୍ୟ ଅଭିଷିକ୍ତ ହୋଇଥିଲେ। ତେଣୁ ଏଥିରେ ମନ୍ଦିର ପ୍ରତିଷ୍ଠା ଓ କାମାର୍ଣ୍ଣବଦେବଙ୍କ ଯୁବରାଜ ପଦରେ ଅଭିଷେକ ହେବା ସହ କୀର୍ତ୍ତନ ପ୍ରଚଳନର ଏକ ସ୍ପଷ୍ଟ ଚିତ୍ର ଦେଖିବାକୁ ମିଳିଥାଏ। କବି ମାଧବ ପଟ୍ଟନାୟକଙ୍କ ଆବିର୍ଭାବ ସମ୍ରାଟ ଚୋଡ଼ଗଙ୍ଗଦେବଙ୍କ ରାଜତ୍ୱର ପ୍ରାୟ ୩୦୦ବର୍ଷ ପରେ ହୋଇଛି। ସେ ଥିଲେ ପ୍ରତାପରୁଦ୍ର ଦେବଙ୍କ ରାଜତ୍ୱ କାଳ ତଥା ଦକ୍ଷିଣ ଉତ୍କଳର ରାଜମହେନ୍ଦ୍ରୀଠାରେ ରାଜ୍ୟପାଳ ଥିବା ରାୟ ରାମାନନ୍ଦଙ୍କର ଜଣେ ବ୍ୟକ୍ତିଗତ ସହାୟକ। ଜଣାଯାଏ ଯେ ଖ୍ରୀ.ଅ. ୧୪୯୦ଠାରୁ ସେ ରାୟରାମାନନ୍ଦଙ୍କର ବ୍ୟକ୍ତିଗତ ସହାୟକ ଭାବେ କାର୍ଯ୍ୟ କରିଆସୁଥିଲେ। କବି ମାଧବ ପଟ୍ଟନାୟକଙ୍କ ଘର ଥିଲା ଖଣ୍ଡପଡ଼ା ଗଡ଼। ତାଙ୍କୁ ଯେତେବେଳେ ମାତ୍ର ୨୧ ବର୍ଷ ବୟସ ହୋଇଥିଲା ସେତେବେଳେ ସେ ପୁରୀ ଶ୍ରୀକ୍ଷେତ୍ରରେ ପହଞ୍ଚିଥିଲେ ଓ ପୁରୀ ନିକଟସ୍ଥ ବ୍ରହ୍ମଗିରିର ବେଣ୍ଟପୁର ଗ୍ରାମରେ ଥିବା ଭକ୍ତ ମାଧବେନ୍ଦ୍ର ପୁରୀ ଓ ତାଙ୍କ ସହିତ ତାଙ୍କର ଦୁଇ ଶିଷ୍ୟ ଈଶ୍ୱରପୁରୀ ଓ ରାଘବପୁରୀଙ୍କ କୀର୍ତ୍ତନ ଦେଖିବା ନିମନ୍ତେ ଯାଇଥିଲେ। ସେମାନଙ୍କ କୀର୍ତ୍ତନ ଦେଖି ଏଭଳି ଭାବ ବିହ୍ୱଳ ହୋଇ ପଡ଼ିଲେ ଯେ ତାଙ୍କୁ ସେମାନଙ୍କ ଦଳରେ ରଖିବା ନିମନ୍ତେ ଅନୁରୋଧ କରିଥିଲେ। ମାତ୍ର ସେଠାରେ ଉପସ୍ଥିତ ଥିବା ରାୟରାମାନନ୍ଦ ଯୁବକଟିର ପରିଚୟ ପାଇ ତାଙ୍କୁ ନିଜ ପାଖରେ ରଖି ଶିକ୍ଷିତ କରାଇଥିଲେ। ରାୟରାମାନନ୍ଦଙ୍କ ବାପା ଭବାନନ୍ଦ ପଟ୍ଟନାୟକ ମେଦିନୀପୁରର ମନ୍ଦାରଗଡ଼ଠାରେ ରାଜ୍ୟପାଳ ରୂପେ ଗଜପତି ପୁରୁଷୋତ୍ତମଙ୍କଦ୍ୱାରା ନିଯୁକ୍ତି ପାଇଥିଲେ। ତେଣୁ କବିଙ୍କର ଜନ୍ମ ହିସାବରୁ ଜଣାଯାଏ ଯେ ସେ ସମସ୍ତ ସମୟ ପୁରୀରେ ହିଁ କଟାଇଛନ୍ତି। ତେଣୁ ଚୋଡ଼ଗଙ୍ଗଦେବଙ୍କ ପରଠାରୁ ୩୦୦ ବର୍ଷର ଲୋକକଥାକୁ ସେ ନିଶ୍ଚିତ ଭାବରେ ଶୁଣି ବା ସଂଗ୍ରହ କରି ନିଜର ପୁସ୍ତକରେ ଲିପିବଦ୍ଧ କରିଛନ୍ତି। "ବୈଷ୍ଣବ ଲୀଳାମୃତ"ରେ ଥିବା ଏ ସମ୍ପର୍କୀୟ କେତୋଟି ପଦର ଅବତାରଣା ନିମ୍ନରେ ଉଲ୍ଲେଖ କରାଯାଇଛି।

| | | |
|---|---|---|
| ରାଧାକୃଷ୍ଣ ଏ ମେଳ ବପୁ | ॥ | ଜଗନ୍ନାଥ ଯେ ସର୍ଜିବାକୁ |
| ସ୍ୱାମୀ ଯେ ମେଳା ଭିଆଇଲା | ॥ | ରାହାସ ନାମଟି ସେ ଦେଲା |
| ଏଥେ ଜପ ଯେ ତପ ଯୋଗ | ॥ | ଭଗତି ଭାବ ଅନୁରାଗ |
| ସବୁକୁ ଆଣି ମେଳାଇଲା | ॥ | ରାହାସ ବୋଲିଣ ବୋଇଲା |
| ରାହାସ ନାମ ସଂକୀର୍ତ୍ତନ | ॥ | ନାମ ହୁଁ ନୋହେ ଏଟି ଭିନ୍ନ |
| ଏଥେ ଝାଞ୍ଜ ମୃଦଙ୍ଗ ଗିନି | ॥ | କରତାଳି ଯେ ଲୋଡ଼ା ପୁଣି |
| କୃଷ୍ଣ ରସ ଯେ ଗୀତ ହୋଇ | ॥ | ଗୀତଗୋବିନ୍ଦ କର୍ଣ୍ଣାମୃତ ଚିତ୍ତୋଇ |
| ଦକ୍ଷିଣୀ ପଦ ମେଳ ଧରି | ॥ | ନାଚନ୍ତି ପଙ୍କ୍ତି ପ୍ରାୟେ କରି |
| ଝାଞ୍ଜ ମୃଦଙ୍ଗ କଳରୋଳେ | ॥ | ନାଚନ୍ତି ଢଳିଣ ଶୟଳେ |
| ଆକାଶ ଅବନୀ ଏକାକାର | ॥ | ପୃଥିବୀ ଦ୍ରବେ ଜଳଧାର |

("ବୈଷ୍ଣବ ଲୀଳାମୃତ" ଦ୍ୱିତୀୟ ଅଧ୍ୟାୟ, ପଦ ୫-୧୪)

ଏହି କୀର୍ତ୍ତନରେ ଶ୍ରୀଜୟଦେବଙ୍କ ଶ୍ରୀଗୀତଗୋବିନ୍ଦ ଓ ବିଲ୍ୱମଙ୍ଗଳଙ୍କ ଶ୍ରୀକୃଷ୍ଣକର୍ଣ୍ଣାମୃତର ପଦମାନ ଗାନ କରାଯାଉଥିଲା। ତେଣୁ ଶ୍ରୀଚୈତନ୍ୟଙ୍କ ଓଡ଼ିଶା ଆବିର୍ଭାବ ପୂର୍ବରୁ ଓଡ଼ିଶାରେ ସଂକୀର୍ତ୍ତନ ଧାରାର ପ୍ରଚଳନ ଥିଲା।

ଶ୍ରୀଚୈତନ୍ୟ ପୁରୀରେ ଆସି ପହଞ୍ଚିବା ପରେ ପଞ୍ଚସଖାଙ୍କ ସହିତ ତାଙ୍କର ସାକ୍ଷାତ ହୋଇଛି। ଶ୍ରୀମନ୍ଦିର ବେଢ଼ାରେ ଜଗନ୍ନାଥ ଦାସ ବଟଗଣେଶଙ୍କ ନିକଟରେ ରାଧାକୃଷ୍ଣଙ୍କ ମୂର୍ତ୍ତି ସ୍ଥାପନା କରିବା ସହ ସେଠାରେ ସଂସ୍କୃତ ଭାଗବତର ଓଡ଼ିଆ ରୂପାନ୍ତର କରି ଭକ୍ତମାନଙ୍କୁ ତାହାର ତତ୍ତ୍ୱମାନ ବୁଝାଉଥିଲେ। ଶ୍ରୀଚୈତନ୍ୟ ଜଗନ୍ନାଥ ଦାସଙ୍କ ପାଖରେ ପ୍ରଥମେ ପହଞ୍ଚି ଭାଗବତର ଏହି ତତ୍ତ୍ୱକୁ ପ୍ରଥମେ ବୁଝିଥିଲେ। ସେତେବେଳେ ତାଙ୍କ ସହ ନଦିଆରୁ ଆସିଥିବା ସହଚରମାନେ ପୁରୀରେ ଆସି ପହଞ୍ଚିନଥିଲେ। ଜଗନ୍ନାଥ ଦାସଙ୍କଠାରୁ ଏପରି ତତ୍ତ୍ୱମାନ ଶୁଣି ଶ୍ରୀଚୈତନ୍ୟ ତାଙ୍କୁ 'ସ୍ୱାମୀ' ବୋଲି ସମ୍ବୋଧନ କରିଥିଲେ। ଏହାପରେ ଶ୍ରୀଜଗନ୍ନାଥ ଦାସଙ୍କର ଅନ୍ୟ ସଖାମାନେ ଯେଉଁମାନେ କି ସେତେବେଳେ ପଞ୍ଚସଖା ନାମରେ ଓଡ଼ିଶାରେ ବିଦିତ ଥିଲେ ସେମାନଙ୍କର ରାୟରାମାନନ୍ଦଙ୍କ ସହ ଘନିଷ୍ଠତା ରହିଥିଲା। ତେଣୁ ଶ୍ରୀଚୈତନ୍ୟ ବି କ୍ରମଶଃ ସେମାନଙ୍କ ସହ ପରିଚିତ ହୋଇଗଲେ। ରାଧା ହିଁ ଶ୍ରୀକୃଷ୍ଣଙ୍କର ଆହ୍ଲାଦିନୀ ଶକ୍ତି ଓ ଏହି ଶକ୍ତି ହିଁ ଆନନ୍ଦମୟୀ ଏବଂ ରାଧାକୃଷ୍ଣଙ୍କର ତତ୍ତ୍ୱକୁ ଶ୍ରେଷ୍ଠ ତତ୍ତ୍ୱ ଭାବରେ ପଞ୍ଚସଖାମାନେ ଗ୍ରହଣ କରିନେଇଥିଲେ। ଶ୍ରୀଚୈତନ୍ୟ ରାୟରାମାନନ୍ଦଙ୍କଠାରୁ ଶ୍ରୀଜୟଦେବଙ୍କ ଶ୍ରୀଗୀତଗୋବିନ୍ଦର ରାଧା ଭାବ ତତ୍ତ୍ୱ କଥା ଶୁଣିଥିଲେ ଓ ସେଥିପାଇଁ ତାଙ୍କୁ ନିଜର 'ଗୁରୁ' ଭାବରେ ସ୍ୱୀକାର କରିଥିବା ଉକ୍ତ ବୈଷ୍ଣବ ଲୀଳାମୃତ ଗ୍ରନ୍ଥରେ ବର୍ଣ୍ଣିତ ହୋଇଛି। ଏଥିରୁ ନିଶ୍ଚିତ ଯେ ଶ୍ରୀଚୈତନ୍ୟ ପୁରୀ ଆସି ପଞ୍ଚସଖାଙ୍କ ସହ ମିଶିବା ପୂର୍ବରୁ ଶ୍ରୀଜୟଦେବ ଓ ଗୀତଗୋବିନ୍ଦରେ ବର୍ଣ୍ଣିତ ରାଧାଭାବ ତତ୍ତ୍ୱ ସଂପର୍କରେ ଆଦୌ କିଛି ଜାଣିନଥିଲେ।

ପଞ୍ଚସଖା ଓ ଶ୍ରୀଚୈତନ୍ୟ ସେତେବେଳେ ଉତ୍କଳର ବିଭିନ୍ନ ସ୍ଥାନକୁ କୀର୍ତ୍ତନ କରିବା ନିମନ୍ତେ ଯାଉଥିଲେ। ଶ୍ରୀଚୈତନ୍ୟଙ୍କ ଶେଷ ୧୨ବର୍ଷ ପଞ୍ଚସଖାଙ୍କ ସହିତ ଏହି କୀର୍ତ୍ତନ କରିବାରେ ସଂପୂର୍ଣ୍ଣ ଭାବେ ଅତିବାହିତ ହୋଇଥିଲା। ସେଗୁଡ଼ିକ ମଧ୍ୟରୁ ପ୍ରତିବର୍ଷର ପୌଷ ପୂର୍ଣ୍ଣମୀ ତିଥିରେ ଏହି ବୈଷ୍ଣବଗୋଷ୍ଠୀ ପୁରୀରୁ ଏକାମ୍ରକ୍ଷେତ୍ର ଭୁବନେଶ୍ୱରକୁ ଆସୁଥିଲେ ଓ ସେଠାରେ କୃତିବାସ ଲିଙ୍ଗରାଜଙ୍କୁ ପୂଜାକରି କୀର୍ତ୍ତନ ଆରମ୍ଭ କରୁଥିଲେ। ତାହା ପରେ ଅନନ୍ତ ବାସୁଦେବ, କେଦାରଗୌରୀରେ କୀର୍ତ୍ତନ ସାରି ନିଆଳୀ ଶାସନ ନିକଟସ୍ଥ ମାଧବ ମନ୍ଦିରରେ କୀର୍ତ୍ତନ କରୁଥିଲେ। ତାହା ପରେ ଶ୍ରୀଜୟଦେବଙ୍କ ଜନ୍ମସ୍ଥାନ କେନ୍ଦୁଲୀ ଗ୍ରାମରେ ଶ୍ରୀଗୀତଗୋବିନ୍ଦର ପଦମାନ ଗାନ ସହ କୀର୍ତ୍ତନ କରି ଭାବବିହ୍ୱଳିତ ହୋଇପଡୁଥିଲେ। ଏଥିରୁ ପ୍ରମାଣିତ ଯେ ଷୋଡ଼ଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ କେନ୍ଦୁଲୀ ଗ୍ରାମ ଓ ସେଠାରେ ଥିବା ଶ୍ରୀଜୟଦେବଙ୍କ ସ୍ମୃତି ଅମ୍ଳାନ ଥିଲା। ଏହାପରେ ସେମାନେ କାକଟପୁରରେ ମଙ୍ଗଳାଙ୍କ ଦର୍ଶନ କରି କୋଣାର୍କରେ ପହଞ୍ଚି ସେଠାରେ କୀର୍ତ୍ତନ କରୁଥିଲେ। ସେମାନେ କୋଣାର୍କରେ ପ୍ରତିଦିନ ଭୋଗ ହେଉଥିବା ଖିରୀ ଓ ଲଡ୍ଡୁ ଖାଉଥିବାର ବୈଷ୍ଣବ ଲୀଳାମୃତରେ ଉଲ୍ଲେଖ ରହିଛି। ତେଣୁ ଏଥିରୁ ଜଣାଯାଏ ଯେ ଉକ୍ତ ସମୟରେ କୋଣାର୍କ ମନ୍ଦିରର ପୂଜା ପଦ୍ଧତି ଅକ୍ଷୁଣ୍ଣ ଥିଲା।

ଏହିପରି ସେମାନେ କଟକ ବାରବାଟୀ ଦୁର୍ଗରେ ଥିବା ଗଜପତି ସମ୍ରାଟ ପ୍ରତାପରୁଦ୍ରଦେବଙ୍କ ଶ୍ରୀନଅରରେ ମଧ୍ୟ କୀର୍ତ୍ତନ କରୁଥିଲେ। ଚୈତ୍ର ମାସରେ ବିରଜା କ୍ଷେତ୍ର ଯାଜପୁରକୁ କୀର୍ତ୍ତନ ପାଇଁ ଯାଉଥିଲେ। ଫେରିବାବେଳେ ବାଟରେ ସେମାନେ କେନ୍ଦ୍ରପଡ଼ାର ବଳଦେବଙ୍କ ମନ୍ଦିର ଓ ଝଙ୍କଡ଼ରେ ଥିବା ଶାରଳାଙ୍କ ମନ୍ଦିରରେ କୀର୍ତ୍ତନ କରୁଥିଲେ।

ଶ୍ରୀଚୈତନ୍ୟ ଓ ପଞ୍ଚସଖା ଯେଉଁଠାକୁ କୀର୍ତ୍ତନ କରିବାକୁ ଯାଉଥିଲେ ସେଠାରେ ପ୍ରଥମେ ଜଗନ୍ନାଥ ଦାସଙ୍କ ଭାଗବତ ପୋଥିମାନ ଗୋଟିଏ ଆସନ ଉପରେ ସ୍ଥାପନ କରି ଦେବତାଙ୍କ ଭଳି ପୂଜା କରାଯାଉଥିଲା। ଆଉ ସେହି ଦିନ ସେଠା ଗ୍ରାମର ପ୍ରତି ଘରେ ଭାଗବତ ପାଠ ବି କରାଯାଉଥିଲା। କୀର୍ତ୍ତନବେଳେ ଶ୍ରୀଜୟଦେବଙ୍କ ରଚିତ ଶ୍ରୀଗୀତଗୋବିନ୍ଦର ଅନୁବାଦ ସହ କୃଷ୍ଣକର୍ଣ୍ଣାମୃତର ପଦମାନ ଗାନ କରି ସେମାନେ ନୃତ୍ୟ କରୁଥିଲେ। ଲୋକେ ହିଂସ୍ର ଜନ୍ତୁ ଭୟ, ପ୍ରାକୃତିକ ବିପର୍ଯ୍ୟୟ ଓ ଅପୁତ୍ରିକର ପୁତ୍ର ଲାଭ ନିମନ୍ତେ ଗ୍ରାମେ ଗ୍ରାମେ କୀର୍ତ୍ତନର ଆୟୋଜନ କରୁଥିଲେ ଓ ପଞ୍ଚସଖାଙ୍କ ସହ ଶ୍ରୀଚୈତନ୍ୟଙ୍କୁ କୀର୍ତ୍ତନ କରିବା ନିମନ୍ତେ ନିମନ୍ତ୍ରଣ କରୁଥିଲେ। କୀର୍ତ୍ତନରେ ମୁଖ୍ୟତଃ ଭାଗବତ ପୋଥି ସହ ତୁଳସୀ ଗଛ ରଖାଯାଉଥିଲା ଓ ଶ୍ରୀଜୟଦେବଙ୍କ ଜୟଗାନ କରିବା ସହିତ କୀର୍ତ୍ତନର ଆରମ୍ଭ ଶ୍ରୀଗୀତଗୋବିନ୍ଦରୁ ହିଁ କରାଯାଉଥିଲା। ଏହା ସହିତ ଜଗନ୍ନାଥ ଦାସ ମଧ୍ୟ କୃଷ୍ଣ ସଙ୍ଗୀତ ରଚନା କରୁଥିଲେ ଓ ତାକୁ ସମସ୍ତେ ମିଶି ଗାଇ କୀର୍ତ୍ତନ କରୁଥିଲେ। ଏହି କୀର୍ତ୍ତନ ଗୋଷ୍ଠୀଙ୍କ ସହିତ ଶ୍ରୀଚୈତନ୍ୟଙ୍କ ସହ ନଦିଆରୁ ଆସିଥିବା କୌଣସି ସହଚର ସହଯୋଗ କରୁନଥିଲେ। ଜଗନ୍ନାଥ ଦାସଙ୍କ କୃଷ୍ଣ ସଙ୍ଗୀତର ଏକ ଅନୁବାଦ ନିମ୍ନରେ ଦିଆଗଲା।


"ତୋର ଚରଣେ ମନ ଲାଗଇରେ।
ଗିରିଧର! ତୋର ଚରଣେ ମନ ଲାଗଇରେ।।
ନଟବର ନାଗର ଗୋପୀଙ୍କ ବାସ ଚୋର
ତୋର ଚରଣେ ମନ ଲାଗଇରେ।।
ପୟର ତୋର ଛନ୍ଦା ଭଗତ ଭାବେ ବନ୍ଧା
ତୋର ଚରଣେ ମନ ଲାଗଇରେ।।
ଗୋପୀଙ୍କ ମନ ହର ରାଧାର ଚିତ୍ତ ଚୋର
ତୋର ଚରଣେ ମନ ଲାଗଇରେ।।
ଜଗା ଦାସ ବୋଲଇ ଦାସ ଭାବରେ ରହି
ପ୍ରେମଧନକୁ ମନ ଆସଇରେ।
ତୋର ଚରଣେ ମନ ଲାଗଇରେ।।"

କୀର୍ତ୍ତନରେ ବ୍ୟବହୃତ ମୃଦଙ୍ଗକୁ କେଉଁଭଳି ଭାବରେ 'ଖୋଳ' କୁହାଗଲା ତାହାର ଏକ ସୁନ୍ଦର ଗପ ବୈଷ୍ଣବ ଲୀଳାମୃତରେ ଦେଖିବାକୁ ମିଳେ।

ଶ୍ରୀଚୈତନ୍ୟ ନିଜ ସାଥିମାନଙ୍କ ସହିତ ପୁରୀର ସାହି ଦାଣ୍ଡରେ କୀର୍ତ୍ତନ କରି ଗଲାବେଳେ ଘର ଭିତରୁ ପିଲାମାନେ ବାହାରି ଆସି ଏହି କୀର୍ତ୍ତନକୁ ଦେଖୁଥିଲେ। ଥରେ ଦାଣ୍ଡରେ ଗଲାବେଳେ ଜ୍ୱର ରୋଗ ଭୋଗୁଥିବା ପିଲାଟିଏ ତା'ର ମାଆ କଥା ନମାନି ଦାଣ୍ଡରେ କୀର୍ତ୍ତନ ଦେଖିବା ପାଇଁ ଦୌଡ଼ି ଆସିଲାବେଳେ ଝୁଣ୍ଟି ପଡ଼ି ପିଣ୍ଡା ତଳକୁ ଗଡ଼ି ପଡ଼ିଲା ଓ ତା'ର ମୁଣ୍ଡରୁ ରକ୍ତ ଝରିଲା। ତା'ର ମା' ଏଥିରେ କ୍ରୋଧିତା ହୋଇ ପିଲାର ଗୁହମୁତ କନା ସବୁକୁ କୀର୍ତ୍ତନିଆଁଙ୍କ ଉପରକୁ ଫୋପାଡ଼ି ଦେଲା। ଶ୍ରୀଚୈତନ୍ୟ ତା' ମା'ର ଏପରି ବ୍ୟବହାରରେ ଦୁଃଖିତ ହେଲେ ସତ ମାତ୍ର ଏହାକୁ ଏକ ପୁରସ୍କାର ବୋଲି ମନେକରି ସେହି ଶିଶୁର ମଳକୁ ଚନ୍ଦନ ବୋଲି ଗ୍ରହଣ କଲେ। ଆଉ ମଳ ଥିବା କନାକୁ ମୃଦଙ୍ଗ ଉପରେ ବିଛେଇ ଦେଲେ। ତେଣୁ ମୃଦଙ୍ଗକୁ ଏପରି ଆକ୍ରମଣରୁ ରକ୍ଷା କରିବା ନିମନ୍ତେ ତାହା ଉପରେ ଏକ କନା ଆବରଣର ଖୋଳ ରଖାଗଲା ଓ ସେହିଦିନଠାରୁ ଏହାର ଅନ୍ୟନାମ ହେଲା ଖୋଳ। ତେଣୁ ଶ୍ରୀଚୈତନ୍ୟ ଓ ପଞ୍ଚସଖା ଓଡ଼ିଶାରେ ଓଡ଼ିଶୀ କୀର୍ତ୍ତନ ପ୍ରସାରଣର ମୁଖ୍ୟ ଥିବାର କହିଲେ ଅତ୍ୟୁକ୍ତି ହେବ ନାହିଁ। ଇତିହାସରେ ଚୋଡ଼ଗଙ୍ଗଦେବଙ୍କ ରାଜତ୍ୱ ସମୟରୁ ଆରମ୍ଭ ହୋଇଥିବା ଏହି ସଂକୀର୍ତ୍ତନ ବା ରାହାସନୃତ୍ୟ ଓଡ଼ିଶାରେ ଓଡ଼ିଶୀ ସଂକୀର୍ତ୍ତନ ନାମରେ ପ୍ରଚାରିତ ହେଲା। ଶ୍ରୀଚୈତନ୍ୟଙ୍କ ସହିତ ଆସିଥିବା ବଙ୍ଗୀୟ ସାଥିମାନେ ଓଡ଼ିଆ ସନ୍ଥମାନଙ୍କ ସହ କଳି କରି ତାଙ୍କୁ ଛାଡ଼ି ବୃନ୍ଦାବନ ଚାଲିଗଲେ। ତାଙ୍କ ସହ କୀର୍ତ୍ତନ କରିଆସୁଥିବା ସାଥିମାନଙ୍କ କୀର୍ତ୍ତନକୁ ସେ ନଦିଆ କୀର୍ତ୍ତନ ନାମରେ କହୁଥିଲେ। ଖ୍ରୀ.ଅ. ୧୫୩୩, ଅପ୍ରେଲ ୨୭ ତାରିଖ ବୈଶାଖ ଶୁକ୍ଳ ତୃତୀୟା (ଅକ୍ଷୟ ତୃତୀୟା)ର ବ୍ରାହ୍ମ କାଳରେ ଶ୍ରୀଚୈତନ୍ୟଙ୍କର ଦେହାବସାନ ଶ୍ରୀମନ୍ଦିର ଉତ୍ତର ପାର୍ଶ୍ୱ ବେଢ଼ାରେ ହୋଇଥିଲା। ଗଜପତି ସମ୍ରାଟ ପ୍ରତାପରୁଦ୍ରଦେବଙ୍କ ଆଦେଶରେ ତାଙ୍କ ମର ଶରୀରକୁ କୋଇଲି ବୈକୁଣ୍ଠରେ ପୋତି ଦିଆଗଲା। ସେଠାରେ କେବଳ ରାୟରାମାନନ୍ଦ, ଜଗନ୍ନାଥ ଦାସ ଓ ଅନ୍ୟ ଦୁଇଜଣ ସେବକ ଉପସ୍ଥିତ ଥିଲେ। ପରେ ଦେଉଳ ଶୋଧ କରାଯାଇଥିଲା। ସେହି ମହାମାନବମାନଙ୍କର ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ଶ୍ରୀଚୈତନ୍ୟଙ୍କ ଦେହାବସାନ ଅକ୍ଷୟତୃତୀୟା ଦିନଠାରୁ ତିନି ଦିନ ପର୍ଯ୍ୟନ୍ତ ଏକ ସଂକୀର୍ତ୍ତନ ଯାତ୍ରା ଭୁବନେଶ୍ୱରରୁ ପୁରୀ ପର୍ଯ୍ୟନ୍ତ ଶ୍ରୀଜୟଦେବଙ୍କ ଜୟନ୍ତୀ ଉତ୍ସବ ଅବସରରେ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଆୟୋଜନ ବିଗତ ୨୦ ବର୍ଷ ଧରି ହୋଇ ଆସୁଅଛି। ପ୍ରତିବର୍ଷ ଶ୍ରୀଚୈତନ୍ୟ ଓ ପଞ୍ଚସଖା ଭୁବନେଶ୍ୱରସ୍ଥ ବିନ୍ଦୁସାଗର କୂଳସ୍ଥ ଅନନ୍ତ ବାସୁଦେବଙ୍କ ମନ୍ଦିରରୁ ଯେଉଁ ବାଟ ଦେଇ ପୁରୀ ପର୍ଯ୍ୟନ୍ତ ସଂକୀର୍ତ୍ତନ କରି ଯାଉଥିଲେ ଆପାତତଃ ସେହି ପଥକୁ ଅନୁସରଣ କରି ଏହି ଆୟୋଜିତ ସଂକୀର୍ତ୍ତନ ଯାତ୍ରା ଯାଇଥାଏ।

ଏହି ସଂକୀର୍ତ୍ତନ ପ୍ରସାରଣରେ ଧର୍ମ ବା ଜାତିର କୌଣସି ପ୍ରତିବନ୍ଧକ ନଥାଏ। ସମାଜର ପ୍ରତ୍ୟେକ ବର୍ଗର ଲୋକ ଏଥିରେ ଭାଗ ନିଅନ୍ତି ଓ ସଂକୀର୍ତ୍ତନ ଯେଉଁ ଜନପଦମାନଙ୍କରେ ହୁଏ ବା ସେହିବାଟ ଦେଇ ଯାଏ ସେଠାର ଲୋକମାନେ ସେହି ଦଳକୁ ଭକ୍ତିପୂତ ପ୍ରଣାମ ଜଣାଇଥାନ୍ତି। ତେଣୁ ସଂକୀର୍ତ୍ତନ ସମାଜ ମଧ୍ୟରେ ସମନ୍ୱୟ ଏବଂ ଭକ୍ତିଭାବ ପ୍ରସାର କରିବା ଦିଗରେ ଯଥେଷ୍ଟ ଭୂମିକା ନେଇଥାଏ। ମାତ୍ର ବର୍ତ୍ତମାନ ଏହା କ୍ରମଶଃ ଲୋପ ପାଇଯିବାପାଇଁ ଯାଉଛି।

# ଜୟଶ୍ରୀ ଗୁରୁବାବା ବୈକୁଣ୍ଠନାଥ ବ୍ରହ୍ମଚାରୀ



କଟକ ଜିଲ୍ଲାର ବିଶ୍ୱନାଥପୁର ଗ୍ରାମରେ ସନ ୧୯୧୨ ମସିହା ଜାନୁଆରୀ ୨୦ ତାରିଖରେ ଏକ ଜମିଦାର ପରିବାର ଶ୍ରୀ ଚୈତନ୍ୟ ଚରଣ କର ଓ ଧର୍ମପରାୟଣା ସୁଭଦ୍ରା ଦେବୀଙ୍କର କୋଳମଣ୍ଡନ କରିଥିଲେ ବଟକୃଷ୍ଣ। ଜନ୍ମହେବାର ୨୧ ଦିନରେ ମାତାଙ୍କୁ ଓ ୫ବର୍ଷରେ ପିତାଙ୍କୁ ହରାଇଥିବା ଏହି ବାଳକ ବଟକୃଷ୍ଣ ମାତୁଳାଳୟରେ ଲାଳନ ପାଳନ ହୋଇ ବିଦ୍ୟା ଅଧ୍ୟୟନ କରିବା ସହିତ ଆଧ୍ୟାତ୍ମିକ କାର୍ଯ୍ୟ ଓ ସଂଗୀତ ଉପରେ ବେଶ ଗୁରୁତ୍ୱ ଦେଉଥିଲେ। ବିଦ୍ୟା ଅଧ୍ୟୟନ ପରେ କଲିକତା ଓ ପରେ ବଙ୍ଗ ପ୍ରଦେଶକୁ ଯାଇ ଏକ ବଙ୍ଗ ଦମ୍ପତିଙ୍କ ପୁତ୍ର ହୋଇ ରହୁଥିବା ସମୟରେ ଗୁରୁଶ୍ରୀ ନିରଞ୍ଜନ ବ୍ରହ୍ମଚାରୀଙ୍କ ଶିଷ୍ୟତ୍ୱ ଓ ସନ୍ୟାସ ଦୀକ୍ଷା ଗ୍ରହଣ କରିଥିଲେ। ସେହିଦିନଠାରୁ ତାଙ୍କର ଗୁରୁଦତ୍ତ ନାମ "ବୈକୁଣ୍ଠ ନାଥ ବ୍ରହ୍ମଚାରୀ" ହୋଇଥିଲା। ଦୀର୍ଘ ୬୦୦ବର୍ଷ ପୂର୍ବରୁ ଅଚ୍ୟୁତାନନ୍ଦଙ୍କ ମାଳିକାରେ ବର୍ଣ୍ଣିତ ହୋଇଥିବା ଜଳୌକାପାହାଡର ମଣିନାଗ ଗୁମ୍ଫାରେ ଗୁରୁଙ୍କ ନିର୍ଦ୍ଦେଶରେ ୧୨ ବର୍ଷ ତପସ୍ୟା ସାଧନାରେ ସିଦ୍ଧିଲାଭ କଲାପରେ ଗୁରୁ ଶ୍ରୀ ନୀରଞ୍ଜନ ବ୍ରହ୍ମଚାରୀ, ବାବା ବୈକୁଣ୍ଠ ନାଥଙ୍କ ଠାରୁ ଗୁରୁଦକ୍ଷିଣା ଗ୍ରହଣ କରି ତାଙ୍କୁ ସଦ୍ଗୁରୁ ହେବାର ଦାୟିତ୍ୱ ପ୍ରଦାନ କରିବା ସହିତ ଆଶୀର୍ବାଦ କରି ଅନ୍ତର୍ଦ୍ଧାନ ହୋଇଥିଲେ। ବାଞ୍ଛାନିଧି ଦାସ ହେଉଛନ୍ତି ବାବାଙ୍କର ପ୍ରଥମ ଶିଷ୍ୟ ଯେ କି ସ୍ୱପ୍ନରେ ଦେଖିଥିବା ଘଟଣାବଳୀକୁ ମନେପକାଇ ଗୁରୁ ଖୋଜି ଖୋଜି ଆସି ଜଳୌକା ପାହାଡରେ ବାବାଙ୍କ ନିକଟରେ ପହଞ୍ଚିଥିଲେ ଜଳୌକା, ଭୁବନେଶ୍ୱର ଓ କେନ୍ଦ୍ରାପଡା ଆଦି ଓଡ଼ିଶାର ଏକାଧିକ ସ୍ଥାନରେ ଆଶ୍ରମ ପ୍ରତିଷ୍ଠା କରି ଗୁରୁଦୀକ୍ଷା ଦେବା ସହିତ ସତ୍ୟସେବା ମଣ୍ଡଳ ମାନ ଗଠନ କରି ଆଧ୍ୟାତ୍ମିକ ସଂଗଠନ ଆୟୋଜନ କରୁଥିଲେ। ଅନେକ ଭଜନ ଜଣାଣ, ଗୀତାମୃତ ଲହରୀ, ଶରଦରାସ ଇତ୍ୟାଦି ରଚନା କରିଥିଲେ। ସତ୍ୟସେବା ମଣ୍ଡଳରେ ପାଠ କରାଯାଉଥିବା ବାବାଙ୍କ ରଚିତ 'ଶୁଭବାର୍ତ୍ତା ଓ ତ୍ରୟୋଦଶ ବାଣୀ' ଜନସମାଜକୁ ସତ୍ମାର୍ଗ ଓ ପ୍ରେରଣା ଯୋଗାଇଥାଏ। ବାବାଙ୍କ ଏହି ସମସ୍ତ କାର୍ଯ୍ୟ ପୂର୍ବନିର୍ଦ୍ଧାରିତ ଥିଲା। ୨୦୦୧ ଜୁନ୍ ୨୧ ତାରିଖ ନେତ୍ରୋତ୍ସବରେ ବାବା ତାଙ୍କର ସ୍ଥୁଳ ଶରୀର ତ୍ୟାଗ କରିଥିଲେ। ଶରୀର ତ୍ୟାଗ କରିଥିଲେ ସୁଦ୍ଧା ସେ ସୂକ୍ଷ୍ମ ଶରୀରରେ ରହି ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ପଥ ପ୍ରଦର୍ଶକ ହେବା ସହିତ ସେମାନଙ୍କୁ ଆଶୀର୍ବାଦ କରି ଆସୁଛନ୍ତି। ବାବା ରଚନା କରିଯାଇଛନ୍ତି ଅନେକ ଭଜନ, ଜଣାଣ, କଥା ଅମୃତ ପ୍ରଭୃତି। ଆସନ୍ତୁ ତାଙ୍କ ଗୀତାମୃତ ଲହରୀରୁ କିଛି ପାଠ କରି ଆନନ୍ଦଲାଭ କରିବା।

**ଗୀତାମୃତ ଲହରୀ**
**(ମଙ୍ଗଳାଚରଣ)**
**(ଆଜି ପ୍ରଭାତେ - ବୃତ୍ତେ)**

ଭାଇ ପଢ଼ରେ ଗୀତା ତେଜି କୁଚିନ୍ତା
କରିନିଅ ଜୀବନକୁ ପବିତ୍ରମୟ ।
ଏ ଭବ କୂପେ ପଡ଼ି ତ୍ରିତାପେ
ବୁଡ଼ି ସଢ଼ିଯିବା ପାଇଁ ନ ଥିବ ଭୟ ।ପଦ।

ଅବୋଧ ପୁଅକୁ ବୋଧ ଦିଅଇ ଯେହ୍ନେ ମାତା ତାହାର
ସେପରି ଗୀତା ଶାସ୍ତ୍ରରୁ ମରମ ଜାଣି କରମ କର ।
ଚାରି ଆଶ୍ରମ ମାନବ ଧର୍ମ
ରହିଛି ଯାର ଯା' ଲୋଡ଼ା କର ସଞ୍ଚୟ ।୧।
କହିଲେ ଶ୍ରୀଭଗବାନ ଅରଜୁନକୁ ଯେଉଁ ସମ୍ବାଦ
ତୋ ଦେହେ ମନଚୈତନ୍ୟ ବୁଝାଇ ବେଗେ ତୁଟାଅ ଦ୍ୱନ୍ଦ୍ୱ
କରି ପ୍ରତିଜ୍ଞା ପାଳ ସେ ଆଜ୍ଞା
ନିଶ୍ଚୟ ସଦୟ ହେବେ ନନ୍ଦତନୟ ।୨। (କ୍ରମଶଃ)

# ଯେଉଁ ନଦୀରେ ଜଳ ନାହିଁ



କାଳିକିଙ୍କର ଦାସ
ସୌଭାଗିନୀ ନିବାସ, ରଟିଲୋ,
ରେଂଚ, ପୁରୀ-୭୫୨୧୧୪,
ମୋ-୮୨୪୯୨୧୬୦୬୭ ।

**ସେମିତି ଲେଭରେଣ୍ଡ ଲେସି ନାମକ ଇଂରେଜ ଅଫିସର ମଧ୍ୟ ପ୍ରଥମେ ଓଡିଆଭାଷାର ସୁରକ୍ଷାପାଇଁ ପ୍ରକାଶ କଲେ ଜ୍ଞାନାରୁଣ ନାମକ ପତ୍ରିକା । କଟକରୁ ଗୌରୀଶଙ୍କର ରାୟ ଅନ୍ୟମାନଙ୍କର ସାହାଯ୍ୟରେ ପ୍ରକାଶ କଲେ ଉତ୍କଳ ଦୀପିକା । ଯାହା ଏବେ ତାଙ୍କର ସୁଯୋଗ୍ୟ ପୌତ୍ର ଜୟାଶୀଷ ରାୟ ପୁନଃ ପ୍ରକାଶ କରୁଛନ୍ତି । ସେମିତି ସମ୍ବଲପୁର ହିତୈଷିଣୀ ନାମକ ପତ୍ରିକା ଉତ୍କଳ ପ୍ରଦେଶ ଗଠନ କରି ଓଡିଆଭରାଷାର ସୁରକ୍ଷା ଦିଗରେ ଅହମ୍ ଭୂମିକା ନିର୍ବାହ କରିଥିଲେ । ଭଂଜ ରାଜା ଓ ଗଜପତି ରାଜାଙ୍କ ପରି ଅନେକ ଶାସକ ଓ ଜମିଦାରମାନଙ୍କର ମଧ୍ୟ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଏହି ଭାଷା ଓ ପ୍ରଦେଶ ଗଠନରେ ଅବିସ୍ମରଣୀୟ ଯୋଗଦାନ ରହିଥିଲା । ପ୍ରସଙ୍ଗ ହେଉଛି ଉତ୍କଳ ପ୍ରଦେଶଗଠନରେ କବି ଓ ଲେଖକମାନଙ୍କର ବିଶେଷ ଯୋଗଦାନର କଥା । ମଧୁସୂଦନ ଦାସ, ଫକୀରମୋହନ ସେନାପତି, ଗୋରୀ ଶଙ୍କର ରାୟ, ଗଙ୍ଗାଧର ମେହେର ଆଦି ସମସ୍ତେ ଥିଲେ ଜଣେ ଜଣେ ପ୍ରତିଭାବାନ କବି ବା ଚିନ୍ତାନାୟକ । ଫରାସୀ ରାଷ୍ଟ୍ରବିପ୍ଳବରେ ଯେମିତି ମଣ୍ଟେସ୍କ୍ୟୁ, ଭୋଲଟାୟର, ରୋଷୋ ଆଦି ଲେଖକମାନେ ଅହମ୍ ଯୋଗଦାନ ଦେଇଥିଲେ ବା ଭାରତବର୍ଷର ସ୍ୱାଧୀନତା ଆନ୍ଦୋଳନରେ ବଙ୍କିମ ଚନ୍ଦ୍ର, ରବୀନ୍ଦ୍ରନାଥ ପରି ବହୁ କବି ବୌଦ୍ଧିକ ସମର୍ଥନ ଦେଇଥିଲେ ସେମିତି କାନ୍ତକବି ଲକ୍ଷ୍ମୀକାନ୍ତ ଲେଖିଲେ ବନ୍ଦେ ଉତ୍କଳ ଜନନୀର ସୁନ୍ଦର ସଙ୍ଗୀତ । ଆଜି ଯେମିତି କିଛି ହୀନମନ୍ୟ ରାଜନୈତିକ ବ୍ୟକ୍ତି ଆପଣାର ସ୍ୱାର୍ଥପାଇଁ ଉତ୍କଳ, କୋଶଳ ବା କଳିଙ୍ଗ କରୁଛନ୍ତି ସେତେବେଳେ ଏ ହୀନମନ୍ୟତାର ଲେସମାତ୍ର ନଥିଲା।**

ଯେଉଁ ନଦୀରେ ଜଳନାହିଁ ସେ ନଦୀର ନାଁ ନାହିଁ । ଜଳ ଥିଲେ ନଦୀ ଏବଂ ଜଳ ବିହୁନେ ନଦୀ ନଦୀ ପଦବାଚ୍ୟ ହୋଇପାରେନାହିଁ । ତେବେ ବି ତାକୁ ନଈହିଁ କୁହାଯାଏ କାରଣ ସେ ପ୍ରାୟ ଦିନେ ଜଳରେ ପରିପୂର୍ଣ୍ଣ ନଦୀଟିଏ ଥିଲା ଓ ସେ ନଦୀରେ କେତେ ଜଳଯାନ, ନାବ ଆଦି ଚାଲୁଥିଲା । ଜଳ ଯଦି ତା'ର ଅତୀତର ଇତିହାସ ସହ ଜଡିତ ନ ଥିଲା ତେବେ ଏ ନଦୀ କେମିତି ଅଙ୍କା ବଙ୍କା ରୂପନେଇ କେଉଁ ଦୂର ପାହାଡରୁ ସାଗର ଯାଏଁ ଦୀର୍ଘପଥ ଅତିକ୍ରମ କଲା ଯେ ! ତେଣୁ ଏ ନିଶ୍ଚୟ ଏକ ନଦୀ ଥିଲା । ଦିନେ ଏ ନଦୀରେ ଜଳ ଭରି ରହିଥିଲା ତେବେ ଏବେ ସେ ନଦୀ କିଛି କାରଣରୁ ଶୁଷ୍କ ହୋଇଯାଇଛି।

ନଦୀ ଏକ ଜୀବନ, ଏକ ପ୍ରବାହ । ନଦୀରେ ଜଳଥିଲେ ନଦୀଟି ହୁଏ ବର୍ତ୍ତମାନ ଆଉ ନଦୀ ଶୁଷ୍କ ହୋଇଥିଲେ ଖୋଜିହୁଏ ତା'ର ଅତୀତ। ଉତ୍କଳ ପ୍ରଦେଶ ଗଠନକାଳରେ ଯେଉଁ ନଦୀ ପ୍ରତ୍ୟେକ ଓଡିଆଙ୍କ ହୃଦୟରେ ସେଦିନ ପ୍ରବାହିତ ହେଉଥିଲା ତାହାଥିଲା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ସେତେବେଳେ ଓଡିଆ ଭାଷାର ଅସ୍ତିତ୍ୱପ୍ରତି ଥିଲା ବିପଦ । ତେଣେ ହିନ୍ଦିଭାଷୀ ପଶ୍ଚିମ ଦିଗରୁ ଏ ଭାଷାପ୍ରତି ଆକ୍ରମଣ କରୁଥିଲାବେଳେ ଏଣେ ଦକ୍ଷିଣରେ ବଙ୍ଗଭାଷା । ତେଣେ ଉତ୍ତରରେ ତେଲଗୁମାନେ ପ୍ରାଧାନ୍ୟ ବିସ୍ତାର କରୁଥିଲାବେଳେ ଓଡିଆଭାଷା ବଂଚିବ କି ବାହିଁ ଏ ସନ୍ଦେହ ସୃଷ୍ଟି ହୋଇଥିଲା । ସେତିକିବେଳେ ଓଡିଆଭାଷାର ସୁରକ୍ଷାପାଇଁ ଯେଉଁମାନେ ବା ଯେଉଁ ଅଂଚଳର ଲୋକେ ଅଣ୍ଟା ଭିଡିଲେ ତା' ମଧ୍ୟରେ ବାଲେଶ୍ୱର- ମୟୁରଭଂଜ, ସମ୍ବଲପୁର- ସୁନ୍ଦରଗଡ, ଗଂଜାମ- ପୁରୀ- କଟକ ଥିଲା ପ୍ରମୁଖ । ଇତିହାସକୁ ଗଭୀରଭାବରେ ବଶ୍ଳେଷଣ କଲେ ଏକଥା ମଧ୍ୟ ସହଜରେ ବୁଝିହୁଏ ଯେ କେବଳ ଓଡିଆଭାଷା ବା ଉତ୍କଳ ପ୍ରଦେଶର ସ୍ୱାତନ୍ତ୍ର୍ୟ ପାଇଁ ଓଡିଆଭାଷାଭାଷୀମାନେ ଚାହୁଁଥିଲେ ତା ନୁହେଁ, ତାଙ୍କ ସହ କେତେକ ବଙ୍ଗାଳୀ ଓ ତେଲଗୁ ଭାଷାଭାଷୀ ଲୋକମଧ୍ୟ ଚାହୁଁଥିଲେ । ଏମିତି କି ଇଂରେଜମାନେ ମଧ୍ୟ ଅନୁଭବ କରୁଥିଲେ ଯେ ଓଡିଆଭାଷାର ଏକ ସ୍ୱାତନ୍ତ୍ର ରହିଛି ଓ ଏ ଭାଷା ବଂଚି ରହିବା ଦରକାର । ଫକୀରମୋହନ ସେନାପତି ଓ ରାଧାନାଥ ରାୟଙ୍କ ସହ ବୈକୁଣ୍ଠ ନାଥ ଦେ ସମେତ ଅନେକ ଓଡିଆ ବଙ୍ଗାଳୀ କେମିତି ଓଡିଆଭାଷା ବଂଚି ରହିବ ସେଦିଗରେ ପ୍ରୟାସ ଆରମ୍ଭ କଲେ । ବାଲେଶ୍ୱରରୁ ପ୍ରକାଶ ପାଇଲା ସମ୍ବାଦ ବାହିକା ।

ସେମିତି ଲେଭରେଣ୍ଡ ଲେସି ନାମକ ଇଂରେଜ ଅଫିସର ମଧ୍ୟ ପ୍ରଥମେ ଓଡିଆଭାଷାର ସୁରକ୍ଷାପାଇଁ ପ୍ରକାଶ କଲେ ଜ୍ଞାନାରୁଣ ନାମକ ପତ୍ରିକା । କଟକରୁ ଗୌରୀଶଙ୍କର ରାୟ ଅନ୍ୟମାନଙ୍କର ସାହାଯ୍ୟରେ ପ୍ରକାଶ କଲେ ଉତ୍କଳ ଦୀପିକା । ଯାହା ଏବେ ତାଙ୍କର ସୁଯୋଗ୍ୟ ପୌତ୍ର ଜୟାଶୀଷ ରାୟ ପୁନଃ ପ୍ରକାଶ କରୁଛନ୍ତି । ସେମିତି ସମ୍ବଲପୁର ହିତୈଷିଣୀ ନାମକ ପତ୍ରିକା ଉତ୍କଳ ପ୍ରଦେଶ ଗଠନ କରି ଓଡିଆଭରାଷାର ସୁରକ୍ଷା ଦିଗରେ ଅହମ୍ ଭୂମିକା ନିର୍ବାହ କରିଥିଲେ । ଭଂଜ ରାଜା ଓ ଗଜପତି ରାଜାଙ୍କ ପରି ଅନେକ ଶାସକ ଓ ଜମିଦାରମାନଙ୍କର ମଧ୍ୟ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଏହି ଭାଷା ଓ ପ୍ରଦେଶ ଗଠନରେ ଅବିସ୍ମରଣୀୟ ଯୋଗଦାନ ରହିଥିଲା ।

ପ୍ରସଙ୍ଗ ହେଉଛି ଉତ୍କଳ ପ୍ରଦେଶଗଠନରେ କବି ଓ ଲେଖକମାନଙ୍କର ବିଶେଷ ଯୋଗଦାନର କଥା । ମଧୁସୂଦନ ଦାସ, ଫକୀରମୋହନ ସେନାପତି, ଗୋରୀ ଶଙ୍କର ରାୟ, ଗଙ୍ଗାଧର ମେହେର ଆଦି ସମସ୍ତେ ଥିଲେ ଜଣେ ଜଣେ ପ୍ରତିଭାବାନ କବି ବା ଚିନ୍ତାନାୟକ । ଫରାସୀ ରାଷ୍ଟ୍ରବିପ୍ଳବରେ ଯେମିତି ମଣ୍ଟେସ୍କ୍ୟୁ, ଭୋଲଟାୟର, ରୋଷୋ ଆଦି ଲେଖକମାନେ ଅହମ୍ ଯୋଗଦାନ ଦେଇଥିଲେ ବା ଭାରତବର୍ଷର ସ୍ୱାଧୀନତା ଆନ୍ଦୋଳନରେ ବଙ୍କିମ ଚନ୍ଦ୍ର, ରବୀନ୍ଦ୍ରନାଥ ପରି ବହୁ କବି ବୌଦ୍ଧିକ ସମର୍ଥନ ଦେଇଥିଲେ ସେମିତି କାନ୍ତକବି ଲକ୍ଷ୍ମୀକାନ୍ତ ଲେଖିଲେ ବନ୍ଦେ ଉତ୍କଳ ଜନନୀର ସୁନ୍ଦର ସଙ୍ଗୀତ । ଆଜି ଯେମିତି କିଛି ହୀନମନ୍ୟ ରାଜନୈତିକ ବ୍ୟକ୍ତି ଆପଣାର ସ୍ୱାର୍ଥପାଇଁ ଉତ୍କଳ, କୋଶଳ ବା କଳିଙ୍ଗ କରୁଛନ୍ତି ସେତେବେଳେ ଏ ହୀନମନ୍ୟତାର ଲେସମାତ୍ର ନଥିଲା। ଏହାଛଡା ଓଡିଆ ଭାଷା ଏକ ଏମିତି ସୁନ୍ଦର ସୁଲଳିତ ଭାଷା ଯାହା ଏ ପ୍ରଦେଶର ବିଭିନ୍ନ ଭାଗରେ ବିଭିନ୍ନ ରୂପରେ ପରିପ୍ରକାଶ ହୋଇଥାଏ କିନ୍ତୁ ଏହା ସମସ୍ତଙ୍କପାଇଁ ବୋଧଗମ୍ୟ ହୋଇଥାଏ । ବାଲେଶ୍ୱର ଅଂଚଳର ଲୋକ ଯେଉଁ ଓଡିଆ ଭାଷାରେ କଥା ହୁଅନ୍ତି ତାହା କଟକ ପୁରୀ ଆଦି ଅଂଚଳଠାରୁ ସାମାନ୍ୟ ଭିନ୍ନ । ସେମିତି ସମ୍ବଲପୁର, ବଲାଙ୍ଗୀର, ସୁନ୍ଦର ଗଡ ଆଦି ଅଂଚଳର ଲୋକେ ଯେଉଁ ଓଡିଆଭାଷାରେ କଥା ହୁଅନ୍ତି ତାହା ଅନ୍ୟ ଦୁଇ ଅଂଚଳଠାରୁ ସାମାନ୍ୟ ଭିନ୍ନ। ତେବେ ଉତ୍କଳର ଏହି ବିବିଧଭାବର ଭାଷା ଯେମିତି ଗୋଟିଏ ବୃକ୍ଷର ଭିନ୍ନ ଭିନ୍ନ ରଙ୍ଗର ସୁଗନ୍ଧିତ ପୁଷ୍ପ । ବିହାରର ମୈଥିଳୀ ବା ଭୋଜପୁରୀ ଭଳି ଆମର କୋଶଳୀ ବା ସମ୍ବଲପୁରୀ ଭାଷା ଯାହା ଆମ ରାଜ୍ୟର ସୁନ୍ଦର ପରିପାଟି କହିଲେ ଭୁଲ ହେବନାହିଁ । ଭାରତବର୍ଷରେ ଉତ୍କଳ ପ୍ରଦେଶ ହେଉଛି ସେମିତି ଏକ କଳକଳନାଦିନୀ ନଦୀ । ସମସ୍ତ ଭାଷା, ସଂସ୍କୃତିର ବୈଭବ ଏ ନଦୀର ଜଳ । ଏହାକୁ ଶୁଷ୍କ ବା ବିକୃତ କରିବାର ଯେଉଁ ଅପଚେଷ୍ଟା କରାଯାଉଛି ତାହା ନିନ୍ଦନୀୟ ।

ଯେଉଁ ଅସଭ୍ୟ ଅର୍ବାଚୀନ ବନ୍ଦେ ଉତ୍କଳ ଜନନୀଗାନକୁ ବିରୋଧ କରୁଛନ୍ତି ସେମାନଙ୍କୁ ସମସ୍ତେ ନିନ୍ଦିତ କରିବା ଉଚିତ । ସେ ମହାଶୟଙ୍କୁ ନିଜର ଚଉଦପୁରୁଷ କଥା ଜଣାଥିବ କି ନାହିଁ ସନ୍ଦେହ କାରଣ ତାଙ୍କର ବର୍ତ୍ତମାନ ପୁରୁଷ ତ ରୁଗ୍ଣ । ଏକଥା ଶୁଣାଯାଏ ଯେ ରାଜାଙ୍କର ଆଦେଶ ବହନକରି ତାଙ୍କ ଦ୍ୱାରା ପ୍ରତିଷ୍ଠିତ ମନ୍ଦିରର ପୂଜକଭାବରେ ତାଙ୍କର ବଂଶଜମାନେ ପୁଟୁଳି କାଖରେ ଜାକି ସ୍ଥାନାନ୍ତର ହୋଇଥିଲେ । ସେ ସବୁ କଥା ଏଠାରେ ଆଲୋଚନା କରିବାର ସାମାନ୍ୟ ଆବଶ୍ୟକତା ନାହିଁ । ମଧୁବାବୁ ଯେମିତି କହିଥିଲେ- ଚାଲିବ କି ଗାଡି ଦାନାର ତୋବଡା ଘୋଡାମୁହେଁ ବନ୍ଧାଥିଲେ ? ସେମିତି ଯେଉଁମାନେ ଓଡିଶାମାଟିକୁ ବା ଆମର ଉତ୍କଳ ପ୍ରଦେଶକୁ ବିଭାଜିତ କରିବାର ସାମାନ୍ୟ ବି ଚିନ୍ତା କରୁଛନ୍ତି ସେମାନଙ୍କ ପାଇଁ ତାଙ୍କର ଜୀବନ ଏ ଜଳହୀନ ନଈ। ଯେଉଁ ନଦୀରେ ଜଳନାହିଁ ସେମାନେ ସେହି ନଈରେ ସନ୍ତରଣ କରନ୍ତି । ସ୍ୱପ୍ନରେ ଭାସନ୍ତି, ବାଲିଧୂଳିରେ ପୋତି ହୋଇ ଯାଆନ୍ତି। ଅଳିଆ ଆବର୍ଜନା ଯେମିତି ଶୁଷ୍କ ନଈରେ ଫିଙ୍ଗାଯାଏ ଏବଂ ସେ ଅଳିଆ ତଳେ ପୋକ ଜନ୍ମ ନିଅନ୍ତି ସେମିତି ହୁଏତ ଏମିତି ଲୋକଙ୍କର ଭାଗ୍ୟ ଓ ଭବିଷ୍ୟତ ।

ବ୍ରାହ୍ମଣ ଜଣେ ସେ ଧାରଣ କରିଥିବା ପଦବୀରୁ ହୁଏ ନାହିଁ ହୁଏ ତା'ର ଆଚରଣ ଓ ଉଚ୍ଚାରଣ । ଏମିତି ମଧ୍ୟ କିଛି ତଥାକଥିତ ବ୍ରାହ୍ମଣ ଅଛନ୍ତି ଯେଉଁମାନଙ୍କର ଆଚରଣ ଓ ଉଚ୍ଚାରଣ ଚଣ୍ଡାଳର ଆଚରଣ ଓ ଉଚ୍ଚାରଣଠାରୁ ହୀନ । ଏମିତି ଲୋକଙ୍କପାଇଁ ନଦୀ କେବେ ନା ଗଙ୍ଗା ନା ଗୋଦାବରୀ । ଏମାନଙ୍କର ପରିଚୟ ମହାନଦୀ ସହ ମଧ୍ୟ କେବେ ହୋଇ ନାହିଁ । ଏମାନେ ରହନ୍ତି ସେଠାରେ ଯେଉଁ ନଦୀରେ ଜଳନାହିଁ ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** **E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022**
ସମ୍ପାଦକ : **ଜୟାଶୀଷ ରାୟ**


31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୯ ମାର୍ଚ୍ଚ ୨୦୨୫ ବୁଧବାର

# ଆଭା

# ଥର୍ମୋମିଟର, ବାରୋମିଟର ଓ ଡାଲ୍‌ଟନ

କଡ଼େଇରେ ପାଣି ରଖି କଡ଼େଇ ତଳେ ନିଆଁ ଜାଳିଲେ ପାଣି ଗରମ ହୁଏ। କାରଣ ନିଆଁରୁ ବାହାରୁଥିବା ତାପ ଦ୍ୱାରା କଡ଼େଇ ଗରମ ହୁଏ। କଡ଼େଇ ଗରମ ହେଲେ କଡ଼େଇରେ ଥିବା ପାଣି ଗରମ ହୁଏ। ଅର୍ଥାତ୍ ପାଣିର ତାପମାତ୍ରା ବଢ଼େ। ତାପମାତ୍ରାକୁ ମାପିବା ପାଇଁ ଥର୍ମୋମିଟର ବ୍ୟବହାର କରାଯାଏ। ତାପମାତ୍ରା ମାପକୁ ଆମେ ଡିଗ୍ରୀ ସେଣ୍ଟିଗ୍ରେଡ୍, ଡିଗ୍ରୀ ଫାରେନ୍‌ହାଇଟ୍ ବା କେଲଭିନ୍ ଏକକରେ ପ୍ରକାଶ କରୁ। ସାଧାରଣତଃ ପାଣିର ତାପମାତ୍ରା ୨୫ ରୁ ୩୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ଥାଏ। ନିଆଁରେ ଗରମ କଲେ ପାଣିର ତାପମାତ୍ରା ବଢ଼ି ବଢ଼ି ଯେତେବେଳେ ୧୦୦ ଡିଗ୍ରୀ ସେଣ୍ଟିଗ୍ରେଡ୍‌ରେ ପହଞ୍ଚିଯାଏ, ସେତେବେଳେ ପାଣି ଫୁଟିବା ଆରମ୍ଭ କରେ। ପ୍ରତିଦିନର ତାପମାତ୍ରା ମାପିବା ପାଇଁ ମଧ୍ୟ ଥର୍ମୋମିଟର ବ୍ୟବହାର କରାଯାଏ। ଜ୍ୱର ସମୟରେ ଆମ ଜିଭ ତଳେ ଥର୍ମୋମିଟର ରଖି ଦେହର ତାପମାତ୍ରା ମାପ କରାଯାଏ। ସାଧାରଣତଃ ଆମ ଦେହର ତାପମାତ୍ରା ୩୭ ଡିଗ୍ରୀ ସେଣ୍ଟିଗ୍ରେଡ୍ ବା ୯୮.୬ ଡିଗ୍ରୀ ଫାରେନ୍‌ହାଇଟ୍ ରହିବା କଥା। ଜ୍ୱର ଥିଲେ ଥର୍ମୋମିଟର ଅଧିକ ଦେଖାଏ। ଯେମିତି ଶରୀରର ତାପ ମାପିବା ପାଇଁ ଥର୍ମୋମିଟର ବ୍ୟବହାର କରାଯାଏ, ସେମିତି ବାୟୁମଣ୍ଡଳର ଚାପ ମାପିବା ପାଇଁ ବାରୋମିଟର ବ୍ୟବହାର କରାଯାଏ। ବାୟୁମଣ୍ଡଳରେ ଥିବା ବାୟୁର ଓଜନ ଅଛି। ତେଣୁ ବାୟୁ ସମସ୍ତଙ୍କ ଉପରେ ଚାପ ପକାଏ। ଚାପକୁ ମାପିବା ଲାଗି ସାଧାରଣତଃ ପାସ୍କାଲ, ବର୍ଗମିଟର ପ୍ରତି ନିଉଟନ୍ ଓ ବାର ଏକକ ବ୍ୟବହୃତ ହୁଏ। ପାଗ ସାଧାରଣ ଥିଲେ ବାୟୁମଣ୍ଡଳର ଚାପ ପ୍ରାୟ ୧ ବାର ଥାଏ, ଯାହାକି ୧ ବର୍ଗ ମିଟର ଅଞ୍ଚଳ ଉପରେ ପଡୁଥିବା ୧ ଲକ୍ଷ ନିଉଟନ୍ ବଳ ସହିତ ସମାନ। କୌଣସି ଅଞ୍ଚଳର ପାଗ ବିଷୟରେ ଜାଣିବା ପାଇଁ ଥର୍ମୋମିଟର ଓ ବାରୋମିଟର ଦରକାର ହୁଏ। କିଛି ସମୟ ପାଇଁ ଗୋଟିଏ ସ୍ଥାନର ବାୟୁମଣ୍ଡଳର ଅବସ୍ଥାକୁ 'ପାଗ' (ୱେଦର) ବୋଲି କୁହାଯାଏ। ପାଗ କହିଲେ ବାୟୁମଣ୍ଡଳର ତାପ, ଚାପ, ଆର୍ଦ୍ରତା, ବାୟୁପ୍ରବାହ, ବାଦଲର ପରିସ୍ଥିତି ଇତ୍ୟାଦି ବିଷୟକୁ ବୁଝାଯାଏ। ଗୋଟିଏ ପ୍ରକାରର ପାଗ ବହୁ ଦିନ ଧରି (ସାଧାରଣତଃ ୩୦ ବର୍ଷ) ଅନୁଭୂତ ହେଲେ, ତାହାକୁ ସେଇ ଅଞ୍ଚଳର 'ଜଳବାୟୁ' (କ୍ଲାଇମେଟ୍) ବୋଲି ଧରି ନିଆଯାଏ। ପ୍ରତିଦିନ ରେଡିଓ ଓ ଟିଭିରେ ପାଗ ବିଷୟରେ ସୂଚନା ଦିଏ। କୌଣସି ପର୍ବପର୍ବାଣି ଥିଲେ ବା ବାହାରକୁ ଯିବାର ଥିଲେ ଆମେ ପାଗ ବିଷୟରେ ଖବର ରଖୁ। ବ୍ୟବସାୟୀ, ମତ୍ସ୍ୟଜୀବୀ, ଉଡ଼ାଜାହାଜ ପାଇଲଟ୍ ଏପରିକି ଜଣେ ସାଧାରଣ କୃଷକ ପାଇଁ ମଧ୍ୟ ପ୍ରତ୍ୟେକ ଦିନର ପାଗ ଜାଣିବା





ନିହାତି ଜରୁରୀ। ଦିନକ ଭିତରେ ଅନେକ ଥର ପାଗର ପରିବର୍ତ୍ତନ ଘଟିପାରେ। ସେହି ଦୃଷ୍ଟିରୁ ଭାବିଲେ, ବର୍ଷ ବର୍ଷ ଧରି ପ୍ରତିଦିନର ପାଗ ବିଷୟରେ କିଛି ଲେଖି ରଖିବା କଥାଟା ଆମକୁ ଅଡୁଆ ଲାଗିପାରେ। କିନ୍ତୁ ଆଶ୍ଚର୍ଯ୍ୟର କଥା, ରସାୟନବିତ୍ ଜନ୍ ଡାଲ୍‌ଟନ ନିଜର ବୈଜ୍ଞାନିକ ଜୀବନର ବ୍ୟସ୍ତତା ଭିତରେ ମଧ୍ୟ ଦୀର୍ଘ ୫୭ ବର୍ଷ ଧରି ପ୍ରତିଦିନର ପାଗ ବିଷୟରେ ଟିପି ରଖୁଥିଲେ।

ଜନ୍ ଡାଲ୍‌ଟନ ୧୭୬୬ ମସିହା ସେପ୍ଟେମ୍ବର ୬ ତାରିଖରେ ଇଂଲଣ୍ଡର ଇଗଲ୍‌ସଫିଲ୍ଡ ନାମକ ନିପଟ ମଫସଲ ଗାଆଁରେ ଜନ୍ମ ହୋଇଥିଲେ। ତାଙ୍କର 'ପରମାଣୁ ତତ୍ତ୍ୱ' ସାରା ପୃଥିବୀରେ ଆଲୋଡ଼ନ ସୃଷ୍ଟି କରିଥିଲା। ସେ ପାଗ ବିଷୟରେ ନୂଆ ନୂଆ କିଛି ଜାଣିବା ପାଇଁ ସବୁବେଳେ ଆଗ୍ରହୀ ଥିଲେ। ଥର୍ମୋମିଟର ସାହାଯ୍ୟରେ ସେ ପ୍ରତିଦିନର ତାପମାତ୍ରା ମାପୁଥିଲେ ଏବଂ ବାରୋମିଟର ଦ୍ୱାରା ବାୟୁମଣ୍ଡଳୀୟ ଚାପ ମାପି ରଖୁଥିଲେ। ତାଙ୍କର ସବୁଠାରୁ ପ୍ରିୟ ବସ୍ତୁ ଥିଲା ତାଙ୍କ ଟିପାଖାତା। ବାୟୁମଣ୍ଡଳୀୟ ଚାପ ଓ ତାପମାତ୍ରା ମାପିଲା ପରେ ସେହି ଟିପାଖାତାରେ ସେ ପ୍ରତିଦିନର ପାଗ ବିଷୟରେ ସଂକ୍ଷିପ୍ତ ଟିପ୍ପଣୀ ଲେଖି ରଖୁଥିଲେ। ପାଣିପାଗ ସମ୍ପର୍କରେ ୧୭୯୩ ମସିହାରେ ତାଙ୍କର ଗୋଟିଏ ବହି ପ୍ରକାଶିତ ହୋଇଥିଲା, ଯାହାର ନାମ ଥିଲା- 'ମେଟେରୋଲୋର୍ଜିକାଲ ଅବ୍‌ଜରଭେଶନ୍ ଆଣ୍ଡ୍ ଆସେଜ୍'। ୧୮୪୪ ମସିହା ଜୁଲାଇ ୨୭ ତାରିଖରେ ତାଙ୍କର ମୃତ୍ୟୁ ହେଲା। ସେ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ। ଜୀବନର ଶେଷ ମୁହୂର୍ତ୍ତରେ ମଧ୍ୟ ତାଙ୍କର ଥର୍ମୋମିଟର ଓ ବାରୋମିଟର ପାଠ୍ୟାଙ୍କ ଟିପିବାକୁ ଭୁଲି ନଥିଲେ। ମୃତ୍ୟୁବରଣ କରିବାର ମାତ୍ର କିଛିକ୍ଷଣ ପୂର୍ବରୁ ଥରି ଥରି ଲେଖିଥିଲେ, 'ସାମାନ୍ୟ ବୃଷ୍ଟି ଆଜି ସନ୍ଧ୍ୟାରେ...'। ସେଇ ଦିନକୁ ମିଶାଇ ତାଙ୍କର ପ୍ରିୟ ଟିପାଖାତାରେ ସେ ସମୁଦାୟ ୨୦,୦୦୦ଟି ପାଗ ବିଷୟରେ ଟିପ୍ପଣୀ ଲେଖିଥିଲେ।

## ଗରମ ଅଞ୍ଚଳରେ ରହୁଥିବା ଲୋକଙ୍କର ବୃକକ୍ ଦୁର୍ବଳ : ଅଧ୍ୟୟନ

ଗରମ ଅଞ୍ଚଳରେ ରହୁଥିବା ରୋଗୀଙ୍କ କିଡନୀ ଅଧିକ ଖରାପ ହେଉଛି। କ୍ରନିକ୍ ବୃକକ୍ ରୋଗ (ସିକେଡି) ରୋଗୀ ଯେଉଁମାନେ ଅତ୍ୟଧିକ ଗରମ ଅଞ୍ଚଳରେ ବାସ କରୁଛନ୍ତି ସେମାନଙ୍କର କିଡନୀର କାର୍ଯ୍ୟ କ୍ଷମତାରେ ଅତିରିକ୍ତ ଆଠ ପ୍ରତିଶତ ହ୍ରାସ ପାଇଥିବା ଏକ ଅଧ୍ୟୟନରୁ ପ୍ରକାଶ ପାଇଛି। ଲଣ୍ଡନ ସ୍କୁଲ ଅଫ୍ ହାଇଜିନ୍ ଆଣ୍ଡ ଟ୍ରପିକାଲ୍ ମେଡିସିନ୍ (ଏଲଏସଏଚଟିଏମ) ଏବଂ ୟୁନିଭରସିଟି କଲେଜ ଲଣ୍ଡନ (ୟୁସିଏଲ) ସହିତ ଜଡିତ ଗବେଷକଙ୍କ ନେତୃତ୍ୱରେ ହୋଇଥିବା ଏକ ଅଧ୍ୟୟନରେ ଏହା ସାମ୍ନାକୁ ଆସିଛି। ଦି ଲାନସେଟ୍ ପ୍ଲାନେଟାରୀ ହେଲଥ୍ ଜର୍ଣ୍ଣାଲରେ ପ୍ରକାଶିତ ଅଧ୍ୟୟନ ଅନୁଯାୟୀ, ତାପମାତ୍ରା ବୃଦ୍ଧି ପାଉଥିବାର ଜଳବାୟୁ ଅଞ୍ଚଳରେ ରହୁଥିବା ରୋଗୀଙ୍କ କିଡନୀ କ୍ଷମତାରେ ଏହି ପାର୍ଥକ୍ୟ ଦେଖାଯାଇଥିଲା। ଏସବୁ ଅଞ୍ଚଳରେ ଶୀତ ଏବଂ ଗ୍ରୀଷ୍ମ ତାପମାତ୍ରା ମଧ୍ୟରେ ମଧ୍ୟ ଅଧିକ ପାର୍ଥକ୍ୟ ପରିଲକ୍ଷିତ ହୋଇ ନ ଥାଏ।

ଏହି ଅଧ୍ୟୟନରେ ୨୧ ଟି ଦେଶର ୪,୦୧୭ ଲୋକ ସାମିଲ ହୋଇଥିଲେ। ଏହି ସମସ୍ତ ଲୋକ ବିଭିନ୍ନ ଜଳବାୟୁ ଅଞ୍ଚଳର ଥିଲେ। ସେଥିମଧ୍ୟରୁ କେତେକ ଉଚ୍ଚ ଆୟ ଦେଶରୁ ହୋଇଥିବାବେଳେ କେତେକ ମଧ୍ୟମ ଆୟ ଦେଶରୁ ଆସିଥିଲେ । ଏହା





ଦେଖା ଯାଇଥିଲା ଅତ୍ୟଧିକ ଗରମ ଜଳବାୟୁରେ ରହୁଥିବା ରୋଗୀଙ୍କ କିଡନୀ କାର୍ଯ୍ୟ ପ୍ରତିବର୍ଷ ଅତିରିକ୍ତ ଆଠ ପ୍ରତିଶତ କମିଯାଇଥାଏ। ଏହା ବ୍ୟତୀତ ରୋଗୀଙ୍କର ଓଜନ, ମଧୁମେହ ଏବଂ ରକ୍ତଚାପ ମଧ୍ୟ ତାଙ୍କ ଉପରେ ଅତିରିକ୍ତ ପ୍ରଭାବ ପକାଇଥାଏ।

ଗବେଷକମାନେ ଏହି ଅଧ୍ୟୟନରେ ଉତ୍ତାପ ଏବଂ କ୍ରନିକ୍ କିଡନୀ ରୋଗ (ସିକେଡି) ମଧ୍ୟରେ ଥିବା ସମ୍ପର୍କକୁ ମଧ୍ୟ ଆଲୋକିତ କରିଛନ୍ତି। କ୍ରନିକ୍ କିଡନୀ ରୋଗ ହେଉଛି ଏକ ରୋଗ ଯାହା କିଡନୀକୁ ବର୍ଷ ବର୍ଷ ଧରି ପ୍ରଭାବିତ କରିଥାଏ । ଗରମ ଦେଶରେ କିଡନୀ ସମ୍ବନ୍ଧୀୟ ରୋଗରେ ପୀଡିତ ରୋଗୀଙ୍କ ସ୍ୱାସ୍ଥ୍ୟ ପାଇଁ ଉତ୍ତାପ ଏକ ପ୍ରମୁଖ ସମସ୍ୟା ଅଟେ । ଏଥି ସହିତ, ବିଶ୍ୱର ତାପମାତ୍ରା ବୃଦ୍ଧି ପାଉଥିବାରୁ ଏହି ଅବସ୍ଥା ଗୁରୁତର ହୋଇପାରେ। ଅଧ୍ୟୟନ ସହିତ ଜଡିତ ବରିଷ୍ଠ ଲେଖକ ପ୍ରଫେସର ବେନ୍ କ୍ୟାପଲିନଙ୍କ ଅନୁଯାୟୀ, ବର୍ତ୍ତମାନ ଆମେ ଜାଣୁ ଯେ ଏହି ରୋଗରେ ଉତ୍ତାପ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ, ଆମେ ଏହାର ମୁକାବିଲା ପାଇଁ ବିଭିନ୍ନ ପଦ୍ଧତିର ସାହାଯ୍ୟ ନେଇପାରିବା। ପ୍ରଚୁର ଜଳ ପିଇବା ପରି, ସୂର୍ଯ୍ୟଙ୍କୁ ଏଡାଇବା ଏବଂ ଅତ୍ୟଧିକ ଉତ୍ତାପର ସଂସ୍ପର୍ଶରେ ଆସିବା। ଏହି ଅଧ୍ୟୟନ ସିକେଡି ରୋଗୀଙ୍କ ଉପରେ ଧ୍ୟାନ ଦିଆଯାଇଥିଲା, ତେଣୁ ସାଧାରଣ କିଡନୀ ଥିବା ଲୋକଙ୍କ ଉପରେ ଉତ୍ତାପର କି ପ୍ରଭାବ ପଡିଥାଏ ତାହା କୁହାଯାଇପାରିବ ନାହିଁ। ସମ୍ପ୍ରତି ପୃଥିବୀର ପ୍ରତ୍ୟେକ ଦଶମ ବ୍ୟକ୍ତି କିଡନୀ ସମ୍ବନ୍ଧୀୟ ରୋଗର ଶିକାର ହେଉଛନ୍ତି। ଭାରତର ଜନସଂଖ୍ୟାର ୧୬ ପ୍ରତିଶତ କ୍ରନିକ୍ ବୃକକ୍ ରୋଗରେ ପୀଡିତ। ୨୦୧୮ରେ ଡାଏଲିସିସ୍ ଗ୍ରହଣ କରୁଥିବା ରୋଗୀଙ୍କ ସଂଖ୍ୟା ଭାରତରେ ସର୍ବାଧିକ ୧ ଲକ୍ଷ ୭୫ ହଜାର ଥିଲା।

# ଖରାଦିନେ ଏପରି ନିଅନ୍ତୁ ତ୍ୱଚାର ଯତ୍ନ

ଯଦି ଆପଣ ଖରାଦିନରେ କେଉଁଠିକି ବୁଲିବାକୁ ଯାଉଛନ୍ତି ତେବେ ସାଙ୍ଗରେ ଭଲ କ୍ଲିଞ୍ଜର, ଟୋନର, ମଶ୍ଚରାଇଜର ନେବାକୁ ଭୁଲନ୍ତୁ ନାହିଁ। ଏହାପରେ ସନ୍‌ସ୍କ୍ରିନ୍ ଲୋସନ୍ ବ୍ୟବହାର କରିପାରିବେ, ଯାହା ଲୋମଛିଦ୍ରକୁ ବନ୍ଦକରୁ ନ ଥିବ, ଏହା ମୁହଁକୁ ଭଲ ଲୁକ୍ ଦେବ... ନିଜ ତ୍ୱଚା ଅନୁଯାୟୀ ମୁହଁରେ ଭଲ ପ୍ରାଇମର ବ୍ୟବହାର କରିପାରନ୍ତି। ଏହାପରେ ମେକ୍‌ଅପ୍ ମୁହଁରେ ଭଲଭାବେ ମିଶିଯିବ। ପୁଣି ଭଲ ଶେଡ୍‌ର କନ୍‌ସିଲର ଦ୍ୱାରା ଦାଗକୁ ଲୁଚାଇପାରିବେ। ଏହାପରେ ମ୍ୟାଟ୍ ଫିନିସ୍ ଫାଉଣ୍ଡେଶନକୁ ସ୍ପଞ୍ଜ ସହାୟତାରେ ମୁହଁରେ ଲଗାନ୍ତୁ। ଏହି ଉପାୟ ତେଲିଆ ତ୍ୱଚା ଲାଗି ବେଶ୍ ଉପଯୋଗୀ ହୋଇଥାଏ। ଏହାପରେ ମେକ୍‌ଅପ୍ ସେଟ୍ କରିବାକୁ ହେଲେ କିଛି ଲୁଜ୍ ପାଉଡରର ପ୍ରୟୋଗ କରିପାରନ୍ତି। ପୁଣି ନାଚୁରାଲ କଲର ଏବଂ ବ୍ଲଶର ଲଗାନ୍ତୁ। ଆଇବ୍ରୋକୁ ସେଟ୍ କରିବାକୁ ହେଲେ ଆଇବ୍ରୋ ପେନ୍‌ସିଲ୍ ବ୍ୟବହାର କରିପାରନ୍ତି। ଆଖି ଲାଗି ସବୁବେଳେ ବ୍ଲାକ୍ ପେନ୍‌ସିଲ୍ ହିଁ ଚୟନ କରନ୍ତୁ। ଆଇଲ୍ୟାସ୍‌କୁ ଦିନସାରା ସେଟ୍ ରଖିବାକୁ ଚାହୁଁଥିଲେ ୱାଟରପ୍ରୁଫ୍ ମସ୍କରା ଲଗାଇବାକୁ ଭୁଲନ୍ତୁ ନାହିଁ। ଯଦି ଆପଣ ଚାହୁଁଆନ୍ତି ସବୁ ପ୍ରଡକ୍ଟ ସେପରି ରହୁ ତେବେ ଏସ୍‌ପିଏଫ ଯୁକ୍ତ ଫାଉଣ୍ଡେଶନର ପ୍ରୟୋଗ କରନ୍ତୁ। ଲିପ୍‌ଷ୍ଟିକ୍ ଅଧିକ ସମୟ ପର୍ଯ୍ୟନ୍ତ ଓଠରେ ରଖିବାକୁ ହେଲେ ପ୍ରଥମେ ହାଲ୍‌କା ଫାଉଣ୍ଡେଶନ କିମ୍ବା ପାଉଡର ଲଗାଇବା ପରେ ଲିପ୍ ପେନ୍‌ସିଲ ବା ଲିପ୍‌ଷ୍ଟିକ୍ ଲଗାନ୍ତୁ।

# ମଣିଷର ଆୟୁଷ ବଢ଼ାଇଥାଏ କଳାଅଣ୍ଡା

ସାଧାରଣତଃ ଅଣ୍ଡାର ରଙ୍ଗ ଧଳା କିମ୍ବା ବାଦାମୀ ରଙ୍ଗର ହୋଇଥାଏ । କିନ୍ତୁ କଳା ରଙ୍ଗର ଅଣ୍ଡା ଯେ ଥାଇପାରେ ଏକଥା ଅନେକଙ୍କୁ ଅଜଣା । ଏବେ ଜାପାନରେ କଳା ରଙ୍ଗର ଅଣ୍ଡା ଦେଖିବାକୁ ମିଳୁଛି, ଯାହାକୁ ଖାଇଲେ ଆୟୁଷ ବଢିଥାଏ ବୋଲି ସେଠାକାର ଲୋକଙ୍କ ଧାରଣା । ଜାପାନର ମାଉଣ୍ଟ ହୋକେନ୍‌ରେ ରହିଛି ଓବାକୁଦାନୀ ନାମକ ଏକ ବଏଲିଂ ସେଣ୍ଟର । ବହୁ ବର୍ଷ ପୂର୍ବେ ଏହି ସହରର କିଛି ଦୂରରେ ଆଗ୍ନେୟଗିରିରେ ଲାଭା ଉଦ୍‌ଗିରଣ ପରେ ବଦଳି ଯାଇଥିଲା ଆଖପାଖ ଅଞ୍ଚଳର ସ୍ଥିତି । ସେତେବେଳେ ଅଗ୍ନି ଉଦ୍‌ଗିରଣ ଯୋଗୁ ଛୋଟବଡ଼ ଉଷ୍ମ ପ୍ରସବଣ ଭଳି ପୁଷ୍କରିଣୀ ସୃଷ୍ଟି ହୋଇଥିଲା । ତେବେ ଏଠାକାର ସ୍ଥାନୀୟ ଅଧିବାସୀମାନେ ଏହି ଫୁଟନ୍ତା ପାଣିରେ ସାଧାରଣ ଅଣ୍ଡାକୁ ସିଝାଇଥାନ୍ତି, ଯାହା ସିଝିଗଲେ କଳା ରଙ୍ଗରେ ପରିଣତ ହୋଇଯାଏ । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ବିଶ୍ୱାସ ଅଛି ଯେ, ଏହି ପାଣିରେ ସିଝା ଯାଇଥିବା ଅଣ୍ଡାକୁ ଖାଇଲେ ଲୋକଙ୍କ ଆୟୁଷ ବଢିଯାଏ । ବାସ୍ତବରେ, ଏହି ପାଣିରେ ପ୍ରଚୁର ମାତ୍ରାରେ ସଲ୍ଫର ଭଳି କୃତ୍ରିମ ରାସାୟନିକ ପଦାର୍ଥ ଅଧିକ ମାତ୍ରାରେ ରହିଥାଏ । ଏହି ପାଣିରେ ଅଣ୍ଡା ଶିଝାଇଲେ ଅଣ୍ଡାର ଖୋଳପା କଳା ପଡ଼ିଯାଇଥାଏ । ଏହାସହିତ ଅଣ୍ଡାର ସ୍ୱାଦ ବି ବଦଳିଯାଏ ।



# ଥଣ୍ଡା ପାନୀୟ ପିଉଥିଲେ



- ପିଲାମାନଙ୍କର ହଜମ ଶକ୍ତି ନଷ୍ଟ ହୋଇଯାଏ।
- ସ୍ୱଭାବ ଚିଡ଼ିଚିଡ଼ା ହୁଏ।
- ଅପରାଧ ପ୍ରବଣତା ବୃଦ୍ଧି ପାଏ।
- ଗର୍ଭବତୀ ପାଇଁ ବିଶେଷ କ୍ଷତିକାରକ।
- ଅଧିକ ସାକାରିନ୍ ଗ୍ରହଣ ଫଳରେ ମେଦବୃଦ୍ଧି ଘଟେ।
- ବ୍ଲଡ଼ସୁଗାର ହୋଇପାରେ।
- ମଧୁମେହ, ହୃଦରୋଗ ଆକ୍ରମଣ କରିପାରେ।
- ସାଇଟ୍ରିକ୍ ଓ ଫସ୍‌ଫୋରିକ୍ ଏସିଡ୍
- ଭୋକ କମିଯାଏ।
- ପେପ୍‌ଟିକ୍ ଅଲସର ହୋଇପାରେ।
- ଲୌହ ତତ୍ତ୍ୱ କମିଯାଏ।
- କୃତ୍ରିମ ରଙ୍ଗପ୍ରଭାବରେ ଆଲର୍ଜି ହୋଇପାରେ।
- ଦାନ୍ତ ନଷ୍ଟ ହୋଇଯାଏ।
- ରୋଗ ପ୍ରତିରୋଧକ ଶକ୍ତି କମିଯାଏ।

ସମଗ୍ର ବିଶ୍ୱକୁ ଥଣ୍ଡା ପାନୀୟର ଆକର୍ଷଣୀୟ ବିଜ୍ଞାପନ ପାଗଳ କରିଦେଇଛି। ପିଲାଠାରୁ ବୁଢ଼ାଯାଏ ପାର୍ଟି, ପିକ୍‌ନିକ୍ ସବୁଠି ଥଣ୍ଡା ପାନୀୟର ଆଦର। ଏପରିକି ଛୋଟ ପିଲାଏ ମଧ୍ୟ ଦୁଧ ବଦଳରେ ଥଣ୍ଡା ପାନୀୟକୁ ଆଦରି ନେଉଛନ୍ତି। କିନ୍ତୁ ଅଧିକାଂଶ ଜାଣନ୍ତି ନାହିଁ ଯେ, ପ୍ରତ୍ୟେକ ପ୍ରକାର ଥଣ୍ଡା ପାନୀୟରେ ମୁଖ୍ୟ ଏବଂ ସାକାରିନ୍, ଚିନି, ସାଇଟ୍ରିକ୍ ବା ଫସଫୋରିକ୍ ଏସିଡ୍, କେଫିନ, କାର୍ବନ ଡାଇଅକ୍ସାଇଡ୍, ଡି.ଡ଼ି.ଟି. ଆଦି ବିଷାକ୍ତ ପଦାର୍ଥ ମିଶାଯାଇଥାଏ। ସେଥିରେ ପୁଷ୍ଟିକର ଦ୍ରବ୍ୟର ମାତ୍ରା ଆଦୌ ନଥାଏ। ଫଳରସର ବଦଳରେ ପରପ୍ଲେଭର ଥାଏ। ଥଣ୍ଡା ପାନୀୟ ନିୟମିତ ପାନ କଲେ ଶରୀରରେ ବିଭିନ୍ନ ପ୍ରତିକ୍ରିୟା ସୃଷ୍ଟି ହୋଇଥାଏ।

# ପରିବାରରେ ଶାନ୍ତି ପାଇଁ କରନ୍ତୁ ଉପାୟ

ପ୍ରତ୍ୟେକ ବ୍ୟକ୍ତିକୁ କେବଳ ନିଜ ଚରିତ୍ର ବା ଭଲଗୁଣ ଯୋଗୁଁ ସମ୍ମାନ ପାଇନଥାଏ। ପରିବାର ଓ କୁଟୁମ୍ବ ମଧ୍ୟ ଏଥିରେ ପ୍ରମୁଖ ଭୂମିକା ରହିଥାଏ। ମଣିଷର ସଫଳତା ତା ବଂଶ ଓ ପରିବାରର ସମ୍ମାନ ବଢାଇଥାଏ ସେହିଭଳି ବଂଶ ଓ ପରିବାର ମଧ୍ୟ ମଣିଷର ପ୍ରତିଷ୍ଠାର କାରଣ ହୋଇଥାଏ। ତେଣୁ ସାମାଜିକ ଜୀବନରେ ବ୍ୟକ୍ତି ଏଭଳି କିଛି କରିବା ଉଚିତ ଯାହା ନିଜ ଜୀବନ ସହିତ ଆଗାମୀ ବଂଶଧର ମଧ୍ୟ ଖୁସିରେ ରହିପାରିବେ। ଶାସ୍ତ୍ରରେ ଏଭଳି କେତେକ କାମ କୁହାଯାଇଛି ଯାହା କଲେ ପରିବାର ସମେତ ସାତପୁରୁଷ ଖୁସିରେ ରହିଥାନ୍ତି। କେବଳ ଏତିକି ନୁହେଁ ଯେଉଁ ଘରେ ଏଭଳି କାମ ହୁଏ ମା' ଲକ୍ଷ୍ମୀ ସେଥିପ୍ରତି ସର୍ବଦା ସନ୍ତୁଷ୍ଟ ରହିଥାନ୍ତି ଓ ଆର୍ଥିକ ଅଭାବ ହୁଏ ନାହିଁ।

**ଏହି କାମଗୁଡ଼ିକ ହେଲା:** କୁଳଦେବତା ପୂଜା ଓ ଶ୍ରାଦ୍ଧ: ଯେଉଁ କୁଳରେ ପିତୃପୁରୁଷ ଓ କୁଳ ଦେବତା ସନ୍ତୁଷ୍ଟ ରହନ୍ତି ସେହି ବଂଶର ଲୋକ ସର୍ବଦା ସୁଖୀ ରହନ୍ତି। ହିନ୍ଦୁଧର୍ମରେ କୁଳଦେବୀଙ୍କୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ତାଙ୍କୁ ଆରାଧନା କରିବା ଦ୍ୱାରା ପରିବାରରେ ସୁଖଶାନ୍ତି ରହିଥାଏ। ସେହିପରି ପିତୃଗଣ ତର୍ପଣ ଓ ଶ୍ରାଦ୍ଧରେ ସନ୍ତୁଷ୍ଟ ହୋଇଥାନ୍ତି। ପୂଣ୍ୟ ତିଥିରେ ପିତୃପୁରୁଷଙ୍କୁ ଶାଦ୍ଧ ଓ ତର୍ପଣ କଲେ ପୁରା ପରିବାରକୁ ଆଶୀର୍ବାଦ ମିଳିଥାଏ।

**ଅଇଁଠା ଓ ଆବର୍ଜନାରୁ ଘରକୁ ଦୂରେଇ ରଖନ୍ତୁ:** ଯେଉଁ ଘରେ ରୋଷେଇ ଘରେ ଖାନା ବିନା ଚାଖିବା ପୂର୍ବରୁ ଭଗବାନଙ୍କୁ ଅର୍ପଣ କରାଯାଏ ସେହି ଘରେ ଅନ୍ନର କେବେ ଅଭାବ ହୁଏ ନାହିଁ। ଲକ୍ଷ୍ମୀଙ୍କ କୃପା ଚାହୁଁଥିଲେ ରୋଷେଇଘରେ ଅଇଁଠା ରଖନ୍ତୁ ନାହିଁ ଓ ଭଗବାନଙ୍କୁ ଅର୍ପଣ କରି ଖାଦ୍ୟ ଅଇଁଠା କରନ୍ତୁ। ଘରେ ଅଳନ୍ଧୁ ଓ ଆବର୍ଜନା ଆଦି ରହିବାକୁ ଦିଅନ୍ତୁ ନାହିଁ। ଖାଦ୍ୟ ପ୍ରସ୍ତୁତ କଲାବେଳେ ପ୍ରଥମ ରୁଟି ଗାଇ ପାଇଁ ରଖନ୍ତୁ। ମାଛକୁ ଅଟା ଖୁଆନ୍ତୁ, କୁକୁରକୁ ରୁଟି ଦିଅନ୍ତୁ ଓ ପକ୍ଷୀଙ୍କୁ ଦାନା ଦିଅନ୍ତୁ। ପିମ୍ପୁଡ଼ିଙ୍କ ପାଇଁ ଚିନି ଓ ଅଟା ରଖନ୍ତୁ। ଯେତେବେଳେ ବି ମୌକା ମିଳୁଛି ଏହି ୫ ପ୍ରାଣୀଙ୍କ ମଧ୍ୟରୁ ଜଣକୁ ନିଶ୍ଚୟ ଭୋଜନ କରାନ୍ତୁ। ଭୋକିଲାକୁ ଖାଦ୍ୟ ଦବା ଏକ ଅତ୍ୟନ୍ତ ପୂଣ୍ୟ କାମ। ଯଦି ଆପଣ ସକ୍ଷମ ଅଛନ୍ତି ତେବେ ବ୍ରାହ୍ମଣ, ଗରିବଙ୍କୁ ଭୋଜନ ବା ଅନ୍ନଦାନ କରାଇଲେ ପରିବାରରେ ଶାନ୍ତି ରହେ ଓ ସଙ୍କଟରୁ ଉଦ୍ଧାର ପାଏ।

# ନିଦ ନହେବାର କାରଣ

**ଅତ୍ୟଧିକ ଉତ୍କଣ୍ଠା :** କୌଣସି ବିଷୟରେ ଜାଣିବା ପାଇଁ ଅତ୍ୟଧିକ ଉତ୍କଣ୍ଠା ସହିତ ଅପେକ୍ଷା କରିବା ବା କେହି ଜଣେ ଆତ୍ମୀୟ ଆସିବା ପାଇଁ ଅତ୍ୟଧିକ ଉତ୍କଣ୍ଠା ସହିତ ପ୍ରତୀକ୍ଷା କଲେ।

**ବିଷାଦ ରୋଗ :** କୌଣସି କାରଣରୁ ଅତ୍ୟଧିକ ମାନସିକ ବିଷାଦ ହେଲେ।


**ଉନ୍ମାଦ ରୋଗ :** ଉନ୍ମାଦ ବା ମାନସିକ ରୋଗ ଆରମ୍ଭ ହେଲେ।

**ସିଜୋଫ୍ରେନିଆ ରୋଗ ହେଲେ**

**ଅତ୍ୟଧିକ ଯନ୍ତ୍ରଣା ହେତୁ :** କୌଣସି ଶାରୀରିକ ରୋଗ ହେତୁ ଅତ୍ୟଧିକ ଯନ୍ତ୍ରଣା ହେଲେ। ଲଟାକାଶ, ଯକ୍ଷ୍ମା, ଶ୍ୱାସ ପ୍ରଭୃତି ହେଲେ ନିଦ୍ରାରେ ବ୍ୟାଘାତ ଘଟେ। ସ୍ନାୟବିକ ରୋଗ ଯଥା ମାଇଗ୍ରେନ୍ ହେଲେ।

**ପରିସ୍ଥିତି ଜନିତ :** ଯୁଦ୍ଧର ଭୟାବହତା, ବନ୍ୟା ଓ ବାତ୍ୟା ପ୍ରଭୃତି ପ୍ରାକୃତିକ ବିପର୍ଯ୍ୟୟ ସମୟରେ, ନିଜର ଆତ୍ମୀୟ କେହି ଡାକ୍ତରଖାନାରେ ଥିଲେ ବା ରୋଗଗ୍ରସ୍ତ ଥିଲେ ରାତ୍ରି ଡ୍ୟୁଟି, ବିବାହ ଆଦି ସାମାଜିକ ଉତ୍ସବ ସମୟରେ। ଦୈନନ୍ଦିନ ଜୀବନ ପ୍ରଣାଳୀରେ ପରିବର୍ତ୍ତନ ଯଥା ବିଦେଶରୁ ପ୍ରତ୍ୟାବର୍ତ୍ତନ କଲେ।

**ନିଶାସକ୍ତ :** ନିଶାସକ୍ତ ବ୍ୟକ୍ତି ନିଶାଦ୍ରବ୍ୟ ବ୍ୟବହାର ନକଲେ।



# ଭଗବାନଙ୍କ ଉପରେ ଅଭିମାନ

ମଧ୍ୟପ୍ରଦେଶର ସାଗର ଅଞ୍ଚଳର ପୋଲିସ, ମନ୍ଦିରରୁ ଚୋରି କରୁଥିବା ଜଣେ ଚୋରକୁ ଧରିଛି। ଆପଣ ଭାବୁଥିବେ ତେବେ ଏଥିରେ ବଡ କଥା କ'ଣ। ହେଲେ ଆଶ୍ଚର୍ଯ୍ୟର କଥା ହେଲା ଚୋର କେବଳ ମନ୍ଦିରରୁ ହିଁ ଚୋରି କରିଥାଏ। ତାହା ପୁଣି ଭଗବାନଙ୍କ ଉପରେ ପ୍ରତିଶୋଧ ନେବା ପାଇଁ। ଚୋରର ଏପରି କଥା ଶୁଣି ପୋଲିସ ମଧ୍ୟ ଦ୍ୱନ୍ଦ୍ୱରେ ପଡିଯାଇଛି। ୨୫ ବର୍ଷ ପୂର୍ବେ ଯେତେବେଳେ ସେ ବିପଦରେ ପଡିଥିଲା ସେତେବେଳେ ସେ ଭଗବାନଙ୍କୁ ବହୁତ ଡାକିଥିଲା। ହେଲେ ଭଗବାନ ତାର ଗୋଟିଏ ହେଲେ କଥା ଶୁଣି ନଥିଲେ। ସେବେଠାରୁ ସେ ମନ୍ଦିରରୁ ଚୋରି କରିବା ଆରମ୍ଭ କରିଦେଇଛି। ପ୍ରତିଟି ଥାନାରେ ତା'ନାମରେ କେସ୍ ରହିଛି। ସେ କହିଛି, ଏକ ସଡକ ଦୁର୍ଘଟଣାରେ ତାର ବାପା-ମା'ଙ୍କ ମୃତ୍ୟୁ ହୋଇଗଲା। ତାର ସମସ୍ତ ସମ୍ପତ୍ତିକୁ ଦାଦା ନିଜ ନାମରେ କରିନେଲେ। ଯେଉଁ ସମ୍ପର୍କୀୟଙ୍କ ଘରେ ସେ ରହୁଥିଲେ ସେ ମଧ୍ୟ ପ୍ରତାରଣା ଦେଲେ। ସବୁ ସମୟରେ ସେ ଭଗବାନଙ୍କୁ ଡାକିଛି। ହେଲେ ଭଗବାନ ତାର ଗୋଟିଏ ହେଲେ କଥା ଶୁଣି ନାହାନ୍ତି। ତେଣୁ ସେ ଭଗବାନଙ୍କ ଉପରେ ଅଭିମାନ କରି ଚୋରି କରିବା ଆରମ୍ଭ କଲା। ପ୍ରଥମେ ସେ ନିଜ ଗ୍ରାମର ଜୈନ ମନ୍ଦିରରୁ ଚୋରି କଲା। ବର୍ତ୍ତମାନ ପର୍ଯ୍ୟନ୍ତ ପାଖାପାଖି ୨୫ ଟି ମନ୍ଦିରରୁ ସେ ଚୋରି କରିସାରିଛି।



31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୯ ମାର୍ଚ୍ଚ ୨୦୨୫ ବୁଧବାର





# ଦିନ ସରେ ... କଥା ରହିଯାଏ

ମଣିଷର ଏ ଅବୋଧ ଜୀବନ କିଛି ବି ନୁହେଁ। ଗୋଟେ ମହାଚୁମ୍ବକୀୟ ଆକର୍ଷଣ-ବିକର୍ଷଣର ପଶାଖେଳ। ଗୋଟିଏ ବିନ୍ଦୁରେ ଯୋଡିହେବା-ପୁଣି ତା'ଠାରୁ ଅନନ୍ତ ଅତୀତର ଅନ୍ଧାରରେ ବିଲୀନ ହେବାର ଏକ ନିରନ୍ତର ପ୍ରକ୍ରିୟା ! ସେଇ ଜୀବନକୁ ଭୋଗୁଥିବା ସମୟତକ ହିଁ ମଣିଷ ପାଇଁ ସ୍ୱର୍ଗ ସୁଖ । ସୁଃଖ-ଦୁଃଖର ଏକ ଫେଣ୍ଟାଫେଣ୍ଟି ନିଷ୍କର୍ଷ। ଏଥିରେ କିଛି ହିଁ ପ୍ରାପ୍ତି ନାହିଁ, ଚିରନ୍ତନ ଅପ୍ରାପ୍ତି ହିଁ ମଣିଷର ଭାଗ୍ୟ ଲେଖା।

ତଥାପି ମଣିଷର ଆତ୍ମସନ୍ତୋଷ କ'ଣ ଥାଏ କି ? ଆହୁରି ଆହୁରି ଲୋଡେ ସେ। ଏଇ ଲୋଡିବା ପଣ ହିଁ ଅନ୍ତଃକରଣରେ ଜୀବନ ସୁଖ। ଆଉ ମୋହାଚ୍ଛନ୍ନ ଲୋଡିବା ପଣରେ ଥାଏ କେବଳ ହିଁ ବିଷାଦ-ମାୟା-ନିରୀଶ୍ୱରତାର ପହେଳି। ପ୍ରକୃତି- ପଞ୍ଚଭୂତ ହିଁ ମଣିଷର ନିକଟତମ ଈଶ୍ୱର ଯେ' ମଣିକୁ ଝାଡି ଝୁଡି ସୁନ୍ଦର ସୁଠାମକରି ଏ ମାୟା ମାଟିରେ ସୁନାହରିଣ ଖୋଜିବା ପାଇଁ ପଠେଇ ଦିଏ। ଖୋଜୁ ଖୋଜୁ କିଛି ତ ପାଏନି ବରଂ ଅବସୋସରେ ଏ ମାଟିରୁ ଚାଲିଯାଏ।

ବନ୍ଧୁଗଣ ! ସୁନ୍ଦରତମ ଏ ପୃଥିବୀର ଶୋଭା ସକଳ ହିଁ କେବଳ ମଣିଷର ନୟନ ସାର୍ଥକ କରୁଥିବା ଏକ ଉଲ୍ଲାସ। ଆଉ ସବୁ କିଛି ତୁଚ୍ଛ। ନୋହିଲେ ସକଳ ସମ୍ପଦ-ଭୋଗ ଭିତରେ ଆମର ଏତେ ବୈରାଗ୍ୟ କାହିଁକି ?

ସେଇ ବୈରାଗ୍ୟକୁ ପାଶୋରି ଦେବା ପାଇଁ ସାହିତ୍ୟ ହିଁ ଏକ ମାଧ୍ୟମ। ଯାହା ଆମ ଚେତନା ଓ ଅନ୍ତଃକରଣକୁ ମହାନନ୍ଦ ପ୍ରଦାନ କରିଥାଏ। ସେଇ ମହାନନ୍ଦର ଏକ ଛୋଟ ଝଲକ ହିଁ 'କଥା କଳିକା', ଜୀବନର କିଛି ଅବସାଦକୁ ଫୁଲ ଫଗୁଣରେ ହସାଏ- ପୁଲକିତ କରେ- ସାର୍ଥକ କରିଦିଏ।

"କଥାକଳିକା"ର ଏଗାର ବର୍ଷର ଛୋଟ ଛୋଟ ଖୁସି ହିଁ ଆମମାନଙ୍କ ଭିତରେ ଆସ୍ତିକତାକୁ ପହଁରାଏ, ଜୀବନକୁ ଭଲ ଭାବରେ ଜାଣିବାକୁ ଦ୍ୱାରଖୋଲି ଦିଏ। ଆସନ୍ତୁ ବନ୍ଧୁଗଣ, ସେଇ ବିରଳ ମୁହୂର୍ତ୍ତରୁ କିଛି କିଛି ବାନ୍ଧି ରଖିଥିବା ଫଟୋ ହିଁ ଆମ ମାନଙ୍କୁ ଆନନ୍ଦ ଯୋଗାଇବାରେ ଯେ ସାର୍ଥକ ଭୂମିକା ଗ୍ରହଣ କରିବାରେ ସମର୍ଥ ହେବ, ଏ ବିଶ୍ୱାସ ଆମକୁ ହେଉଛି...











































































ଭୁବନେଶ୍ୱର : ଚୈତ୍ର ମାସ ପ୍ରଥମ ମଙ୍ଗଳବାରରେ ମା' ମଙ୍ଗଳାଙ୍କୁ ମହିଳାମାନେ ପଣା ଅର୍ପଣ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

## ମା' ତାରାତାରିଣୀଙ୍କ ମଙ୍ଗଳବାର ଯାତ୍ରା

**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ତଥା ଆରାଧ୍ୟା ଦେବୀ ମା' ତାରାତାରିଣୀଙ୍କ ମଙ୍ଗଳବାର ଚଇତିଯାତ ଆରମ୍ଭ ହୋଇଛି। ପ୍ରଥମ ପାଳିରେ ମଙ୍ଗଳବାର ପ୍ରତ୍ୟୁଷରୁ ପୂଜକମାନେ ମାଙ୍କର ପ୍ରାତଃ ନୀତି, ପୂଜା ଆଳତୀ ପରେ ହଜାର ହଜାର ଶ୍ରଦ୍ଧାଳୁ ଧାଡ଼ିରେ ମନ୍ଦିର ଭିତରକୁ ଯାଇ ମା'ଙ୍କ ଦର୍ଶନ କରିଛନ୍ତି। ଶ୍ରଦ୍ଧାଳୁ ଆବାଳ ବୃଦ୍ଧ ବନିତା ବସ୍, ଚାରିଚକିଆ ଓ ୧୯୯ ପାହାଚ ଚଢ଼ି କୁମାରୀ ପାହାଡ଼ ଉପରକୁ ଯାଇ ଦେବୀଙ୍କ ଦର୍ଶନ କରି କୃପାଭିକ୍ଷା କରୁଛନ୍ତି। ହଜାର ହଜାର ବ୍ୟକ୍ତି ସେମାନଙ୍କ ସନ୍ତାନମାନଙ୍କ ଦୀର୍ଘ ଜୀବନ ଓ ମଙ୍ଗଳ କାମନା କରି ସନ୍ତାନମାନଙ୍କ ମୁଣ୍ଡନ କରି ପ୍ରଥମ କେଶକୁ ମା'ଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିଛନ୍ତି।

# ଦେଶ ପ୍ରଥମ, ସର୍ବଦା ପ୍ରଥମ ମନୋଭାବ ନେଇ ଆଗକୁ ବଢ଼ନ୍ତୁ : ଅଶ୍ୱିନୀ ବୈଷ୍ଣବ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ମଙ୍ଗଳବାର ଦିନ ଲୋକସଭାରେ ରେଳ ମନ୍ତ୍ରାଳୟ ନିୟନ୍ତ୍ରଣରେ ଥିବା ଦାବି ଏବଂ ଅନୁଦାନ ଉପରେ ଆଲୋଚନାର ଉତ୍ତର ଦେଇଛନ୍ତି କେନ୍ଦ୍ର ରେଳ, ସୂଚନା ଏବଂ ପ୍ରସାରଣ, ଇଲେକ୍ଟ୍ରୋନିକ୍ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ତାଙ୍କ ଭାଷଣରେ, ସେ ଭାରତୀୟ ରେଳବାଇର ପ୍ରଗତି ଉପରେ ଆଲୋକପାତ କରିଥିଲେ ଏବଂ ସମୟାନୁବର୍ତ୍ତିତା, ନିଯୁକ୍ତି, ସୁରକ୍ଷା, ରପ୍ତାନି ଏବଂ ଭିତ୍ତିଭୂମି ବିକାଶକୁ ପ୍ରାଥମିକତା ଦେଇଥିଲେ। ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ନିଯୁକ୍ତି ପ୍ରଦାନ କରିବାରେ ମଧ୍ୟ ରେଳବାଇ ଆଗରେ ଅଛି। ଦେଶର ପ୍ରଗତି ପାଇଁ, ସେ ସମସ୍ତଙ୍କୁ ରାଷ୍ଟ୍ର ପ୍ରଥମ, ସର୍ବଦା ପ୍ରଥମ ମନୋଭାବ ସହିତ ଆଗକୁ ବଢ଼ିବାକୁ ଆହ୍ୱାନ କରିଥିଲେ।

ରେଳମନ୍ତ୍ରୀ ଗୃହରେ କହିଥିଲେ ଯେ ରେଳବାଇର ସମୟାନୁବର୍ତ୍ତିତାରେ ଏକ ବଡ଼ ଉନ୍ନତି ଆସିଛି। ଏହି ବର୍ଷ, ୬୮ଟି ଡିଭିଜନ ମଧ୍ୟରୁ ୪୯ଟି ଡିଭିଜନରେ ଟ୍ରେନ୍‌ଗୁଡ଼ିକର ସମୟାନୁବର୍ତ୍ତିତା ୮୦% ରୁ ଅଧିକ ରେକର୍ଡ କରାଯାଇଛି। ଆହୁରି ଗର୍ବର କଥା ହେଉଛି ଯେ ୧୨ଟି ଡିଭିଜନରେ ଯେଉଁଠାରେ ସମୟାନୁବର୍ତ୍ତିତା ୯୫% ପର୍ଯ୍ୟନ୍ତ ପହଞ୍ଚିଥିଲା। ଆଜି ବିଶ୍ୱର ବଡ଼ ବଡ଼ ଦେଶମାନଙ୍କ ସ୍ତରରେ ପହଞ୍ଚିବାକୁ ଚେଷ୍ଟା କରୁଛୁ। ଏହା ରେଳବାଇର ଗୁଣବତ୍ତା ରକ୍ଷାରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା।

ନିଯୁକ୍ତି ସୃଷ୍ଟି ବିଷୟରେ ଉଲ୍ଲେଖ କରି ରେଳମନ୍ତ୍ରୀ କହିଥିଲେ ଯେ ଭାରତୀୟ ରେଳ ଗତ ୧୦ ବର୍ଷ ମଧ୍ୟରେ ୫ ଲକ୍ଷରୁ ଅଧିକ ଲୋକଙ୍କୁ ନିଯୁକ୍ତି ପ୍ରଦାନ କରିଛି, ଯାହା ଏକ ବଡ଼ ସଫଳତା। ବର୍ତ୍ତମାନ ମଧ୍ୟ ୧ ଲକ୍ଷ ଲୋକଙ୍କ ପାଇଁ ନିଯୁକ୍ତି ପ୍ରକ୍ରିୟା ଚାଲିଛି। ରେଳମନ୍ତ୍ରୀ କହିଛନ୍ତି ଯେ ଏବେ ଭାରତୀୟ ରେଳବାଇରେ ସୁରକ୍ଷାକୁ ପ୍ରାଥମିକତା ଦେଇ ଅନେକ ବୈପ୍ଳବିକ ପରିବର୍ତ୍ତନ କରାଯାଇଛି। ଲମ୍ବା ରେଲ, ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ, କୁହୁଡ଼ି ସୁରକ୍ଷା ଉପକରଣ ଭଳି ପଦକ୍ଷେପ ରେଳ ଯାତ୍ରାକୁ ଅଧିକ ସୁରକ୍ଷିତ କରିଛି। ୫୦,୦୦୦ କିଲୋମିଟର ପୁରୁଣା ଟ୍ରାକ୍ ଅପସାରଣ କରାଯାଇ ନୂତନ ଟ୍ରାକ୍ ସହିତ ବଦଳାଯାଇଛି, ଯାହା ସୁରକ୍ଷାରେ ଯଥେଷ୍ଟ ଉନ୍ନତି ଆଣିଛି। ୩୪,୦୦୦ କିଲୋମିଟର ନୂତନ ରେଳ ଟ୍ରାକ୍ ନିର୍ମାଣ କରାଯାଇଛି, ଯାହା ଜର୍ମାନୀର ସମଗ୍ର ରେଳ ନେଟୱାର୍କଠାରୁ ଅଧିକ। ଭାରତ ଲୋକୋମୋଟିଭ୍ ଉତ୍ପାଦନରେ ମଧ୍ୟ ବିଜୟୀ ହୋଇଛି। ରେଳମନ୍ତ୍ରୀ କହିଛନ୍ତି ଯେ ଦେଶରେ ୧୪୦୦ ଲୋକୋମୋଟିଭ୍ ଉତ୍ପାଦିତ ହୋଇଛି ଯାହା ଆମେରିକା ଏବଂ ୟୁରୋପର ମୋଟ ଉତ୍ପାଦନଠାରୁ ଅଧିକ।

ଭାରତୀୟ ରେଳବାଇ ବିଶ୍ୱ ସ୍ତରରେ ନିଜର ଦୃଢ଼ ଉପସ୍ଥିତି ପଞ୍ଜୀକୃତ କରିଛି। ଗୃହକୁ ସୂଚନା ଦେଇ ରେଳମନ୍ତ୍ରୀ କହିଥିଲେ ଯେ ଭାରତ ଏବେ ରେଳ ରପ୍ତାନିକାରୀ ହୋଇ ପାରିଛି। ମେଟ୍ରୋ କୋଚ୍ ଅଷ୍ଟ୍ରେଲିଆକୁ, ରେଳ କୋଚ୍ ୟୁକେ, ସାଉଦି ଆରବ ଏବଂ ଫ୍ରାନ୍ସକୁ ଏବଂ ଅପରେସନ୍ ଉପକରଣ ମେକ୍ସିକୋ, ସ୍ପେନ୍, ଜର୍ମାନୀ ଏବଂ ଇଟାଲୀକୁ ରପ୍ତାନି କରାଯାଉଛି। ସେ କହିଥିଲେ ଯେ ଖୁବ୍ ଶୀଘ୍ର ବିହାରରେ ତିଆରି ଲୋକୋମୋଟିଭ୍ ବିଦେଶ ପ୍ରେରିତ ହେବ ଏବଂ ତାମିଲନାଡୁରେ ତିଆରି ଚକ ବିଶ୍ୱର ଅନ୍ୟ ଦେଶର ଟ୍ରେନରେ ମଧ୍ୟ ଚାଲିବା ଦେଖାଯିବ। ଏହା ଭାରତ ପାଇଁ ଏକ ଗର୍ବର ମୁହୂର୍ତ୍ତ।

ରେଳମନ୍ତ୍ରୀ କହିଛନ୍ତି ଯେ କୋଲକାତା ମେଟ୍ରୋ ରେଳ ପ୍ରକଳ୍ପରେ ଐତିହାସିକ ପ୍ରଗତି ହୋଇଛି। ୧୯୭୨ ରୁ ୨୦୧୪ ପର୍ଯ୍ୟନ୍ତ ୪୨ ବର୍ଷ ମଧ୍ୟରେ ୨୮ କିଲୋମିଟରର କାମ ହୋଇଥିଲା, ଯେତେବେଳେ ମୋଦି ସରକାରଙ୍କ ୧୦ ବର୍ଷ ମଧ୍ୟରେ ୩୮ କିଲୋମିଟରର କାମ ସମ୍ପୂର୍ଣ୍ଣ ହୋଇଥିଲା। ବୁଲେଟ୍ ଟ୍ରେନ୍ ଉପରେ ଗୁରୁତ୍ୱାରୋପ କରି ସେ କହିଥିଲେ ଯେ ଆମକୁ ଦେଶକୁ ଆଗକୁ ନେବାକୁ ପଡ଼ିବ। ଭବିଷ୍ୟତ ପିଢ଼ି ପାଇଁ ବୁଲେଟ୍ ଟ୍ରେନ୍ ଭଳି ପ୍ରକଳ୍ପ ନିର୍ମାଣ କରାଯାଉଛି। ଉତ୍ତର-ପୂର୍ବରେ ରେଳ ପ୍ରକଳ୍ପରେ ଅଭୂତପୂର୍ବ ପ୍ରଗତି ବିଷୟରେ ଉଲ୍ଲେଖ କରି ରେଳ ମନ୍ତ୍ରୀ କହିଥିଲେ ଯେ ରେଳ ପ୍ରକଳ୍ପ ସିକ୍କିମ ରେଳୱେରୁ ଗଙ୍ଗଟୋକ ପର୍ଯ୍ୟନ୍ତ ପହଞ୍ଚିଛି, ଆସାମରେ ନୂତନ କାର୍ଯ୍ୟ ଆରମ୍ଭ ହୋଇଛି ଏବଂ ସ୍ୱାଧୀନତା ପରେ ପ୍ରଥମ ଥର ପାଇଁ ତ୍ରିପୁରାରେ ବ୍ରଡଗେଜ୍ ଲାଇନ୍ ଆରମ୍ଭ ହୋଇଛି। କେନ୍ଦ୍ର ସରକାର ପ୍ରତ୍ୟେକ ରାଜ୍ୟକୁ ରେଳ ବିକାଶ ପାଇଁ ଏକ ଐତିହାସିକ ବଜେଟ୍ ଆବଣ୍ଟନ କରିଛନ୍ତି। ସେ କହିଥିଲେ ଯେ ରେଳବାଇର ଲକ୍ଷ୍ୟ ହେଉଛି ପ୍ରତ୍ୟେକ ରାଜ୍ୟରେ ରେଳ ନେଟୱାର୍କ ସହିତ ସଂଯୋଗ କରିବା ଏବଂ ଯାତ୍ରୀମାନଙ୍କୁ ବିଶ୍ୱସ୍ତରୀୟ ସୁବିଧା ପ୍ରଦାନ କରିବା। ଆଜି, ବିଶ୍ୱର ସର୍ବବୃହତ ରେଳ ଷ୍ଟେସନ ପୁନର୍ବିକାଶ କାର୍ଯ୍ୟକ୍ରମ (ଅମୃତ ଷ୍ଟେସନ) ନିର୍ମାଣ କାର୍ଯ୍ୟ ଭାରତରେ ଚାଲୁ ରହିଛି।

ଅଶ୍ୱିନୀ ବୈଷ୍ଣବ ଗୃହକୁ କହିଥିଲେ ଯେ ଭାରତୀୟ ରେଳବାଇ ୨୦୨୦ ପରଠାରୁ ଯାତ୍ରୀ ଭଡ଼ା ବୃଦ୍ଧି କରିନାହିଁ। ଭାରତରେ ରେଳ ଭଡ଼ା ବିଶ୍ୱରେ ସବୁଠାରୁ କମ୍। ଭାରତରେ ୩୫୦ କିଲୋମିଟର ଯାତ୍ରା ପାଇଁ ଭଡ଼ା ମାତ୍ର ୧୨୧/- ଟଙ୍କା ଥିବା ବେଳେ ପାକିସ୍ତାନରେ ୪୩୬ ଟଙ୍କା, ବାଂଲାଦେଶରେ ୩୨୩ ଟଙ୍କା ଏବଂ ଶ୍ରୀଲଙ୍କାରେ ୪୧୩ ଟଙ୍କା ରହିଛି। ୟୁରୋପୀୟ ଦେଶଗୁଡ଼ିକରେ, ଭାରତ ତୁଳନାରେ ରେଳ ଭଡ଼ା ପ୍ରାୟ ୨୦ ଗୁଣ ଅଧିକ। ମାଲ୍ ପରିବହନରେ ଅଭିବୃଦ୍ଧିକୁ ଉଲ୍ଲେଖ କରି ରେଳମନ୍ତ୍ରୀ କହିଛନ୍ତି ଯେ ୩୧ ମାର୍ଚ୍ଚରେ ଶେଷ ହେଉଥିବା ଆର୍ଥିକ ବର୍ଷରେ, ଭାରତୀୟ ରେଳବାଇ ବିଶ୍ୱର ୧.୬ ବିଲିୟନ ଟନ୍ ମାଲ୍ ପରିବହନ କରୁଥିବା ଶ୍ରେଷ୍ଠ ୩ ଦେଶ ମଧ୍ୟରେ ସ୍ଥାନ ପାଇବ, ଯାହା ମଧ୍ୟରେ ଚୀନ, ଆମେରିକା ଏବଂ ଭାରତ ଅନ୍ତର୍ଭୁକ୍ତ ହେବ। ଏହା ରେଳବାଇର ଅର୍ଥନୈତିକ ସଶକ୍ତିକରଣ ଏବଂ ଲଜିଷ୍ଟିକ କ୍ଷେତ୍ରରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରତିଫଳିତ କରେ।

ଲୋକସଭାରେ, ରେଳମନ୍ତ୍ରୀ ସମସ୍ତ ଦଳର ସାଂସଦମାନଙ୍କୁ ଅନୁରୋଧ କରିଥିଲେ ଯେ ସେମାନେ ସେମାନଙ୍କ ଅଞ୍ଚଳର ଷ୍ଟେସନଗୁଡ଼ିକରେ କାର୍ଯ୍ୟର ଗୁଣବତ୍ତା ପ୍ରତି ଧ୍ୟାନ ଦିଅନ୍ତୁ। ଆମେ ଗୁଣବତ୍ତା ସହିତ ଆପୋସ ବୁଝାମଣା କରିବୁ ନାହିଁ। ସେ ଆହୁରି କହିଥିଲେ ଯେ ଭାରତୀୟ ରେଳ ଦେଶର ପ୍ରଗତିର ପ୍ରତୀକ ଏବଂ ଏହା ନିରନ୍ତର ଭାବରେ ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେଉଛି।



# କବି ରମାକାନ୍ତ ରଥଙ୍କ ବିୟୋଗରେ 'ବନ୍ଦେ ଉତ୍କଳ ଜନନୀ'ର ଶୋକ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଲବ୍ଧ ପ୍ରତିଷ୍ଠିତ ସାହିତ୍ୟିକ, ପ୍ରଶାସକ କବି ପଦ୍ମଭୂଷଣ ତଥା କେନ୍ଦ୍ର ସାହିତ୍ୟ ଏକାଡେମିର ପୂର୍ବତନ ସଭାପତି ସ୍ୱର୍ଗତ ରମାକାନ୍ତ ରଥଙ୍କ ବିୟୋଗରେ ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ପକ୍ଷରୁ ଗଭୀର ଶୋକ ପ୍ରକାଶ ପାଇଛି। ସ୍ୱର୍ଗତ ରଥଙ୍କ ବିୟୋଗରେ ଓଡ଼ିଆ ସାହିତ୍ୟ ଜଗତର ଗୋଟିଏ ଉଜ୍ଜ୍ୱଳ ଜ୍ୟୋତିଷ୍କର ଅବସାନ ଘଟିଲା ବୋଲି ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନର ସଭାପତି ତଥା ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାଲଣଙ୍କ ଜ୍ୟେଷ୍ଠପୁତ୍ର ପ୍ରାଧ୍ୟାପକ ବଜ୍ରକାନ୍ତ ଦାସ ପ୍ରକାଶ କରିଛନ୍ତି। ସ୍ୱର୍ଗତ ରଥ ଏବଂ ସ୍ୱର୍ଗତ ରବି ଲାଲଣ ଉଭୟ ରେଭେନ୍ସା ମହାବିଦ୍ୟାଳୟରୁ ପାସ୍ କରିବା ପରେ ଓଡ଼ିଆ ଭାଷା, ସାହିତ୍ୟର ଉନ୍ନତି ପାଇଁ ନିଜକୁ ଉତ୍ସର୍ଗ କରିଥିଲେ। କେବଳ ଲେଖକ ବା ବୁଦ୍ଧିଜୀବୀ ଚାହିଁଲେ ଓଡ଼ିଆ ଭାଷାର ଉନ୍ନତି ହୋଇପାରିବ ନାହିଁ ଯେଉଁଦିନ ସାଧାରଣ ଓଡ଼ିଆ ଲୋକଟିଏ ଓଡ଼ିଆ ଭାଷା ସାହିତ୍ୟର ଗୁରୁତ୍ୱକୁ ଉପଲବ୍ଧି କରିବ ସେତେବେଳେ ଯାଇ ଓଡ଼ିଆ ଭାଷା ଶସକ୍ତ ତଥା ସମୃଦ୍ଧ ହେବ ବୋଲି ସ୍ୱର୍ଗତ ରଥ ୨୦୨୨ରେ ଦାଦ୍ରା ନଗରହାଭେଲିର ସ୍ଥିତ ବାସଭବନରେ ରବି ଲାଲଣଙ୍କ ସହିତ ସାକ୍ଷାତ ଆଲୋଚନା ସମୟରେ ପ୍ରକାଶ କରିଥିଲେ। ସ୍ୱର୍ଗତ ରଥଙ୍କ ବିୟୋଗରେ ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ପକ୍ଷରୁ ଏକ ଶୋକ ସଭା ଅନୁଷ୍ଠାନର ସମ୍ପାଦକ ତଥା ଆଇନଜୀବୀ ଶ୍ୟାମସୁନ୍ଦର ଦାଶଙ୍କ ସଭାପତିତ୍ୱରେ ଅଙ୍ଗାବାଦ ସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱର୍ଗତ ରଥଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରାଯାଇ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଏ ସରକାର ସମୟରେ ...

କରିବା ପାଇଁ ପୋଲିସ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ସେହି ଅନୁସାରେ କାର୍ଯ୍ୟାନୁଷ୍ଠାନ ହେଉଛି। ୨୪ରୁ ୪୮ ଘଣ୍ଟା ମଧ୍ୟରେ ଅପରାଧୀଙ୍କୁ ଧରିବା ପାଇଁ ପଦକ୍ଷେପ ନିଆଯାଇଛି ଏବଂ ଏଥିରେ ମଧ୍ୟ ସଫଳତା ମିଳିଛି। ଗତ କିଛିଦିନ ମଧ୍ୟରେ ନୂଆ ଆଇନ ବଳରେ ୧୮ଟି ମାମଲାର ଫଇସଲା କରାଯାଇ ସମ୍ପୃକ୍ତ ଅପରାଧୀମାନଙ୍କୁ ଦଣ୍ଡିତ କରିବା ପ୍ରକ୍ରିୟା ଚାଲିଛି। ଅନୁଗୁଳ ଜିଲ୍ଲାର ନାବାଳିକା ଧର୍ଷଣ ଘଟଣାରେ ସମ୍ପୃକ୍ତ ଅପରାଧୀଙ୍କୁ ଗିରଫ କରାଯାଇଛି। ଆଇନ ମନ୍ତ୍ରୀ କହିଥିଲେ ବିଗତ ସରକାର ସମୟରେ ପୋଲିସ୍ ବିଭାଗରେ ୧୬ ହଜାର ପଦବୀ ଖାଲି ପଡ଼ିଥିଲା। ସେଥିପାଇଁ ବିଭିନ୍ନ ଅପରାଧ ଘଟଣାରେ ଠିକଣା ଭାବେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ହୋଇପାରୁନଥିଲା । ତେବେ ରାଜ୍ୟରେ ନୂଆ ସରକାର କ୍ଷମତାକୁ ଆସିବା ପରେ ପୋଲିସ୍ ବିଭାଗରେ ୬ ହଜାର ପଦବୀ ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଥାନାଗୁଡ଼ିକୁ ସୁଦୃଢ଼ୀକରଣ କରିବା ପାଇଁ ସମସ୍ତ ପଦକ୍ଷେପ ନିଆଯାଇଛି। ଆମ ସରକାର ଯେକୌଣସି ଅପରାଧରେ ଯେକେହି ବି ସମ୍ପୃକ୍ତ ଥାନ୍ତୁ ନା କାହିଁକି ସେମାନଙ୍କୁ ଧରି ଜେଲ୍‌ରେ ଭର୍ତ୍ତି କରିବା ପାଇଁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଆମେ ସମ୍ପୂର୍ଣ୍ଣ ଭାବେ ଅପରାଧ ଦମନ ପାଇଁ ପ୍ରସ୍ତୁତ ରହିଛୁ। ରାଜ୍ୟର ବିଭିନ୍ନ ସ୍ଥାନରେ ହୋଇଥିବା ମହିଳା ଓ ଶିଶୁ ଜନିତ ଘଟଣାରେ ସରକାର ନୀରବ ନାହାନ୍ତି ବରଂ ତ୍ୱରିତ ପଦକ୍ଷେପ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ଆଇନ ମନ୍ତ୍ରୀ ତାଙ୍କ ଉତ୍ତରରେ କହିଥିଲେ। ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ଘଟଣାର ତଦନ୍ତ ନେଇ ଆଇନମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ ଯେ ଏହି ଘଟଣାର ତଦନ୍ତ ଯେଉଁଭଳି ଭାବେ ହେବା କଥା ତାହା ହୋଇନଥିବା ଏବଂ ସେମାନେ ନ୍ୟାୟ ଦେଇ ପାରି ନଥିବା ଜଣାପଡିଥିଲା । ଯାହାକୁ ନେଇ ତାଙ୍କ ପରିବାର ଅସହମତି ପ୍ରକାଶ କରିଥିଲେ । ଆମ ସରକାରକୁ ଲେଖିକି ଦେବା ପରେ ଏହି ମାମଲାର ସାନି ତଦନ୍ତ ଆଜିଠାରୁ ଆରମ୍ଭ ହୋଇଛି ଏବଂ ତାଙ୍କ ଘରେ କ୍ରାଇମବ୍ରାଞ୍ଚ ଟିମ୍ ପହଞ୍ଚି ପରିବାର ସଦସ୍ୟଙ୍କ ଷ୍ଟେଟମେଣ୍ଟ ରେକର୍ଡ କରିଛନ୍ତି। ଆଇନ ମନ୍ତ୍ରୀ କହିଛନ୍ତି ଯେ ନବ ଦାସଙ୍କ ପରିବାର ଲୋକ ତଦନ୍ତରେ ସନ୍ତୁଷ୍ଟ ନଥିଲେ । ତଦନ୍ତ ବାଟବଣା କରିଥିଲେ ପୂର୍ବ ସରକାର । ତଦନ୍ତର ଅନେକ ଦିଗ ବନ୍ଦ ଥିଲା । ଯେଉଁଠି ଯେଉଁଠି ଲିଙ୍କ ଅଛି ତାହା ଖୋଲିବ କ୍ରାଇମବ୍ରାଞ୍ଚ । ଦୁଇ ଅଧିକାରୀ ତାଙ୍କ ଘରକୁ ଯାଇଛନ୍ତି । ଆଗକୁ ଆଗକୁ ତଦନ୍ତ ଚାଲିବ । ନିରପେକ୍ଷ ଓ କ୍ରିୟାଶୀଳତା ଭାବେ ତଦନ୍ତ ହେବ ବୋଲି ମନ୍ତ୍ରୀ କହିଥିଲେ । ଆଇନ ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୋଷ ପ୍ରକାଶ କରି ବିରୋଧୀ ଦଳ ଉଭୟ ବିଜେଡ଼ି ଓ କଂଗ୍ରେସର ବିଧାୟକମାନେ କକ୍ଷତ୍ୟାଗ କରିଥିଲେ। ଶେଷରେ ବାଚସ୍ପତି ଏହି ମୁଲତବୀ ପ୍ରସ୍ତାବଟିକୁ ଅଗ୍ରାହ୍ୟ କରିଥିଲେ ।

## ନିଯୁକ୍ତି ମେଳା...

ଓ ସଜାଗ ରହେ ଏବଂ ଜନସାଧାରଣଙ୍କୁ ସଠିକ୍ ସମୟରେ ଆବଶ୍ୟକ ସେବା ଯୋଗାଇ ଦିଆଯାଏ । ଏହି ମୌଳିକ ସତ୍ୟକୁ ଉପଲବ୍ଧି କରି ଆମ ସରକାର ଦାୟିତ୍ୱ ନେବା ପରେ ପରେ ଦୀର୍ଘ ବର୍ଷ ଧରି ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ପଦବୀ ଗୁଡ଼ିକରେ ଉପଯୁକ୍ତ ମାନବ ସମ୍ବଳ ନିଯୁକ୍ତି ଆରମ୍ଭ କରିଛନ୍ତି । ରାଜ୍ୟର ବିକାଶ ଦିଗରେ ଆମ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏଣୁ ଆପଣମାନଙ୍କ ପରି ଯୁବ ଏବଂ ଦକ୍ଷ ଅଧିକାରୀ ଓ କର୍ମଚାରୀଙ୍କ କଠିନ ପରିଶ୍ରମ ଏବଂ ନିଷ୍ଠା ଦ୍ୱାରା ହିଁ ଲୋକମାନେ ଏହି ପଦକ୍ଷେପ ଗୁଡିକର ସୁଫଳ ପାଇବାକୁ ସକ୍ଷମ ହେବେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର ନୂତନ ଭାବେ ଦାୟିତ୍ୱ ନେଲା ପରେ ଏକ ଉଚ୍ଚ ସ୍ତରୀୟ ସମୀକ୍ଷା ବୈଠକ କରିଥିଲୁ । ଯେଉଁଥିରେ ସବୁ ଚୟନ ସଂସ୍ଥାର ମୁଖ୍ୟ, ଉଚ୍ଚ ପଦସ୍ଥ ଅଧିକାରୀ ଅଂଶଗ୍ରହଣ କରିଥିଲେ। ଚଳିତ ମାର୍ଚ୍ଚ ମାସ ଶେଷ ସୁଦ୍ଧା, ସମସ୍ତଙ୍କୁ ନିଜ ନିଜ ବିଭାଗରେ ଖାଲିଥିବା ଖାଲି ପଦବୀକୁ ଚିହ୍ନଟ କରି ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଦିଗରେ କାର୍ଯ୍ୟ ଜାରି ରହିଛି ଏବଂ ପ୍ରଥମ ଦୁଇ ବର୍ଷରେ ଆମେ ୬୫ ହଜାର ନିଯୁକ୍ତି ଦେବାକୁ ପ୍ରତିଶ୍ରୁତିବଦ୍ଧ। କେବଳ ସରକାରୀ କ୍ଷେତ୍ରରେ ପାଞ୍ଚବର୍ଷ ମଧ୍ୟରେ ଦେଢ଼ ଲକ୍ଷ ନିଯୁକ୍ତିର ଲକ୍ଷ୍ୟ ରଖାଯାଇଛି। ଏହାର ଫଳ ସ୍ୱରୂପ ଗତ ୯ ମାସ ମଧ୍ୟରେ ଆମେ ୭ ଥର ନିଯୁକ୍ତି ମେଳାର ଆୟୋଜନ କରି ବିଭିନ୍ନ ବିଭାଗରେ ୨୪ ହଜାରରୁ ଅଧିକ ନିଯୁକ୍ତି ପ୍ରଦାନ କରିଛୁ। ମଙ୍ଗଳବାର ଅଷ୍ଟମ ପର୍ଯ୍ୟାୟରେ ଆୟୋଜିତ ହୋଇଥିବା ଏହି ନିଯୁକ୍ତି ମେଳାରେ ୫ ଟି ବିଭାଗର ୮୧୨ ଜଣ ଅଧିକାରୀ ଏବଂ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଉଛି। ଏହା ଦ୍ୱାରା ବର୍ତ୍ତମାନ ସୁଦ୍ଧା ୮ ଟି ନିଯୁକ୍ତି ମେଳା ଜରିଆରେ ୨୫ ହଜାରରୁ ଅଧିକ ନିଯୁକ୍ତି ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି କଥାକୁ ସମସ୍ତେ ମନେ ରଖିବେ, ଯିଏ ଯେଉଁ ପଦପଦବୀରେ, ଯେତେ ବଡ ପଦବୀରେ ଥାଆନ୍ତୁ ନା କାହିଁକି, ଆପଣ ମାଲିକ ନୁହନ୍ତି, ଆପଣ ହେଉଛନ୍ତି ସେବକ। ଏହି ଦିଗରେ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁବେଳେ କୁହନ୍ତି ଯେ ସେ ପ୍ରଧାନମନ୍ତ୍ରୀ ନୁହନ୍ତି, ସେ ହେଉଛନ୍ତି, 'ପ୍ରଧାନ ସେବକ'। ଏଇ ମହତ୍ୱପୂର୍ଣ୍ଣ ମନ୍ତ୍ରକୁ ଆପଣ କାର୍ଯ୍ୟକ୍ଷେତ୍ରରେ ସଦା ସର୍ବଦା ମନେ ରଖିବେ, ତା ହେଲେ କେବେ ବି ଜନସେବାରୁ ବିଚ୍ୟୁତ ହେବେ ନାହିଁ ବୋଲି ସେ କହିଥିଲେ। ସେ ପୁଣି କହିଥିଲେଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗ ଓ ଆୟୁର୍ବେଦର ପ୍ରସାର ପାଇଁ ଭୁବନେଶ୍ୱର ନିକଟସ୍ଥ ଗୋଠପାଟଣା ଠାରେ କେନ୍ଦ୍ରୀୟ ଯୋଗ ଏବଂ ପ୍ରାକୃତିକ ଚିକିତ୍ସା ଅନୁସନ୍ଧାନ ପ୍ରତିଷ୍ଠାନ ପାଇଁ ଭିତ୍ତିପ୍ରସ୍ତର ରଖିଛନ୍ତି। ଏହା ଦ୍ୱାରା ଓଡ଼ିଶାରେ ପ୍ରାକୃତିକ ଚିକିତ୍ସା ଓ ଯୋଗର ପ୍ରସାର ହେବ। ରାଜ୍ୟରେ ଆୟୁଷ ଚିକିତ୍ସା ବ୍ୟବସ୍ଥାର ଉନ୍ନତି ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ। ଆମ ସରକାର ଏହି ଦିଗରେ ଯାହାସବୁ ସମ୍ଭବ, ସବୁ କରିବାକୁ ଚେଷ୍ଟା କରିବେ। ଏହା ସହିତ ଆୟୁଷ ଚିକିତ୍ସା ପଦ୍ଧତିର ଲୋକପ୍ରିୟତାକୁ ଦୃଷ୍ଟିରେ ରଖି ଜାତୀୟ ଆୟୁଷ ମିଶନ ଦ୍ୱାରା ୫୦ ଶଯ୍ୟା ବିଶିଷ୍ଟ ୩ଟି ସମନ୍ୱିତ ଆୟୁଷ ଚିକିତ୍ସାଳୟ ଢେଙ୍କାନାଳ, ବ୍ରହ୍ମପୁର ଓ ବାଲେଶ୍ୱର ଠାରେ ଖୁବ୍ ଶୀଘ୍ର ସ୍ଥାପନ କରାଯିବ। ରାଜ୍ୟର ସବୁ ପଞ୍ଚାୟତରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପ୍ରତିଷ୍ଠା ପାଇଁ ଆମର ଲକ୍ଷ୍ୟ ରହିଛି। ଚଳିତ ବର୍ଷ ଏଥିପାଇଁ ୫୦୦ କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରାଯାଇଛି। କେବଳ ସେତିକି ନୁହେଁ, କେନ୍ଦ୍ର ସରକାର ଓଡ଼ିଶାରେ ଏକ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫର୍ମାସ୍ୟିଟିକାଲ୍ ଏଜୁକେସନ ଆଣ୍ଡ ରିସର୍ଚ୍ଚ ଏବଂ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍ପିଚ୍ ଆଣ୍ଡ ହିୟରିଂ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ପ୍ରତିଷ୍ଠାନ ଗୁଡ଼ିକ ସ୍ୱାସ୍ଥ୍ୟ କ୍ଷେତ୍ରରେ ଓଡ଼ିଶାକୁ ଅଗ୍ରଣୀ କରିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । କୃଷି କ୍ଷେତ୍ରରେ ମୃତ୍ତିକା ସଂରକ୍ଷଣର ଖୁବ୍ ଗୁରୁତ୍ୱ ରହିଛି। ଜମି ଓ ଜଳର ସୁରକ୍ଷା ଏବଂ ପରିଚାଳନା ନିମନ୍ତେ ମୃତ୍ତିକା ସଂରକ୍ଷଣ ସମ୍ପ୍ରସାରଣ କର୍ମଚାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେହିପରି ଶକ୍ତି ବିଭାଗ, ଜଳ ସମ୍ପଦ ଏବଂ ଇସ୍ପାତ ଓ ଖଣି ବିଭାଗ ଅଧୀନରେ ନିଯୁକ୍ତ ପାଇଥିବା ଅଧିକାରୀ ଓ କର୍ମଚାରୀମାନେ ସେମାନଙ୍କ ବିଭାଗୀୟ କାର୍ଯ୍ୟାଧାରାକୁ ଆହୁରି କ୍ରିୟାଶୀଳ କରିବେ ବୋଲି ଆଶା। ଉଦ୍ୟାନ କୃଷି ମାଧ୍ୟମରେ ଗ୍ରାମ୍ୟ ଅର୍ଥନୀତିର ବିକାଶ କରିବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ଜାରି ରହିଛି। ଏହି କାର୍ଯ୍ୟକ୍ରମ ଗୁଡ଼ିକର ସୁଫଳ ଗ୍ରାମାଞ୍ଚଳବାସୀଙ୍କ ପାଇଁ ଉପଲବ୍ଧ କରାଇବାରେ ଉଦ୍ୟାନ କୃଷି ଅଧିକାରୀ ମାନଙ୍କ ଗୁରୁଦାୟିତ୍ୱ ରହିଛି ବୋଲି ସେ କହିଥିଲେ। ଏହି ନିଯୁକ୍ତି ମେଳା କାର୍ଯ୍ୟକ୍ରମରେ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ, ଡକ୍ଟର ମୁକେଶ ମହାଲିଙ୍ଗ, ଇସ୍ପାତ ଓ ଖଣି ମନ୍ତ୍ରୀ, ବିଭୁତି ଭୂଷଣ ଜେନା, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପ୍ରମୁଖ ଉପସ୍ଥିତ ରହି ନବନିଯୁକ୍ତ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଧୈର୍ଯ୍ୟ, ସହିଷ୍ଣୁତା, ଦକ୍ଷତାର ସହ କାର୍ଯ୍ୟ କରିବା ଏବଂ ନିଜ କଠିନ ପରିଶ୍ରମକୁ ଅବ୍ୟାହତ ରଖିବା ପାଇଁ ପ୍ରୋତ୍ସାହିତ କରିଥିଲେ। ନିଯୁକ୍ତିପତ୍ର ପାଇଥିବା ସମସ୍ତ ବିଭାଗର ନବନିଯୁକ୍ତ ଅଧିକାରୀ ଓ କର୍ମଚାରୀ ମାନେ ନିଜର ଅଭିଜ୍ଞତା ବର୍ଣ୍ଣନା କରିବା ସହିତ ରାଜ୍ୟସରକାରଙ୍କ ସ୍ୱଚ୍ଛ ନିଯୁକ୍ତି ପ୍ରକ୍ରିୟା ଆଭିମୁଖ୍ୟ ସମ୍ପର୍କ ବିଷୟରେ ଅଭିଭାଷଣ ରଖି ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଇସ୍ପାତ ଓ ଖଣି ବିଭାଗ, ସୁରେନ୍ଦ୍ର କୁମାର ସ୍ୱାଗତ ଭାଷଣ ଦେଇଥିବା ବେଳେ, କମିଶନର ତଥା ସଚିବ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, ଆଶ୍ୱଥି ଏସ ଧନ୍ୟବାଦ ଦେଇଥିଲେ।

## ଆଇଏଏସ୍ ...

ବର୍ମାଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସମର୍ଥଙ୍କୁ ଓଡ଼ିଶା ସିନେ ଉନ୍ନୟନ ନିଗମର ଏମଡି ସହ ଲଘୁ ଖଣିଜ ବିଭାଗର ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି।

## ତାତିରୁ ମିଳିବ...

କେନ୍ଦ୍ରାପଡ଼ା ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଝାରସୁଗୁଡ଼ା, ସୁନ୍ଦରଗଡ, ଦେବଗଡ଼, ବୌଦ୍ଧ ,ଅନୁଗୁଳ ଢେଙ୍କାନାଳ ଓ ଯାଜପୁର ଜିଲ୍ଲାରେ ୩୦ ରୁ ୪୦ କିମି ବେଗରେ ପବନ ବହିବ। ୨୧ ତାରିଖରେ ମଧ୍ୟ ବର୍ଷା ଲାଗି ରହିବ। ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ମୟୂରଭଞ୍ଜ ,ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୨୨ ତାରିଖରେ ସଂପୂର୍ଣ୍ଣ ଓଡ଼ିଶାରେ ବର୍ଷା ସହ କୁଆପଥର ବିଜୁଳି ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି। ସେଥି ପାଇଁ ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ, ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଓ ଝାରସୁଗୁଡ଼ା, ବରଗଡ, ସମ୍ବଲପୁର, ଦେଓଗଡ, ଅନୁଗୁଳ, ଢେଙ୍କାନାଳ, ଯାଜପୁର, କଟକ, ବାଲେଶ୍ୱର, ଭଦ୍ରକ କେନ୍ଦ୍ରାପଡ଼ା ଏବଂ ଜଗତସିଂହପୁର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି ।

## ମହାକୁମ୍ଭ ରୂପରେ...

ଅନୁଭବ କଲି । ମହାକୁମ୍ଭରୁ ପ୍ରେରଣା ନେଇ ନଦୀ ଉତ୍ସବ ପରମ୍ପରାକୁ ଆଗକୁ ନେବା । ଏହାଦ୍ୱାରା ଯୁବପିଢି ଜଳର ମହତ୍ତ୍ୱ ବୁଝିବେ , ନଦୀର ରକ୍ଷା ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ଉଚ୍ଚଶିକ୍ଷା, କ୍ରୀଡା ...

ସନ୍ତୋଷ ଖଟୁଆ, ସାରଦା ପ୍ରସାଦ ନାୟକ ଓ ବାବୁ ସିଂ ପ୍ରମୁଖ ଭାଗ ନେଇଥିଲେ। ଖର୍ଚ୍ଚ ଦାବି ଆଲୋଚନାର ଉତ୍ତର ଦେଇ ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଓଡ଼ିଶା ସରକାରଙ୍କ ୨୦୨୫-୨୬ ଆର୍ଥିକ ବର୍ଷର ଉଚ୍ଚଶିକ୍ଷା ବଜେଟ୍ ଗବେଷଣା, ନବ ସୃଜନ ଏବଂ ଛାତ୍ରଛାତ୍ରୀମାନଙ୍କ ସାମଗ୍ରିକ ବିକାଶ ଆଦି ଉପରେ ଗୁରୁତ୍ୱାରୋପ କରୁଛୁ। ଶିକ୍ଷାନୁଷ୍ଠାନର ଭିତ୍ତିଭୂମି, ଛାତ୍ରବୃତ୍ତି, ଦକ୍ଷତା ବିକାଶ ଏବଂ ଶିକ୍ଷା ବ୍ୟବସ୍ଥାର ଆଧୁନିକୀକରଣରେ ଗୁରୁତ୍ୱପୂର୍ଣ୍ଣ ନିବେଶ ସହିତ ଏହି ପଦକ୍ଷେପଗୁଡିକ ଗୁଣାତ୍ମକ ଶିକ୍ଷା ପ୍ରଦାନକୁ ମଧ୍ୟ ସୁନିଶ୍ଚିତ କରୁଛି। ବିଶ୍ୱସ୍ତରୀୟ ମାନଦଣ୍ଡ ସହିତ ସମନ୍ୱୟ ରଖି ଓଡ଼ିଶା ଉଚ୍ଚ ଶିକ୍ଷାରେ ଏକ ଅଗ୍ରଣୀ ରାଜ୍ୟ ଭାବରେ ପରିଗଣିତ ହେବା ନିମନ୍ତେ ପ୍ରୟାସ ଜାରି ରଖିଛି। ଉଚ୍ଚ ଶିକ୍ଷାମନ୍ତ୍ରୀ କହିଥିଲେ ରାଜ୍ୟରେ ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହିତ ଛାତ୍ରଛାତ୍ରୀମାନଙ୍କର ସାମଗ୍ରିକ ବିକାଶ ନିମନ୍ତେ ସରକାର ପ୍ରତିଶ୍ରୁତିବଦ୍ଧ। ଉଚ୍ଚଶିକ୍ଷା ଅନୁଷ୍ଠାନମାନଙ୍କରେ ଗୁଣାତ୍ମକ ଶିକ୍ଷା ପ୍ରଦାନକୁ ସୁନିଶ୍ଚିତ କରିବା ସହିତ ଗବେଷଣା ଓ ନବସୃଜନକୁ ପ୍ରୋତ୍ସାହନ ଦେବା, ଶିଳ୍ପ-ଶିକ୍ଷା ସମ୍ପର୍କ ଏବଂ ଉଦ୍ୟୋଗୀତାକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ରାଜ୍ୟରେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ୧୭ଟି ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ, ୬ଟି ରାଜ୍ୟ ଘରୋଇ ବିଶ୍ୱବିଦ୍ୟାଳୟ ତିନୋଟି ଡିମ୍‌ଡ-ଟୁବି ୟୁନିଭର୍ସିଟି, ୮୨ ସରକାରୀ ମହାବିଦ୍ୟାଳୟ, ୬୪୮ ଅଣ ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ରହିଛି। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଗୁଡିକର ଭିତ୍ତିଭୂମି ବିକାଶ ପାଇଁ ଯଥାକ୍ରମେ ୪୦୫ କୋଟି ଓ ୩୭୫ କୋଟି ଟଙ୍କା ଅନୁଦାନ ପ୍ରଦାନ କରାଯାଇଥିବା ବେଳେ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥାର ଆଧୁନିକୀକରଣ ପାଇଁ ୪୦ କୋଟି ଟଙ୍କା, ପରୀକ୍ଷାଗାର ଅନୁଦାନ ପାଇଁ ୨୦ କୋଟି ଟଙ୍କା, ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ଯୋଜନାରେ ୧୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସେହିପରି ରେଭେନ୍ସା, ବ୍ରହ୍ମପୁର, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ୪୦୦ କୋଟି, ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ୫ଟି ବିଶ୍ୱବିଦ୍ୟାଳୟକୁ ୧୦୦ କୋଟି, ମହାବିଦ୍ୟାଳୟ ଭିତ୍ତିଭୂମି ବିକାଶ ପାଇଁ ମହାବିଦ୍ୟାଳୟକୁ ୧୨୦ କୋଟି ଅର୍ଥ ବ୍ୟବସ୍ଥା କରାଯାଇଥିବା ମନ୍ତ୍ରୀ କହିଥିଲେ। ଛାତ୍ରଛାତ୍ରୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା। ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନା, ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କ ପାଇଁ ଆର୍ଥିକ ପ୍ରୋତ୍ସାହନ, ଗୋଦାବରିଶ ବିଦ୍ୟାର୍ଥୀ ପ୍ରୋତ୍ସାହନ, ଛାତ୍ରଛାତ୍ରୀଙ୍କ ଆତ୍ମରକ୍ଷା ପାଇଁ ତାଲିମ, ଜାତୀୟ ସେବା ଯୋଜନା, କଳିଙ୍ଗ ଶିକ୍ଷା ସାଥୀ ଯୋଜନା, ସିଭିଲ ସେବା ପ୍ରବେଶିକା ପରୀକ୍ଷା ପାଇଁ ମାଗଣା କୋଚିଂ ପ୍ରଦାନ, ଗ୍ରୀନ୍ ପ୍ୟାସେଜ୍ ଯୋଜନା ଆଦି ଗ୍ରହଣ କରାଯାଇଛି ବୋଲି ଉଚ୍ଚଶିକ୍ଷାମନ୍ତ୍ରୀ ପ୍ରକାଶ କରିଥିଲେ।

Government of Odisha
O/ODeputy Director of Horticulture
School of Horticulture,Khordha
Email id – sohkhordha@gmail.com
L-194

TENDER NOTICE FOR THE AUCTION OF FRUITS IN SOH, KHORDHA ORCHARD

No. 196(A) Dated: 04.03.2025

Sealed tenders are invited for auction of Mango fruits in the orchard of the SOH,Khordhafor the period up to 30th June'2025.

| Sl.No. | Name of Fruit | No. of Fruit bearing Trees |
|---|---|---|
| 1 | Mango tree (>30yrs) | 133 |
| 2 | Mango tree(>10 yrs) | 131 |

1. Tender form with terms & conditions can be obtained from the office of Deputy Director of Horticulture, Khordha on payment of Rs.100/- (One hundred only) in cash. Issue of tender form will start from 17/03/2025 and closing date & time for receipt of tender document will be 28/03/2025(Friday) up to1.00 pm. Tenders will be opened on the same day at 3.00 pm by the committee in the O/o the DDH,SoH,Khordha. Every tenderer will have to deposit Rs.2000/- as EMDto participate in the tender process in shape of DD in favour of Deputy Director of Horticulture, School of Horticulture, Khordha. Those who are interested to visit the orchards they can see the condition of orchard on any working days from 10.30AM to 5.00PM. If the tendered rates for the above said Mango fruits are found to be less than the upset price, tenders will not be accepted. Upset price in respect of Mango fruits is available in sealed envelope with the tender committee. DDH,SoH,Khordha reserves all the rights to reject any or all tenders fully or partially at any time without assigning any reason there of.
2. The tenderers should submit their address proof with tender form either in the form of voter ID card/Aadhar card/ Ration card/ Driving license/ Telephone Bill or Electricity Bill of his residence.

OIPR-01567/11/0001/2425 Sd/- DDH,SOH,KHORDHA

# ମଞ୍ଜିରା ୩.୦ର ଉଦ୍‌ଘାଟନୀ ସମାରୋହ ଏକ ମହାନ ଆରମ୍ଭ



**ପାରଳାଖେମୁଣ୍ଡି, ନ୍ୟୁଜ୍‌ବ୍ୟୁରୋ**

ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ମ୍ୟାନେଜମେଣ୍ଟ ସ୍କୁଲ ଏହାର ବହୁ ପ୍ରତୀକ୍ଷିତ ଛାତ୍ର ପରିଚାଳନା ମହୋତ୍ସବ, ମଞ୍ଜିରା ୩.୦କୁ ଅତ୍ୟନ୍ତ ଉତ୍ସାହ ଏବଂ ଅଂଶଗ୍ରହଣ ସହିତ ଉଦ୍‌ଘାଟନ କରିଥିଲା। ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ଆସୋସିଏଟ୍ ଡିନ୍ ଡକ୍ଟର ପ୍ରଜ୍ଞା ପାଣିଙ୍କ ପ୍ରେରଣାଦାୟକ ଉଦ୍‌ଘାଟନୀ ଭାଷଣ ସହିତ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା, ଯିଏ ଉପସ୍ଥିତ ଲୋକଙ୍କୁ ସ୍ୱାଗତ କରିଥିଲେ ଏବଂ ଏକ ବୌଦ୍ଧିକ ଭାବରେ ସମୃଦ୍ଧ ଅଭିଜ୍ଞତା ପାଇଁ ମଞ୍ଚ ପ୍ରସ୍ତୁତ କରିଥିଲେ।

ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡକ୍ଟର ଅନିତା ପାତ୍ର ଉଦ୍‌ଘାଟନୀ ଭାଷଣ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ପରିଚାଳନାଗତ ଦକ୍ଷତା ଏବଂ ଉଦ୍ୟୋଗୀ ମନୋଭାବକୁ ପ୍ରୋତ୍ସାହିତ କରିବାରେ ଏପରି ପ୍ଲାଟଫର୍ମର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ସାମଗ୍ରିକ ଶିକ୍ଷା ଏବଂ ଅଭିଜ୍ଞତାମୂଳକ ଶିକ୍ଷା ପ୍ରତି ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ପ୍ରଶାସନ ନିର୍ଦ୍ଦେଶକ ଡକ୍ଟର ଦୁର୍ଗା ପାଢ଼ୀ ମଧ୍ୟ ସମାବେଶକୁ ସମ୍ବୋଧିତ କରିଥିଲେ, ଆଜିର ଗତିଶୀଳ ବ୍ୟବସାୟିକ ପରିବେଶରେ ପରିଚାଳନା ନୀତିର ଗୁରୁତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ସେ ଛାତ୍ରଛାତ୍ରୀମାନଙ୍କୁ କର୍ପୋରେଟ୍ ଜଗତରେ ଉନ୍ନତି ପାଇଁ ନେତୃତ୍ୱ ଦକ୍ଷତା ଏବଂ ଅନୁକୂଳନଶୀଳତା ବିକାଶ କରିବାକୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜେଆଇଟିଏମ୍‌ର ୧୯୯୮ ବ୍ୟାଚ୍ ?ର ଜଣେ ସମ୍ମାନିତ ପୂର୍ବତନ ଛାତ୍ର ଏବଂ ବେଙ୍ଗାଲୁରୁର ନିପନ୍ ଲାଇଫ୍ ଆସେଟ୍ ମ୍ୟାନେଜମେଣ୍ଟର ଡେପୁଟି ଜୋନାଲ୍ ହେଡ୍ ଶ୍ରୀ ଦେବ ମହାପାତ୍ରୋ ଯୋଗ ଦେଇଥିଲେ। ଶ୍ରୀ ମହାପାତ୍ରୋ ଡିଜିଟାଲ୍ ଯୁଗରେ ମାର୍କେଟିଂର ବିକଶିତ ଦୃଶ୍ୟପଟ ଉପରେ ଗୁରୁତ୍ୱାରୋପ କରିଥିଲେ, ଅନୁକୂଳନ ଏବଂ ନବସୃଜନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସେ ବର୍ତ୍ତମାନର ବ୍ୟବସାୟିକ ଇକୋସିଷ୍ଟମରେ ଥିବା ଚ୍ୟାଲେଞ୍ଜ ଏବଂ ସୁଯୋଗ ବିଷୟରେ ମଧ୍ୟ କହିଥିଲେ, ଛାତ୍ରଛାତ୍ରୀମାନଙ୍କୁ ସଫଳତାର ପାହାଚ ଭାବରେ ବିଫଳତାକୁ ଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ।

ବାସ୍ତବ ଜୀବନର ଉଦାହରଣ ଏବଂ ଆକର୍ଷଣୀୟ ଉପାଖ୍ୟାନ ମାଧ୍ୟମରେ, ସେ ଛାତ୍ରଛାତ୍ରୀମାନଙ୍କୁ ସୃଜନଶୀଳ ଭାବରେ ଚିନ୍ତା କରିବା, ଗଣନା କରାଯାଇଥିବା ବିପଦ ନେବାକୁ ଏବଂ ନେତୃତ୍ୱ ଗୁଣାବଳୀ ବିକାଶ କରିବାକୁ ପ୍ରେରଣା ଦେଇଥିଲେ। ତାଙ୍କର ଭାଷଣ ଦର୍ଶକଙ୍କ ମଧ୍ୟରେ ପ୍ରତିଧ୍ୱନିତ ହୋଇଥିଲା, ସେମାନଙ୍କୁ ଆତ୍ମବିଶ୍ୱାସ ଏବଂ ଦୃଢ଼ତାର ସହିତ ସେମାନଙ୍କର ମହତ୍ତ୍ୱାକାଂକ୍ଷା ହାସଲ କରିବାକୁ ପ୍ରେରଣା ଦେଇଥିଲା।

ମଞ୍ଜିରା ୩.୦ର ସଂଯୋଜକ ଡକ୍ଟର ସୁଶାନ୍ତ କୁମାର ପଟ୍ଟନାୟକ ଏହି କାର୍ଯ୍ୟକ୍ରମ ଆୟୋଜନ ଏବଂ ଏହାର ସଫଳତା ସୁନିଶ୍ଚିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏହି ମହୋତ୍ସବ ଛାତ୍ରଛାତ୍ରୀଙ୍କ ପରିଚାଳନାଗତ ବୁଦ୍ଧିକୁ ସମ୍ମାନ ଦେବା ପାଇଁ କେସ୍ ଷ୍ଟଡି ପ୍ରତିଯୋଗିତା, ବ୍ୟବସାୟ ସିମୁଲେସନ୍ ଏବଂ ବିଶେଷଜ୍ଞଙ୍କ ସହିତ ଆଲୋଚନା ସମେତ ଆକର୍ଷଣୀୟ କାର୍ଯ୍ୟକଳାପର ଏକ ଶୃଙ୍ଖଳା ପ୍ରତିଶ୍ରୁତି ଦେଉଛି। ଏପରି ଏକ ପ୍ରଭାବଶାଳୀ ଆରମ୍ଭ ସହିତ, ମାନଜାର ୩.୦ ଆକାଂକ୍ଷୀ ପରିଚାଳକ ଏବଂ ଉଦ୍ୟୋଗୀମାନଙ୍କ ପାଇଁ ଏକ ରୋମାଞ୍ଚକର ଏବଂ ଜ୍ଞାନ-ଆଧାରିତ ଯାତ୍ରା ହେବାକୁ ଯାଉଛି।

## ପ୍ରଫେସର ଶଙ୍କର କୁମାର ସାନ୍ୟାଲ ହରିଜନ ସେବକ ସଂଘର ରାଷ୍ଟ୍ରୀୟ ସଭାପତି ନିର୍ବାଚିତ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

୧୯୩୨ ମସିହାରେ ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ପ୍ରତିଷ୍ଠିତ ଐତିହାସିକ କିମ୍ବଦନ୍ତୀ ବହନ କରୁଥିବା ହରିଜନ ସେବକ ସଂଘର ପଞ୍ଚମ ଥର ପାଇଁ ରାଷ୍ଟ୍ରୀୟ ସଭାପତି ଭାବରେ ବିଶିଷ୍ଟ ଗାନ୍ଧୀବାଦୀ ପ୍ରଫେସର ଶଙ୍କର କୁମାର ସାନ୍ୟାଲ ନିର୍ବାଚିତ ହୋଇଛନ୍ତି। ଏହି ଅବସରରେ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଓଡ଼ିଶା ହରିଜନ ସେବକ ସଂଘର ସାଧାରଣ ସମ୍ପାଦକ ଆର୍ଯ୍ୟଭଟ୍ଟ ମହାନ୍ତି ଓଡ଼ିଶା ଶାଖା ତରଫରୁ ପ୍ରଫେସର ସାନ୍ୟାଲଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଭାରତ ବର୍ଷର ଏକ ଐତିହାସିକ ଗାନ୍ଧିବାଦୀ ଅନୁଷ୍ଠାନ ହରିଜନ ସେବକ ସଂଘ ର କାର୍ଯ୍ୟଧାରାକୁ ତ୍ୱରାନ୍ୱିତ କରିବାରେ ପ୍ରଫେସର ସାନ୍ୟାଲଙ୍କ ଯଥେଷ୍ଟ ଅବଦାନ ରହିଥିବା ବେଳେ ଆଗାମୀ ଦିନରେ ଏହା ଆହୁରି ଦ୍ରୁତଗାମୀ ହେବ ବୋଲି କୁହାଯାଇଛି।





ପୁରୀ ସ୍ୱର୍ଗଦ୍ୱାରରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡ. ଦେବେନ୍ଦ୍ର ପ୍ରଧାନଙ୍କ ଶେଷକୃତ୍ୟ ସମ୍ପନ୍ନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ବରିଷ୍ଠ ବ୍ୟକ୍ତିମାନେ। (ଫଟୋ : ସମ୍ବାଦ କଳିକା)

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 52-KUR-TRD-OT-2024-25

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ମଣ୍ଡଳରେ 03 ସଂଖ୍ୟକ ଟାୱାର ୱାଗନର 04 ସଂଖ୍ୟକ CUMMINS ନିର୍ମିତ ଡିଜେଲ୍ ଇଞ୍ଜିନଗୁଡ଼ିକର ନିର୍ଦ୍ଦିଷ୍ଟ କାଳିକ (Periodic) ଓଭରହଲିଙ୍ଗ (POH) ।

ବିଜ୍ଞାପିତ ମୂଲ୍ୟ : ₹ 1,24,20,980.46, EMD : ₹ 2,12,100/-, ଶେଷ ହେବା ଅବଧି: 180 ଦିନ ।

ବିଡ୍ ଆରମ୍ଭ ହେବା ତାରିଖ : ତା.20.03.2025ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.03.04.2025ରିଖ 1300 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼
PR-1089/P/24-25

OFFICE OF THE ANGUL MUNICIPALITY, ANGUL C-1909
Ph No. 06764-230582 email: angulmunicipality@gmail.com
Letter No. 842 Date 18.03.2025

EXPRESSION OF INTEREST

Expression of Interest in sealed cover are invited from the intending Artist Art Educational Institution, Non-Govt. Organization having experience of similar nature of works for Wall painting of Angul Municipality. The cost of EOI schedule paper is Rs.2000/- (Rupees Two thousand) only in shape of cash which is available in the office of the Angul Municipality from 19.03.2025 to 02.04.2025 up to 5.00 P.M. The last date of receipt the EOI on dt.02.04.2025 up to 12 Noon and the same will be opened on the same day at 12.30 P.M. in presence of the participator or their authorized representative. Terms and Conditions of contract and other documents attached as per EOI schedule. They should quote the rate per square meter only including cost of paint, labour etc. They should submit the EOI through Speed post/Regd. Post only to Angul Municipality, Angul -759122. The authority reserves the right to reject any or all the quotations without assigning any reason thereof.

Sd/- Executive Officer, Angul Municipality
OIPR-13085/11/0026/2425

OFFICE OF THE MUNICIPAL COUNCIL : SUNABEDA C-1901
No 932 / Dt 17.03.2025

REQUEST FOR PROPOSAL

Sealed RFP (double cover system) are invited from Local WSHGS / ALF for Operation & Maintenance of Micro Composting Centre ( MCC ) and Material Recovery Facilities (MRF) at Housing Board Sunabeda-(I) &, HAL township near R.Zone -(II) and Housing Board Sunabeda-(III) of Sunabeda Municipality. The proposal should reach in the office of the Executive Officer, Sunabeda Municipality through registered post /speed post and courier only on or before 1.00P.M of Dt-27.03.2025 and the same will be opened on Dt-27.03.2025 at 4.00 P.M in presence of WSHGs / ALF IMahasangha or their authorized ageru if present .The RFP term & condition, Technical Bid & Financial Bid will be available in Sunabeda Municipality website i.e www.sunabedamunicipality.in from 18.03.2025 to 26.03.2025 for download and wide publication. The undersigned reserves the right to reject any or all the tenders without assigning any reason thereof.

Sd/- Executive Officer, Sunabeda Municipality
OIPR-13076/11/0016/2425

ଭୁବନେଶ୍ୱର
୧୯ ମାର୍ଚ୍ଚ,
ବୁଧବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27





"କଥା କଳିକା"ର ଯୁବମାନସ କଥା ପର୍ଯ୍ୟାୟରେ ସମାଜସେବୀ ରବୀନ୍ଦ୍ରନାଥ ସ୍ମୃତି ପୁରସ୍କାର ଯୁଗ୍ମ ପ୍ରାପକ ସ୍ନିଗ୍ଧା ନାୟକ ଓ ପଦ୍ମାଳୟା ପାଢୀ।



ସୁଲେଖିକା ସୁପ୍ରଭା ରାୟ ଅନୁବାଦ ପୁରସ୍କାର, ଅନ୍ୟଭାଷାର କଥା ପର୍ଯ୍ୟାୟରେ ଯୁଗ୍ମ ପ୍ରାପକ ରେବାଦାସ ପଟ୍ଟନାୟକ।



ସୁଲେଖିକା ସୁପ୍ରଭା ରାୟ ଅନୁବାଦ ପୁରସ୍କାର, ଅନ୍ୟଭାଷାର କଥା ପର୍ଯ୍ୟାୟରେ ଅନ୍ୟତମ ଯୁଗ୍ମ ପ୍ରାପକ ମନୋଜ କୁମାର ବେହେରା।




ପିସ୍-ଫ୍ଲୁଟ ଫାଉଣ୍ଡେସନ ଟ୍ରଷ୍ଟ ପୁରସ୍କାର, ଗ୍ରାମୀଣ ଜନଜୀବନ ଉପରେ ଆଧାରିତ ଗଳ୍ପ ପର୍ଯ୍ୟାୟରେ ଯୁଗ୍ମ ପ୍ରାପକ ସୋମା ଚାନ୍ଦ୍ ଓ ଅଶୋକ ବିଶ୍ୱାଳ।

### ଆଜି ଶ୍ରୀବିଗ୍ରହଙ୍କ ବନକଲାଗି ନୀତି, ଅପରାହ୍ନ ୫ଟାରୁ ରାତି ୧୦ ଟା ପର୍ଯ୍ୟନ୍ତ ଦର୍ଶନ ବନ୍ଦ

# ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଏବେଠାରୁ ଆକ୍ସନ ପ୍ଲାନ



**ପୁରୀ, ୧୮/୩ ନ୍ୟୁଜ ବ୍ୟୁରୋ**

ବୁଧବାର ଚୈତ୍ର କୃଷ୍ଣ ପଞ୍ଚମୀ ତିଥି ପଡୁଛି। ଏହି ତିଥିରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ । ଏଣୁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ସର୍ବସାଧାରଣ ପାଇଁ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିବ। ଆପାତତଃ ଅପରାହ୍ନ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ପାଇଁ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ସେହିପରି ଜୁନ ୨୭ରେ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ଏଥିପାଇଁ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଛି ପୁରୀ ପ୍ରଶାସନ। ଯେଉଁ ବିଭାଗକୁ ଯେଉଁ ଦାୟିତ୍ୱ ଦିଆଯାଇଛି ତାହାକୁ ଅଗ୍ରାଧିକାର ଭିତ୍ତିରେ ସମ୍ପୂର୍ଣ୍ଣ କରିବାକୁ ମିଳିଛି ଡେଡ୍ ଲାଇନ୍। ମାର୍ଚ୍ଚ ଶେଷ ଆଡକୁ ହେବ ରଥଯାତ୍ରା ପ୍ରଥମ ସମନ୍ୱୟ କମିଟି ବୈଠକ। ତା' ପୂର୍ବରୁ ବିଭାଗୀୟ ଅଧିକାରୀଙ୍କୁ ଆକ୍ସନ ପ୍ଲାନ ରିପୋର୍ଟ ପ୍ରସ୍ତୁତ କରିବାକୁ ରହିଛି ନିର୍ଦ୍ଦେଶ। ଏହାସହ ରଥଯାତ୍ରା ପରିଚାଳନା ପାଇଁ ପ୍ରସ୍ତୁତ ହୋଇଛି ଏକକ ଆପ୍। ୫୦ ଲକ୍ଷ ଭକ୍ତଙ୍କ କ୍ରାଉଡ କଣ୍ଟ୍ରୋଲ ଷ୍ଟ୍ରାଟେଜି ପାଇଁ କୁମ୍ଭମେଳା ଭଳି ଷ୍ଟ୍ରାଟେଜି ଆପଣାଇବ ପୋଲିସ। ଏଆଇ ଟେକ୍ନୋଲୋଜି ସହ ସିସିଟିଭି ସର୍ଭିଲାନସ ଉପରେ ରହିବ ଫୋକସ୍। ଏଆଇ ମାଧ୍ୟମରେ ହେବ ଟ୍ରାଫିକ ମନିଟରିଂ। ପାର୍କିଂ ଠାରୁ ଆରମ୍ଭ କରି ରୋଡ ପର୍ଯ୍ୟନ୍ତ ସମସ୍ତ ସୂଚନା ଆଗୁଆ ପାଇବେ ଆଗନ୍ତୁକ। ଅନ୍ୟପଟରେ ଗତ ବର୍ଷର ଭୁଲ ସୁଧାରିବା ପାଇଁ ସେବାୟତଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ନିଯୋଗ ପାଇଁ କରାଯାଇଛି ସ୍ୱତନ୍ତ୍ର ବ୍ୟବସ୍ଥା। ସ୍ନାନ ପୂର୍ଣ୍ଣିମାରୁ ଆରମ୍ଭ କରି ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ନୀତି ଶୃଙ୍ଖଳା ପାଇଁ ସରିଛି ମାନସ ମନ୍ଥନ। ଚଳିତ ବର୍ଷ ଏପ୍ରିଲ ୩୦ ତାରିଖ ଅକ୍ଷୟ ତୃତୀୟା ତିଥିରେ ହେବ ରଥକାଠ ଅନୁକୂଳ, ଜୁନ ୧୧ରେ ଦେବସ୍ନାନ ପୂର୍ଣ୍ଣିମା, ଜୁନ ୨୭ରେ ଶ୍ରୀଗୁଣ୍ଡିଚା, ଜୁଲାଇ ୫ରେ ବାହୁଡା ଯାତ୍ରା, ଜୁଲାଇ ୬ରେ ସୁନାବେଶ, ଜୁଲାଇ ୭ରେ ଅଧରପଣା ଓ ଜୁଲାଇ ୮ ତାରିଖରେ ନୀଳାଦ୍ରି ବିଜେ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

# ଆଜିଠୁ ମାଟ୍ରିକ୍ ଖାତା ଦେଖା: କେନ୍ଦ୍ରରେ ଯୋଗ ଦେଲେ ୧୨ ହଜାର ଶିକ୍ଷକ

**କଟକ,୧୮/୦୩ ନ୍ୟୁଜ ବ୍ୟୁରୋ**

ମାଟ୍ରିକ୍ ପରୀକ୍ଷା ଖାତା ଦେଖା ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଛି। ରାଜ୍ୟର ୧୧ ହଜାର ୮ ଶହ ହାଇସ୍କୁଲ୍ ଶିକ୍ଷକ ଶିକ୍ଷୟିତ୍ରୀ ମୂଲ୍ୟାୟନରେ ନିୟୋଜିତ ହୋଇଛନ୍ତି। ୫୧ଟି ମୂଲ୍ୟାୟନ କେନ୍ଦ୍ରରେ ସବଜେକ୍ଟିଭ୍ ଉତ୍ତର ଖାତା କଡ଼ା ସୁରକ୍ଷା ବ୍ୟବସ୍ଥାରେ ପହଞ୍ଚିଛି। ମୂଲ୍ୟାୟନ ବ୍ୟବସ୍ଥାରେ ସ୍ୱଚ୍ଛତା ବଜାୟ ରଖିବା ଓ ତ୍ରୁଟିଶୂନ୍ୟ କରିବା ଲାଗି ବୋର୍ଡ କର୍ତ୍ତୃପକ୍ଷଙ୍କ ସହ ୩୦ ଜିଲ୍ଲା ଶିକ୍ଷାଧିକାରୀମାନଙ୍କ ସହ ସମୀକ୍ଷା ବୈଠକ କରିଛନ୍ତି । ଖାତା ଦେଖାରେ ନିୟୋଜିତ ଶିକ୍ଷକ ଓ ଅନ୍ୟ କର୍ମଚାରୀମାନେ ମଙ୍ଗଳବାର ସକାଳ ୧୦ଟା ସୁଦ୍ଧା ମୂଲ୍ୟାୟନ କେନ୍ଦ୍ରରେ ପହଞ୍ଚିଥିଲେ । ଏଥିରେ ଅବହେଳା କଲେ ଜିଲ୍ଲା ଶିକ୍ଷାଧିକାରୀମାନେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ସତର୍କ କରାଇ ଦିଆଯାଇଥିଲା । ମୂଲ୍ୟାୟନ ବ୍ୟବସ୍ଥାକୁ ନେଇ ମଙ୍ଗଳବାର ଡିଇଓମାନେ ଜିଲ୍ଲା ସ୍ତରରେ ସମୀକ୍ଷା କରିବାକୁ ବୋର୍ଡ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ବୁଧବାର ଠାରୁ ଖାତା ଦେଖା ସକାଳ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲିବ । ପ୍ରାୟ ୧୨ ଦିନ ବ୍ୟାପୀ ମୂଲ୍ୟାୟନ ଚାଲିବ । ଖାତା ଦେଖାରେ ନିୟୋଜିତ ଶିକ୍ଷକ ଓ ଅନ୍ୟ କର୍ମଚାରୀମାନେ ଏହି ସମୟରେ କେନ୍ଦ୍ର କ୍ୟାମ୍ପସ୍ ବାହାରକୁ ଯାଇପାରିବେ ନାହିଁ। ସେହିପରି କେନ୍ଦ୍ରକୁ ମୋବାଇଲ୍ ନେବା ମଧ୍ୟ ବାରଣ ରହିଛି । ଏଥିରେ ଖିଲାପ କଲେ ସମ୍ପୃକ୍ତ ମୂଲ୍ୟାୟନକାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବୋର୍ଡ କର୍ତ୍ତୃପକ୍ଷ କହିଛନ୍ତି । ଖାତା ଦେଖା ଲାଗି ଗୋଟିଏ ୟୁନିଟ୍‌ରେ ଜଣେ ଚିଫ୍ ଏକଜାମିନର, ଦୁଇ ଜଣ ଡେପୁଟି ଚିଫ୍ ଏକଜାମିନର, ଦୁଇ ଜଣ ସ୍କୃଟିନାଇଜର, ବୋର୍ଡ ପକ୍ଷରୁ ନିୟୋଜିତ ଜଣେ କ୍ୟାମ୍ପ ଅଫିସର, ମୂଲ୍ୟାୟନ କେନ୍ଦ୍ର ହୋଇଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବା ସୁପରଭାଇଜର ନିୟୋଜିତ ହୋଇଛନ୍ତି। ଏହାବାଦ୍ ପ୍ରତି ମୂଲ୍ୟାୟନ କେନ୍ଦ୍ରରେ ୧୦ ଜଣ ମୂଲ୍ୟାୟନକାରୀଙ୍କୁ ରିଜର୍ଭରେ ରଖାଯାଇଛି । ଆବଶ୍ୟକସ୍ଥଳେ ଡିଇଓମାନେ ଅଧିକ ଶିକ୍ଷକଙ୍କୁ ଏହି ମୂଲ୍ୟାୟନ ପ୍ରକ୍ରିୟାରେ ସାମିଲ୍ କରିପାରିବାର ସୁବିଧା ରହିଥିବା ବୋର୍ଡର ଜଣେ ଅଧିକାରୀ କହିଛନ୍ତି। ସବଜେକ୍ଟିଭ୍ ପ୍ରଶ୍ନରୁ ଜଣେ ଶିକ୍ଷକଙ୍କୁ କେବଳ ନିର୍ଦ୍ଦିଷ୍ଟ ଗୋଟିଏ ପ୍ରଶ୍ନର ଉତ୍ତର ମୂଲ୍ୟାୟନ କରିବାର ବ୍ୟବସ୍ଥା ରହିଛି । ଏପରି ସମ୍ପୃକ୍ତ ଶିକ୍ଷକ ଦିନକୁ ୧୦୦ଟି ପ୍ରଶ୍ନର ଉତ୍ତର ମୂଲ୍ୟାୟନ କରିବେ ବୋଲି ସୂଚନା ମିଳିଛି । ସେହିପରି ମୂଲ୍ୟାୟନ ପରେ ପ୍ରତିଦିନ ମାର୍କ ଅପଲୋଡ୍ କରାଯିବ । ଏଥିଲାଗି ବୋର୍ଡ ପକ୍ଷରୁ ୩ ଶହ ଡାଟା ଏଣ୍ଟ୍ରି ଅପରେଟରଙ୍କୁ ନିୟୋଜିତ କରାଯାଇଛି । ମାଟ୍ରିକ୍ ପରୀକ୍ଷାର୍ଥୀମାନେ ୬ଟି ବିଷୟରେ ୬୦୦ ନମ୍ବରରେ ପରୀକ୍ଷା ଦେଇଥିଲେ ହେଁ ଏଥିରୁ ୫୦ ନମ୍ବର ସବଜେକ୍ଟିଭ୍ ଓ ୫୦ ନମ୍ବର ଅବଜେକ୍ଟିଭ୍ ପ୍ରଶ୍ନରେ ପରୀକ୍ଷା ଦେଇଥିଲେ । ମାଟ୍ରିକ୍ ସହ ଷ୍ଟେଟ୍ ଓପନ ସ୍କୁଲ୍ ସାର୍ଟିଫିକେଟ୍ (ଏସ୍ଓଏସ୍ସି) ପରୀକ୍ଷାର ମୂଲ୍ୟାୟନ ମଧ୍ୟ ବୁଧବାରଠାରୁ ହେବ।

## ବିଜ୍ଞାପନ ହୋର୍ଡିଂରେ ଅନିୟମିତତା କରିଥିବା ସଂସ୍ଥା ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର, ୧୮/୩ ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲା ଆଦି ମହାନଗର ନିଗମ ସମେତ ରାଜ୍ୟର ବିଭିନ୍ନ ପୌରାଞ୍ଚଳରେ ବିଗତ ୫ ବର୍ଷ ମଧ୍ୟରେ ବିଜ୍ଞାପନ ହୋର୍ଡ଼ିଂ ଲଗାଇବା କ୍ଷେତ୍ରରେ ହୋଇଥିବା ଅନିୟମିତତାର ସତ୍ୟତା ରହିଛି। ଏହାର ଅନୁସନ୍ଧାନ କରି ଅନିୟମିତତା କରିଥିବା ସଂସ୍ଥାଗୁଡ଼ିକୁ ତୁରନ୍ତ ନୋଟିସ୍ କରିବା ଲାଗି ପୌର ପ୍ରଶାସନ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ବିଧାନ ସଭାରେ ପ୍ରକାଶ କରିଛନ୍ତି।

DSPL-427

# ଟୀକାକରଣ

ଠିକ୍ ସମୟରେ ସଠିକ୍ ଟୀକାଦେଇ ଆପଣଙ୍କ ଶିଶୁକୁ ସୁରକ୍ଷିତ ରଖନ୍ତୁ ।

## ୫ ବର୍ଷରେ ୭ ଥର

ଟୀକା ନେବାକୁ ଭୁଲନ୍ତୁ ନାହିଁ କୌଣସି ଥର




## ଟୀକାକରଣ ସୂଚୀ

| ବୟସ | ଟୀକା |
|---|---|
| ଜନ୍ମ ସମୟରେ | ବିସିଜି, ଓପିଭି, ହେପାଟାଇଟିସ୍- ବି (ଜନ୍ମ ମାତ୍ରା) |
| ୬ ସପ୍ତାହ (ଦେଢ ମାସ) | ଓପିଭି-୧, ପେଣ୍ଟାଭାଲେଣ୍ଟ-୧, ଏଫଆଇପିଭି-୧, ଆର୍‌ଭିଭି-୧, ପିସିଭି-୧ |
| ୧୦ ସପ୍ତାହ (ଅଢେଇ ମାସ) | ଓପିଭି-୨, ପେଣ୍ଟାଭାଲେଣ୍ଟ-୨, ଆର୍‌ଭିଭି-୨ |
| ୧୪ ସପ୍ତାହ (ସାଢେ ତିନି ମାସ) | ଓପିଭି-୩, ପେଣ୍ଟାଭାଲେଣ୍ଟ-୩, ଏଫଆଇପିଭି-୨, ଆର୍‌ଭିଭି-୩, ପିସିଭି-୨ |
| ୯-୧୨ମାସ | ଏମ୍ଆର୍-୧, ଭିଟାମିନ୍-କ***,ପିସିଭି ବୁଷ୍ଟର, ଜେଇ-୧**ଏଫଆଇପିଭି-୩ |
| ୧୬-୨୪ମାସ | ଏମ୍ଆର୍-୨,ଭିଟାମିନ୍-କ***, ଡିପିଟି ବୁଷ୍ଟର-୧, ଓପିଭି ବୁଷ୍ଟର-୧,ଜେଇ-୨** |
| ୫-୬ ବର୍ଷ | ଡିପିଟି ବୁଷ୍ଟର-୨ |
| ୧୦ ବର୍ଷ | ଟି.ଡି |
| ୧୬ ବର୍ଷ | ଟି.ଡି |
| ଗର୍ଭବତୀ ମହିଳା | ଟି.ଡି-୧, ଟି.ଡି-୨, ଟି.ଡି ବୁଷ୍ଟର* |

* ଯଦି ୩ ବର୍ଷ ଭିତରେ ଟିଟି/ଟିଡି ଟୀକାର ଦୁଇଟି ମାତ୍ରା ନେଇଥିବେ ।
** କେବଳ ଜେଇ ପ୍ରବଣ ଜିଲ୍ଲା ମାନଙ୍କ ନିମନ୍ତେ
*** ଭିଟାମିନ୍-କ, ୯ ମାସରୁ ଆରମ୍ଭ ହୋଇ ୫ ବର୍ଷ ପର୍ଯ୍ୟନ୍ତ ପ୍ରତି ୬ ମାସ ବ୍ୟବଧାନରେ ଦିଆଯାଏ ।

ଆପଣଙ୍କ ଶିଶୁ ନେଉଥିବା ଟୀକା ଗୁଡିକ ୟୁ-ୱିନ୍ ପୋର୍ଟାଲରେ ଅପ୍‌ଡେଟ୍ କରନ୍ତୁ ।

OIPR-10003/13/0133/2425

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

ଟୀକାକରଣ ନିଶ୍ଚୟ କରାନ୍ତୁ !
facebook.com/HFWOdisha
http://www.health.odisha.gov.in/
@HFWOdisha
NATIONAL HEALTH MISSION

# ରାଜ୍ୟରେ ୫୩ଟି ଇକୋଟୁରିଜିମ୍ ସ୍ପଟ୍‌କୁ ବିକଶିତ କରାଯିବ : ମନ୍ତ୍ରୀ

**ଭୁବନେଶ୍ୱର, ୧୮/୩ ନ୍ୟୁଜ ବ୍ୟୁରୋ**



ରାଜ୍ୟର ୨୧ଟି ଜିଲ୍ଲାରେ ୫୩ଟି ଇକୋ ଟୁରିଜିମ୍ ସ୍ପଟକୁ ବିକଶିତ କରାଯାଇ ଏଠାକୁ ପର୍ଯ୍ୟଟକମାନଙ୍କୁ ଅଧିକ ସଂଖ୍ୟାରେ ଆକୃଷ୍ଟ କରିବା ପାଇଁ ବିଭାଗ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ଆଉ ଯେଉଁସବୁ ପର୍ଯ୍ୟଟନସ୍ଥଳୀ ରହିଛି, ତାହାର ପ୍ରସ୍ତାବ ଆସିଲେ ସମ୍ଭାବ୍ୟ ଅନୁଧ୍ୟାନ କରାଯାଇ ସେଗୁଡ଼ିକର ମଧ୍ୟ ବିକାଶ କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ବିଧାନସଭାରେ ପ୍ରକାଶ କରିଛନ୍ତି। ବିଧାୟକ ଦୁଷ୍ମନ୍ତ ସ୍ୱାଇଁଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଥିଲେ ନୟାଗଡ଼ ଜିଲ୍ଲାର ଖଣ୍ଡପଡ଼ା ଅଞ୍ଚଳରେ ଏକ ନୂଆ ଫରେଷ୍ଟ ରେଷ୍ଟ ହାଉସ୍ କରିବାର ପ୍ରସ୍ତାବ ରହିଛି। ଏହା ଉପରେ ଅନୁଧ୍ୟାନ ପାଇଁ ଡିଏଫ୍ଓଙ୍କୁ କୁହାଯାଇଛି। ବିଜେଡ଼ି ବିଧାୟକ ସାରଦା ପ୍ରସାଦ ଜେନା ପାରାଦ୍ୱୀପ ଅଞ୍ଚଳରେ ବିଭିନ୍ନ କଳକାରଖାନା ଯୋଗୁ ପରିବେଶ ପ୍ରଦୂଷଣ ହେଉଥିବାରୁ ଧାନ, ପାନ, ମୀନ ଓ କାଜୁବୃକ୍ଷ ବହୁଳ ଭାବେ ପ୍ରଭାବିତ ହେଉଥିବା ନେଇ କ୍ଷୋଭ ପ୍ରକାଶ କରି ଏହାର ପ୍ରତିକାର ଦିଗରେ ସରକାର ପଦକ୍ଷେପ ନେବାକୁ ପ୍ରସ୍ତାବ ଦେଇଥିଲେ। ଏହାର ଉତ୍ତରରେ ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ପ୍ରସ୍ତାବ ଉପରେ ତର୍ଜମା କରାଯାଇ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ବିଜେପି ବିଧାୟକ ସରୋଜ କୁମାର ପାଢୀ ଗଞ୍ଜାମ ଜିଲ୍ଲାର ଆସିକା ଅଞ୍ଚଳରେ ବହୁ ସଂଖ୍ୟାରେ କୃଷ୍ଣସାର ମୃଗ ରହିଥିବାରୁ ସେମାନଙ୍କ ସୁରକ୍ଷା ପାଇଁ ଏବଂ ସମ୍ପୃକ୍ତ ଅଞ୍ଚଳରେ ପର୍ଯ୍ୟଟନର ବିକାଶ ପାଇଁ ପଦକ୍ଷେପ ନେବାକୁ ସରକାରଙ୍କୁ ଜଣାଇଥିଲେ। ଏ ଦିଗରେ ମଧ୍ୟ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଥିଲେ। ବିଜେଡ଼ି ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ନୂଆପଡ଼ା ଜିଲ୍ଲା ଖଡ଼ିଆଳରେ ଇକୋଟୁରିଜିମ ବ୍ୟବସ୍ଥା କରିବାକୁ, ବିଜେଡ଼ି ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଅଂଶୁପା ହ୍ରଦର ସୁରକ୍ଷା ପାଇଁ ପଦକ୍ଷେପ ନେବା ଏବଂ ବିଜେଡ଼ି ବିଧାୟକ ପ୍ରଶାନ୍ତ କୁମାର ବେହେରା ମା' ଡମଣୀ ପୀଠର ବିକାଶ ପାଇଁ ଏହାକୁ ଇକୋ ଟୁରିଜିମ ସ୍ପଟ ଭାବେ ବିକଶିତ କରିବା ପାଇଁ ନିବେଦନ କରିଥିଲେ। ଅନ୍ୟ ପକ୍ଷରେ ବିଜେଡ଼ିର ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ରାଜ୍ୟ ସରକାର ଇକୋ ଟୁରିଜିମ ବିକାଶ ପାଇଁ ରୋଡ଼ ମ୍ୟାପ୍ ପ୍ରସ୍ତୁତ କରିଛନ୍ତି କି ନାହିଁ ଏବଂ ଏହା ଉପରେ ବିଭିନ୍ନ ବିଭାଗ ସହ ସମନ୍ୱୟ ରଖି ବୈଠକ କରିଛନ୍ତି କି ନାହିଁ ଜାଣିବାକୁ ଚାହିଁଥିଲେ। ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ବିଗତ ୮ ମାସ ମଧ୍ୟରେ ଏ ବାବଦରେ ବିଭାଗ ପକ୍ଷରୁ କୌଣସି ମିଟିଂ ହୋଇନଥିବା ସ୍ୱୀକାର କରିଥିଲେ ମଧ୍ୟ ଖୁବ୍ ଶୀଘ୍ର ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ।